# ସକାଳ THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-335 ◆WEDNESDAY ◆3 JUNE 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୩୩୫ ◆ବୁଧବାର ◆୩ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




**ଜାତୀୟ ହକି ଦଳରେ ସୁନେଲିତା**

▶ପୃଷ୍ଠା ୧୨ ଦେଖନ୍ତୁ...

## ଆଶ୍ୱସ୍ତି
# ରଜରେ ଓଡ଼ିଶା ଛୁଇଁବ ମୌସୁମୀ

■ ନୂଆଦିଲ୍ଲୀ, ୨।୬(ଏଜେନ୍ସି): ପୁଣି ବିଳମ୍ବିତ ହେଲା ମୌସୁମୀ । ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ ୧ ବଦଳରେ ଆସନ୍ତା ଜୁନ୍ ୪ ତାରିଖରେ କେରଳ ଛୁଇଁବ । ମୌସୁମୀ ୪ ଦିନ ବିଳମ୍ବରେ ଆସୁଥିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଆଜି ଏହି ସୂଚନା ଦିଆଯାଇଛି । ଏହାସହିତ ଭାରତରେ ବିଧିବଦ୍ଧ ଭାବେ ବର୍ଷା ଋତୁ ଆରମ୍ଭ ହୋଇଯିବ ଏବଂ ଦକ୍ଷିଣ ଭାରତରେ ବହୁ ପ୍ରତୀକ୍ଷିତ ବର୍ଷା ହେବ । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ଏକ ସପ୍ତାହ ମଧ୍ୟରେ ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟରେ ବ୍ୟାପକ ବର୍ଷା ହେବାର ସମ୍ଭାବନା ରହିଛି । ତେବେ ବିଶେଷ କରି କେରଳର କେତେକ ସ୍ଥାନରେ ୭ ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ଚେତାବନୀ ଦିଆଯାଇଛି । ମୌସୁମୀ ପ୍ରବାହ ଯୋଗୁଁ କେରଳ ସବୁଠାରୁ ଅଧିକ ପ୍ରଭାବିତ ହେବାର ସମ୍ଭାବନା ରହିଛି । ଏହାଛଡ଼ା ତାମିଲନାଡୁ

### ୪ରେ ପହଞ୍ଚିବ କେରଳ ଉପକୂଳ

ଏବଂ କର୍ଣ୍ଣାଟକର କିଛି ଅଂଶରେ ମଧ୍ୟ ପ୍ରବଳ ବର୍ଷା ହେବା ନେଇ ଆଇଏମ୍‌ଡି ସୂଚନା ଦେଇଛି । ଆରବ ସାଗରରେ ଜଳୀୟବାଷ୍ପ ପୂର୍ଣ୍ଣ ମୌସୁମୀ ବାୟୁ ଶକ୍ତିଶାଳୀ ହେବା ସହ ଏହା ଉତ୍ତର ଦିଗକୁ ଅଗ୍ରସର ହେବାରେ ଲାଗିଛି । ଏହି ପ୍ରକ୍ରିୟା ସ୍ୱାଭାବିକ ରହିଲେ ଆସନ୍ତା ରଜ ବେଳକୁ ମୌସୁମୀ ଓଡ଼ିଶା ପ୍ରବେଶ କରିବ ବୋଲି କୁହାଯାଉଛି । କାରଣ କେରଳ ସ୍ପର୍ଶ କରିବାର ୧୦ ଦିନରେ ମୌସୁମୀ ଓଡ଼ିଶାରେ ପ୍ରବେଶ କରିଥାଏ ।

ଆଇଏମ୍‌ଡି ଅନୁଯାୟୀ, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ପ୍ରଭାବରେ ମୌସୁମୀ ପବନ ପ୍ରବାହ ଦୁର୍ବଳ ହୋଇଯାଇଥିବାରୁ ଏହି ବିଳମ୍ବ ଘଟିଛି । ପୂର୍ବରୁ ମୌସୁମୀ ମେ' ୨୬ ସୁଦ୍ଧା ପହଞ୍ଚିବ ବୋଲି ଆଶା କରାଯାଉଥିଲା । କିନ୍ତୁ ବର୍ତ୍ତମାନ ଏହା ଜୁନ୍ ୪ ତାରିଖ ମଧ୍ୟରେ କେରଳ ଛୁଇଁବାର ସମ୍ଭାବନା ଅଛି । ମୌସୁମୀ ଅନୁମାନ ପାଇଁ ମୁଖ୍ୟତଃ ଆରବ ସାଗରରେ ପଶ୍ଚିମା ପବନର ଏକ ନିର୍ଦ୍ଦିଷ୍ଟ ବେଗ ରହିବା ଆବଶ୍ୟକ । ଏହାସହ ଆକାଶରେ ପର୍ଯ୍ୟାପ୍ତ ପରିମାଣର ବାଦଲ ରହିବା ଜରୁରୀ । ବର୍ଷା ଏବଂ ବାଦଲର ସ୍ଥିତି ସନ୍ତୋଷଜନକ ଥିଲେ ମଧ୍ୟ ପଶ୍ଚିମା ପବନର ବେଗ କମ୍ ରହିଥିଲା । ମାତ୍ର ଗତ ଜୁନ୍ ୧ରୁ ପବନର ବେଗ ବଢ଼ିଥିବାରୁ ଏହା ୪ ତାରିଖରେ କେରଳ ଛୁଇଁବ ବୋଲି ଆଶା କରାଯାଉଛି । ଚଳିତ ବର୍ଷ ଏଲ୍ ନିନୋ ପ୍ରଭାବ ଯୋଗୁଁ ସ୍ୱାଭାବିକଠାରୁ କମ୍ ବର୍ଷା ହେବାର ଆଶଙ୍କା ରହିଛି ।

ମୌସୁମୀ ବିଳମ୍ବିତ ହେଉଥିବା ବେଳେ ସମଗ୍ର ଦେଶରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି ।

## ସିବିଏସ୍‌ଇ ବିବାଦ
# ବିଦା ହେଲେ ଅଧ୍ୟକ୍ଷ, ସଚିବ

■ ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ପରୀକ୍ଷାରେ ଅନିୟମିତତା ପାଇଁ କେନ୍ଦ୍ର ସରକାର ଆଜି ସିବିଏସ୍‌ଇ ଅଧ୍ୟକ୍ଷ ରାହୁଲ ସିଂହ ଏବଂ ସଚିବ ହିମାଂଶୁ ଗୁପ୍ତାଙ୍କୁ ସେମାନଙ୍କ ପଦରୁ ହଟାଇ ଦେଇଛନ୍ତି । ଏହାସହିତ ଅନ୍-ସ୍କ୍ରିନ୍ ମାର୍କିଂ (ଓଏସ୍‌ଏମ୍) ସେବା ଯୋଗାଉଥିବା ସଂସ୍ଥା ସଂପର୍କରେ ତଦନ୍ତ ଲାଗି ସରକାର ଏକ କମିଟି ଗଠନ କରିଛନ୍ତି । ପରୀକ୍ଷା ମାର୍କିଂ ବ୍ୟବସ୍ଥାରେ ଅନିୟମିତତା ଓ ତ୍ରୁଟି ଯୋଗୁଁ ଲକ୍ଷ ଲକ୍ଷ ପିଲା ପ୍ରଭାବିତ ହୋଇଥିବା ବେଳେ ଏହାକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏହାପରେ ସରକାର ଆଜି ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଉଭୟ ରାହୁଲ ସିଂହ ଏବଂ ହିମାଂଶୁ ଗୁପ୍ତା ହେଉଛନ୍ତି ବରିଷ୍ଠ ଆଇଏଏସ୍ ଅଧିକାରୀ ଏବଂ ସେମାନଙ୍କର ତତ୍ତ୍ୱାବଧାନରେ ସିବିଏସ୍‌ଇର ସମସ୍ତ ବ୍ୟବସ୍ଥା ପରିଚାଳିତ ହେଉଥିଲା । ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟ ଠାରୁ ଆରମ୍ଭ କରି ପରୀକ୍ଷା ପରିଚାଳନା, ଶିକ୍ଷା ବ୍ୟବସ୍ଥା, ଅନୁବନ୍ଧନ, ନୀତି କ୍ରିୟାନ୍ୱୟନ ଓ ଗୁରୁତ୍ୱପୂର୍ଣ୍ଣ ସଂସ୍କାର କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ସେମାନଙ୍କୁ ନ୍ୟସ୍ତ କରାଯାଇଥିଲା । ଏଥିରେ ବିଫଳ ହେବାରୁ ସେମାନଙ୍କୁ ହଟାଯାଇଛି ।

ସିବିଏସ୍‌ଇ ପରୀକ୍ଷାଫଳରେ ଯେଉଁ ତ୍ରୁଟିବିଚ୍ୟୁତି ପାଇଁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହାର ମଧ୍ୟ ଯାଞ୍ଚ କରାଯିବ । ଏଥିଲାଗି ସରକାର ଜଣିକିଆ କମିଟି ଗଠନ କରିଛନ୍ତି । ରାଧା ଚୌହ୍ୱାନଙ୍କୁ ଏହି ତଦନ୍ତ ଦାୟିତ୍ୱ ଦିଆଯାଇଛି । ପରୀକ୍ଷା ଖାତା ମୂଲ୍ୟାୟନ ପାଇଁ ଦାୟୀ ଓଏସ୍‌ଏମ୍ ସେବା ସଂପର୍କରେ ଯାଞ୍ଚ କରି ସରକାରଙ୍କୁ ରିପୋର୍ଟ ଦାଖଲ କରିବେ ଚୌହ୍ୱାନ । ଏହି କମିଟି କେଉଁ କେଉଁ ଦିଗରୁ ଯାଞ୍ଚ କରିବ ଏବଂ କେବେ ରିପୋର୍ଟ ଦାଖଲ କରିବ, ସେସଂପର୍କରେ ଏବେ କିଛି ଜଣାପଡ଼ି ନାହିଁ । ତେବେ ମିଳିଥିବା ସୂଚନା ଅନୁଯାୟୀ ଓଏସ୍‌ଏମ୍ ସେବା ପାଇଁ କିପରି ଟେଣ୍ଡର କରାଯାଇଥିଲା ଏବଂ ଟେଣ୍ଡର ପ୍ରକ୍ରିୟାରେ ସମସ୍ତ ଗାଇଡଲାଇନ୍ସ ଅନୁକରଣ କରାଯାଇଥିଲା କି ନାହିଁ, ତାହାର ଯାଞ୍ଚ କରାଯିବ । ତେବେ ଦୁଇ ବରିଷ୍ଠ ଅଧିକାରୀଙ୍କ ବିରୋଧ ।।ରେ କାର୍ଯ୍ୟାନୁଷ୍ଠାନରୁ ସ୍ପଷ୍ଟ ହେଉଛି ଯେ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇଛି ।

**ଓଏସ୍‌ଏମ୍ ସେବାର ଯାଞ୍ଚ ପାଇଁ କମିଟି ଗଠିତ**

ସୂଚନାଯୋଗ୍ୟ ଯେ ସିବିଏସ୍‌ଇ ଦ୍ୱାରା ପରିଚାଳିତ ୧୦ମ ଓ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶନ ପରେ ବିବାଦ ସୃଷ୍ଟି ହୋଇଥିଲା । ପରୀକ୍ଷାଫଳ ଅନେକ ଛାତ୍ରଛାତ୍ରୀଙ୍କ ଆଶାନୁରୂପ ହୋଇ ନଥିବାରୁ ସେମାନେ ପରୀକ୍ଷା ଖାତାର ପୁନଃମୂଲ୍ୟାୟନ ପାଇଁ ଅନଲାଇନରେ ଆବେଦନ କରିଥିଲେ । ଏତିକି ବେଳେ ଦେଖାଯାଇଥିଲା ଯେ ଅନେକ ପରୀକ୍ଷାର୍ଥୀଙ୍କ ଉତ୍ତର ଖାତା ମିସିଂ ଥିବା ବେଳେ ଆଉ କେତେକ ପରୀକ୍ଷାର୍ଥୀଙ୍କ ଖାତା ଅଦଳବଦଳ ମଧ୍ୟ ହୋଇଥିଲା । ▶ପୃଷ୍ଠା-୭

### ସୀତାରାମ ନୂଆ ଅଧ୍ୟକ୍ଷ

**ବରୁଣ ଭରଦ୍ୱାଜ ହେବେ ସଚିବ**

ନୂଆଦିଲ୍ଲୀ,୨।୬(ଏଜେନ୍ସି): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ନୂତନ ଅଧ୍ୟକ୍ଷ ଭାବେ ଭାରତୀୟ ସୂଚନା ସେବା ଅଧିକାରୀ ପ୍ରଶାନ୍ତ ସୀତାରାମ ଲୋଖଣ୍ଡେଙ୍କୁ ନିଯୁକ୍ତ କରାଯାଇଛି । ଏହା ସହିତ ବରୁଣ ଭରଦ୍ୱାଜଙ୍କୁ ବୋର୍ଡର ନୂତନ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି । ୨୦୦୧ ବ୍ୟାଚ୍‌ର ଓଜିଏମ୍‌ୟୁଟି କ୍ୟାଡର ଅଧିକାରୀ ଲୋଖଣ୍ଡେ ପୂର୍ବରୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ଥିଲେ । ସେହିପରି ବରୁଣ ଭରଦ୍ୱାଜ ପୂର୍ବରୁ ଶିକ୍ଷା ମନ୍ତ୍ରଣାଳୟରେ କାର୍ଯ୍ୟ କରୁଥିଲେ । ଆଜି ରାତିରେ ସେମାନଙ୍କର ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଛି ।

# ପୁଣି ବଢ଼ିଲା ବସ୍ ଭଡ଼ା

■ କଟକ, ୨।୬ (ସମିସ): ଡିଜେଲ ଦର ବୃଦ୍ଧିକୁ ଦୃଷ୍ଟିରେ ରଖି ସରକାର ପୁଣି ବସ୍ ଭଡ଼ା ବୃଦ୍ଧି କରିଛନ୍ତି । ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଭଡ଼ା ବୃଦ୍ଧି ନେଇ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ଗତ ମେ' ୧୫ରେ ରାଜ୍ୟରେ ଡିଜେଲ ଦର ଲିଟର ପିଛା ୯୫ ଟଙ୍କା ୮୭ ପଇସା ଥିଲା । ମେ' ୩୧ ସୁଦ୍ଧା ତାହା ୧୦୦ ଟଙ୍କା ୬୮ ପଇସାରେ ପହଞ୍ଚିଛି । ଡିଜେଲ ଦରରେ ସିଧାସଳଖ ୪ ଟଙ୍କା ୮୧ ପଇସା ବୃଦ୍ଧି ହୋଇଥିବାରୁ ବସ୍ ଭଡ଼ା ବୃଦ୍ଧି କରାଯାଇଛି ।



**ବାକି ୧୨ଟି ମାପଦଣ୍ଡ ଉପରେ ଝୁଲିଛି ନିଷ୍ପତ୍ତି**

**ସରକାରଙ୍କ ସହ ମାଲିକ ସଂଘର ବୈଠକ ୫ରେ**

ବର୍ଦ୍ଧିତ ଭଡ଼ା ଅନୁସାରେ, ସାଧାରଣ ଯାତ୍ରୀବାହୀ (ଅର୍ଡିନାରି) ବସ୍ ଭଡ଼ା କିଲୋମିଟର ପିଛା ୯୦ ପଇସା ଥିବା ବେଳେ ଏବେ ଏହା ୯୨ ପଇସାକୁ ବୃଦ୍ଧି ପାଇଛି । ସେହିଭଳି, ଏକ୍ସପ୍ରେସ୍ ବସ୍ ଭଡ଼ା କିଲୋମିଟର ପିଛା ୯୪ ପଇସାରୁ ୯୬ ପଇସାକୁ ବୃଦ୍ଧି ପାଇଛି । ଡିଲକ୍ସ ବସ୍ ଯାତ୍ରୀଙ୍କ ପାଇଁ ଭଡ଼ା ପୂର୍ବରୁ କିଲୋମିଟର ପିଛା ୧ଟଙ୍କା ୩୧ ପଇସା ଥିବା ବେଳେ ଏବେ ଏହା ୧ଟଙ୍କା ୩୫ ପଇସା ହୋଇଛି । ଏସି ଡିଲକ୍ସ ବସ୍‌ର ଭଡ଼ା କିଲୋମିଟର ପିଛା ୧ଟଙ୍କା ୫୯ ପଇସାରୁ ବୃଦ୍ଧି ପାଇ ୧ଟଙ୍କା ୬୩ ପଇସା ଧାର୍ଯ୍ୟ ହୋଇଛି । ସୁପର୍ ଡିଲକ୍ସ ବସ୍‌ରେ ଯାତ୍ରା କଲେ ଏବେ କିଲୋମିଟର ପିଛା ୨ଟଙ୍କା ୪୭ପଇସା ବଦଳରେ ୨ଟଙ୍କା ୫୩ ପଇସା ଦେବାକୁ ପଡ଼ିବ । ତେବେ ସହର ମଧ୍ୟରେ ଚଳାଚଳ କରୁଥିବା ଟାଉନ୍ ବସ୍‌ଗୁଡ଼ିକ ପାଇଁ ଲାଗୁ ହେବ ନାହିଁ ବୋଲି କୁହାଯାଇଛି । ▶ପୃଷ୍ଠା-୭

BRICS INDIA 2026

# ଆଜିଠୁ ବ୍ରିକ୍ସ ସମ୍ମିଳନୀ

**ଏକାଠି ହେବେ ୧୧ ଦେଶର ପ୍ରତିନିଧି**

**ତ୍ରିସ୍ତରୀୟ ସୁରକ୍ଷା ବଳୟରେ ପୁରୀ ସହର**

**ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କଲେ ଡିଜିପି**

■ ପୁରୀ, ୨।୬ (ସମିସ): ବିପର୍ଯ୍ୟୟ ମୁକାବିଲାରେ ସାରା ବିଶ୍ୱରେ ଉଦାହରଣ ସାଜିଥିବା ଓଡ଼ିଶା ପାଇଁ ଆଉ ଏକ ଗର୍ବର ବିଷୟ । ପବିତ୍ର ଶ୍ରୀକ୍ଷେତ୍ର ପୁରୀରେ ଜୁନ୍ ୩ରୁ ୫ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି 'ବ୍ରିକ୍ସ' ବିପର୍ଯ୍ୟୟ ବିପଦ ହ୍ରାସ (ଡିଆର୍‌ଆର୍) କାର୍ଯ୍ୟକାରୀ ଗୋଷ୍ଠୀର ଦ୍ୱିତୀୟ ବୈଷୟିକ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି । ତାଜ୍ ପୁରୀ ରିସର୍ଟ ଆଣ୍ଡ ସ୍ପା'ଠାରେ ଏହି ହାଇ ପ୍ରୋଫାଇଲ୍ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନ୍‌ଡିଏମ୍‌ଏ), ଭାରତ ସରକାର ଏହାକୁ ଆୟୋଜନ କରୁଥିବାବେଳେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓସ୍‌ଡମା) ଏଥିରେ ସହଯୋଗ କରୁଛି । ବୈଠକରେ ବ୍ରିକ୍ସର ମୂଳ ସଦସ୍ୟ ଦେଶ ବ୍ରାଜିଲ୍, ଋଷ, ଭାରତ, ଚୀନ୍ ଏବଂ ଦକ୍ଷିଣ ଆଫ୍ରିକା ସହିତ ସହଯୋଗୀ ଦେଶ ଭାବେ ୟୁଏଇ, ସାଉଦି ଆରବ, ଇଜିପ୍ଟ, ଇରାନ, ଇଥିଓପିଆ ଏବଂ ଇଣ୍ଡୋନେସିଆର ପ୍ରତିନିଧି ଓ ବିଶେଷଜ୍ଞମାନେ ଯୋଗଦେଉଛନ୍ତି । ଏହାବ୍ୟତୀତ ଏନ୍‌ଡିଏମ୍‌ଏ, ଗୃହ ମନ୍ତ୍ରଣାଳୟ, ଭାରତ ସରକାର ଏବଂ ବିଭିନ୍ନ ରାଜ୍ୟ ▶ପୃଷ୍ଠା-୭

## ଜୁନ ୨୦ରେ ରାଇରଙ୍ଗପୁରରେ ସରକାରଙ୍କ ଦ୍ୱିତୀୟ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମ
# ଆସିବେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

■ ଭୁବନେଶ୍ୱର / ରାଇରଙ୍ଗପୁର, ୨।୬ (ସମିସ): ରାଜ୍ୟ ବିଜେପି ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ

**ବରିଷ୍ଠ ଅଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା**



ଆସନ୍ତା ୨୦ ତାରିଖରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଠାରେ ଅନୁଷ୍ଠିତ ହେବ ସ୍ୱତନ୍ତ୍ର କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବା ପାଇଁ ସ୍ୱୀକୃତି ଦେଇଛନ୍ତି । କାର୍ଯ୍ୟକ୍ରମର ସଫଳ ଆ।।ୟୋଜନ ପାଇଁ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ▶ପୃଷ୍ଠା-୭

## ବାଲିଅନ୍ତା ଭିଡ଼ହତ୍ୟା
# ଘଟଣାସ୍ଥଳରେ ଏନ୍‌ଏଚ୍‌ଆର୍‌ସି

■ ଭୁବନେଶ୍ୱର, ୨।୬ (ସମିସ): ରାଜଧାନୀ ଉପକଣ୍ଠ ବାଲିଅନ୍ତାରେ ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁ ଭିଡ଼ହତ୍ୟା ମାମଲାରେ ଏନ୍‌ଏଚ୍‌ଆରସି ଟିମର ତଦନ୍ତ ଦ୍ୱିତୀୟ ଦିନରେ ପହଞ୍ଚିଛି । ମଙ୍ଗଳବାର ଏହି ଟିମ୍ ଘଟଣାସ୍ଥଳ ରାମଚନ୍ଦ୍ରପୁର କାଜ ନିକଟକୁ ଗସ୍ତ କରିବା ସହ ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଛନ୍ତି । କେଉଁ ପରିସ୍ଥିତିରେ ସୌମ୍ୟଙ୍କୁ ଆକ୍ରମଣ କରାଯାଇଥିଲା; ଏହି ସମୟରେ ପୁଲିସର ବ୍ୟବହାର କିଭଳି ଥିଲା ସେ ସମ୍ପର୍କରେ ଲୋକମାନଙ୍କଠାରୁ ତଥ୍ୟ ସଂଗ୍ରହ କରିଥିବା ସୂଚନା ମିଳିଛି ।

**ସୌମ୍ୟଙ୍କୁ ଏଡିଜିଙ୍କ ନିର୍ଯାତନା ଅଭିଯୋଗର ତଥ୍ୟ ସଂଗ୍ରହ**

**ଢେଙ୍କାନାଳରୁ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ**



ଅନ୍ୟପକ୍ଷରେ ଏନ୍‌ଏଚ୍‌ଆର୍‌ସିଙ୍କ ଟିମ୍ ଏଡ଼ିଜି ଲିଙ୍କରେ ତଥ୍ୟ ହାସଲ କରିବାରେ ଲାଗିଛି । ତଦନ୍ତ ୱିଙ୍ଗ୍‌ର ଦୁଇ ଅଧିକାରୀ ରାଜେନ୍ଦ୍ର ସିଂ ଏବଂ ଅବିନାଶ କୁମାର ଏନେଇ ଏକାଧିକ ଲୋକଙ୍କୁ ପଚରାଉଚରା କରିଛନ୍ତି । ଏଡ଼ିଜିଙ୍କ ଦୁଇ ପିଏସ୍‌ଓ, ଜଣେ ଡ୍ରାଇଭର, ▶ପୃଷ୍ଠା-୭

## ବାରଙ୍ଗ ଓ କବିସୂର୍ଯ୍ୟନଗର ଥାର୍ଡ ଡିଗ୍ରୀ
# ୧୫ ଦିନରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ

■ ଭୁବନେଶ୍ୱର, ୨।୬(ସମିସ): ବହୁଚର୍ଚ୍ଚିତ ବାରଙ୍ଗ ହାଜତ ନିର୍ଯାତନା ମାମଲାରେ ହସ୍ତକ୍ଷେପ କରିଛନ୍ତି ଜାତୀୟ ମାନବାଧିକାର କମିସନ୍ । କଟକ ଡିଜିପି ଓ ପୁଲିସ ମହା ନିର୍ଦ୍ଦେଶକଙ୍କୁ ରିପୋର୍ଟ ଦେବାକୁ ଏନ୍‌ଏଚ୍‌ଆରସି ନିର୍ଦ୍ଦେଶ ଦେଇଛନ୍ତି । ପୁଲିସ ହେପାଜତରେ ନିର୍ଯାତନା ଓ ବେଆଇନ ଭାବେ ଅଟକ ରଖିବା ଭଳି ଗୁରୁତର ମାନବାଧିକାର ଉଲ୍ଲଂଘନ ଅଭିଯୋଗକୁ ନେଇ ରାଜ୍ୟ ମାନବାଧିକାର ଆୟୋଗ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ୧୫ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଆୟୋଗ କଟକ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପୁଲିସ ଦ୍ୱାରା ହେପାଜତରେ ନିର୍ଯାତନା ଓ ବେଆଇନ ଅଟକ ଭଳି ଗୁରୁତର ମାନବାଧିକାର ଉଲ୍ଲଂଘନ ଏବଂ କ୍ଷମତାର ଘୋର ଅପବ୍ୟବହାର ହୋଇଥିବା ▶ପୃଷ୍ଠା-୭

## ବାରଙ୍ଗ ହାଜତ ନିର୍ଯାତନା ମାମଲାରେ ଶାଶୂଙ୍କ ସାଂଘାତିକ ଅଭିଯୋଗ
# ମୁହଁ ଖୋଲିଲେ ପୁଲିସ ଚିକିତ୍ସା କରାଇ ଦେବନି...

■ କଟକ/ବାରଙ୍ଗ, ୨।୬(ସମିସ): କଟକ ଜିଲ୍ଲା ବାରଙ୍ଗ ଥାନାର ଚର୍ଚ୍ଚିତ 'ଥାର୍ଡ ଡିଗ୍ରୀ' ହାଜତ ଅତ୍ୟାଚାର ମାମଲାରେ ପ୍ରତିଦିନ ନୂଆ ନୂଆ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସୁଥିବା ବେଳେ ଆଜି ପୀଡ଼ିତ ଯୁବକ ରାକେଶ ବେହେରାଙ୍କ ଶାଶୂ ମିନତି ସାହୁଙ୍କ ଏକ ବଡ଼ ବିସ୍ଫୋରକ ବୟାନ ସମଗ୍ର ପୁଲିସ ପ୍ରଶାସନର ନିଦ ହଜାଇ ଦେଇଛି । ଗତକାଲି ପୁଲିସ ପକ୍ଷରୁ ରାକେଶଙ୍କର ଏକ ବାଇକ୍ ଦୁର୍ଘଟଣା ହୋଇଥିବା ନେଇ ସୃଷ୍ଟି କରାଯାଇଥିବା ସରକାରୀ କାହାଣୀକୁ ଶାଶୂ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବା ସହ ପୁଲିସ ମିଛ କହୁଛି ବୋଲି ସଙ୍ଗୀନ ଅଭିଯୋଗ ଆଣିଛନ୍ତି । ଗଣମାଧ୍ୟମ ସାମ୍ନାରେ ନିଜର କୋହଭରା କଣ୍ଠରେ ପୁଲିସର କଳା କାରନାମାର ପର୍ଦ୍ଦାଫାସ କରି ସେ କହିଛନ୍ତି ଯେ ଯେଉଁ ଖାକି



ଏଆଇ ଫଟୋ

ପୋଷାକ ଜନସାଧାରଣଙ୍କୁ ସୁରକ୍ଷା ଦେବା କଥା, ସେମାନେ ନିଜ ପାପ ଲୁଚାଇବା ପାଇଁ ଯଦି ଏଭଳି ସ୍କ୍ରିପ୍ଟ ବଦଳାଇ ମିଛ କାହାଣୀ ରଚନା କରିବେ, ତେବେ ସାଧାରଣ ଜନତା କାହାକୁ ବିଶ୍ୱାସ କରିବେ? ସେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ ଯଦି ସେ ବର୍ତ୍ତମାନ ପୁଲିସର ସମସ୍ତ ଅସଲ ମୁଖା ଖୋଲିଦେବେ, ତେବେ ଏବେ ଯେଉଁ ପୁଲିସ ଦଳ ଆସୁଛନ୍ତି, ସେମାନେ ଏସ୍‌ସିବି ମେଡିକାଲରେ ମୃତ୍ୟୁ ସହ ସଂଘର୍ଷ କରୁଥିବା ତାଙ୍କ ଜ୍ୱାଇଁର ଚିକିତ୍ସା କରାଇ ଦେବେ ନାହିଁ । ପୁଲିସର ଆକ୍ରୋଶମୂଳକ ମନୋଭାବକୁ ନେଇ ଭୟଭୀତ ଥିବା ଶାଶୂ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କ ପିଲା (ଜ୍ୱାଇଁ) ଟିକେ ସୁସ୍ଥ ହୋଇ ହସ୍ପିଟାଲରୁ ବାହାରକୁ ଆସିଲେ ସେ ସମୟକୁ ଅପେକ୍ଷା କରିଛନ୍ତି ଏବଂ ସେତେବେଳେ ସବୁ କଥା ସାରା ରାଜ୍ୟବାସୀଙ୍କ ସାମ୍ନାରେ ଖୋଲିକି କହିବେ ।

ନିର୍ଦ୍ଦୋଷ ଯୁବକ ରାକେଶ ବେହେରାଙ୍କୁ ବାରଙ୍ଗ ଥାନା ଭିତରେ ମରଣାନ୍ତକ ମାଡ଼ ମରାଯିବା ଘଟଣାକୁ ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

## ଧାରଣା ଉପରେ ବସି ଟ୍ରେନ ଅଟକାଇଲେ ବଙ୍ଗଳା ହକର

ନୂଆଦିଲ୍ଲୀ/କୋଲକାତା, ୨।୬ (ଏଜେନ୍ସି): ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲ୍ଲାର ଗୋବରଡ଼ଙ୍ଗା ରେଳ ଷ୍ଟେସନରେ ରାଜ୍ୟରେ ଚାଲିଥିବା ବେଆଇନ ଜବରଦଖଲ ଉଚ୍ଛେଦ ଅଭିଯାନ ବିରୋଧରେ ଶତାଧିକ ବ୍ୟବସାୟୀ ଏବଂ ହକର ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ସେମାନେ ରେଳ ଧାରଣା ଉପରେ ବସି ରହି ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ କରିଛନ୍ତି। ଆନ୍ଦୋଳନକାରୀମାନେ 'ଚଲ୍‌ବେ ନା, ଚଲ୍‌ବେ ନା' ସ୍ଲୋଗାନ ଦେଇ ନିଜର ଦୋକାନ ବଜାର ହଟାଇବା ପଦକ୍ଷେପକୁ ତୀବ୍ର ବିରୋଧ କରିଛନ୍ତି। ଜଣେ ବୃଦ୍ଧା ମହିଳା ଜୀବିକା ହରାଇବା ଦୁଃଖରେ ରେଳ ଧାରଣା ଉପରେ ଶୋଇ ରହିଥିବା ଦେଖିବାକୁ ମିଳିଛି। ସର୍ବସାଧାରଣ ସ୍ଥାନକୁ ମୁକ୍ତ କରିବା ଏବଂ ଯାତ୍ରୀମାନଙ୍କ ସୁବିଧା ପାଇଁ ରେଳବାଇ ପକ୍ଷରୁ ଗତ ମାସରୁ ଏହି ଜମି ମୁକ୍ତ ଅଭିଯାନ ଆରମ୍ଭ ହୋଇଛି। ଏହା ପୂର୍ବରୁ ମେ ୩୧ରେ ଦମଦମ ଜଙ୍କସନ ଏବଂ ହାୱଡା ଷ୍ଟେସନରୁ ପ୍ରାୟ ୨୫୦ରୁ ଅଧିକ ଅସ୍ଥାୟୀ ଦୋକାନକୁ ବୁଲଡୋଜର ସାହାଯ୍ୟରେ ଉଚ୍ଛେଦ କରାଯାଇଛି। ତେବେ ହକରମାନଙ୍କ ଅଭିଯୋଗ ଯେ, ସେମାନଙ୍କୁ କୌଣସି ପୂର୍ବ ସୂଚନା ନ ଦେଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରଭାବିତ ବ୍ୟବସାୟୀମାନେ ଥଇଥାନ କିମ୍ବା ବିକଳ୍ପ ବ୍ୟବସ୍ଥା ବିନା ଉଚ୍ଛେଦକୁ ଗ୍ରହଣ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଯଦି ଆମକୁ ଥଇଥାନ କରା ନଯାଏ, ତେବେ ଆମେ ଆତ୍ମହତ୍ୟା କରିବାକୁ ବାଧ ହେବୁ ବୋଲି ଜଣେ ଦୋକାନୀ କ୍ଷୋଭର ସହ କହିଛନ୍ତି।



## କ୍ରିକେଟ୍ ପିଚ୍ ରୋଲର ମାଡ଼ିଯିବାରୁ ୧୫ ବର୍ଷୀୟ ବାଳକର ମୃତ୍ୟୁ

ସୋଲାପୁର, ୨।୬(ଏଜେନ୍ସି): ମହାରାଷ୍ଟ୍ରର ସୋଲାପୁର ଜିଲ୍ଲାରେ ଏକ ସମର କ୍ୟାମ୍ପରେ କ୍ରିକେଟ୍ ପିଚ୍ ପ୍ରସ୍ତୁତ କରୁଥିବା ସମୟରେ ପିଚ୍ ରୋଲର ତଳେ ଚାପି ହୋଇ ଜଣେ ୧୫ ବର୍ଷୀୟ କିଶୋରଙ୍କର ମୃତ୍ୟୁ ଘଟିଛି।



ଏହି ଘଟଣାରେ ଅବହେଳା ପ୍ରଦର୍ଶନ କରିଥିବା ଅଭିଯୋଗରେ ପୁଲିସ୍ ଦୁଇଜଣ କୋଚ୍ ଏବଂ କ୍ରିକେଟ୍ ଆସୋସିଏସନ୍ ବିରୋଧରେ ମାମଲା ରୁଜୁ କରିଛି। ମୃତ କିଶୋରଙ୍କ ନାମ ଆରଭ ଓରଫ୍ ବୀରେନ ଚୌଧୁରୀ ବୋଲି ଜଣାପଡ଼ିଛି। ପୁଲିସ ଅନୁଯାୟୀ, ଗତ ମେ ୩୦ରେ ବାର୍ସୀ ସହରରେ ଅନୁଷ୍ଠିତ ଏକ କ୍ରିକେଟ୍ ପ୍ରଶିକ୍ଷଣ ଶିବିରରେ ଏହି ଦୁର୍ଘଟଣା ଘଟିଥିଲା। ଅଭ୍ୟାସ ସେସନ ପାଇଁ ପିଚ୍ ପ୍ରସ୍ତୁତ କରିବାକୁ କୋଚମାନେ କିଛି ପିଲାଙ୍କୁ ଭାରି ପିଚ୍ ରୋଲର ଟାଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ପିଲାମାନଙ୍କ ସହ ରୋଲର ଟାଣୁଥିବା ସମୟରେ ଆରଭ ହଠାତ୍ ସେହି ଭାରି ଯନ୍ତ୍ର ତଳେ ଚାପି ହୋଇ ଯାଇଥିଲେ। ଫଳରେ ସେ ଗୁରୁତର ଆହତ ହୋଇ ପ୍ରାଣ ହରାଇଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ପିଲାମାନେ ଏହି ବିପଜ୍ଜନକ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କୁ ତଦାରଖ କରିବା ପାଇଁ ସେଠାରେ କୌଣସି ବୟସ୍କ ବ୍ୟକ୍ତି କିମ୍ବା ସୁପରଭାଇଜର ଉପସ୍ଥିତ ନଥିଲେ। ସୁରକ୍ଷା ବ୍ୟବସ୍ଥାରେ ଏପରି ଚରମ ଅବହେଳା ଯୋଗୁଁ ବାର୍ସୀ ସିଟି ପୁଲିସ୍ ଦୁଇଜଣ କୋଚ୍ ଏବଂ କ୍ରିକେଟ୍ ଆସୋସିଏସନ୍ ବିରୋଧରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ସୁପ୍ରିମକୋର୍ଟରେ ୫ ନୂତନ ବିଚାରପତିଙ୍କ ଶପଥ ଗ୍ରହଣ

ନୂଆଦିଲ୍ଲୀ, ୨।୬(ଏଜେନ୍ସି): ଭାରତର ମୁଖ୍ୟ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଆଜି ଉଚ୍ଚତମ ନ୍ୟାୟାଳୟର ୫ ଜଣ ନୂତନ ବିଚାରପତିଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସୁପ୍ରିମକୋର୍ଟ କଲେଜିୟମଙ୍କ ସୁପାରିଶ ଆଧାରରେ କେନ୍ଦ୍ର ସରକାର ଏହି ନିଯୁକ୍ତିକୁ ଅନୁମୋଦନ କରିବା ପରେ ଆଜି ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ଶପଥ ଗ୍ରହଣ କରିଥିବା ନୂତନ ବିଚାରପତିମାନେ ହେଲେ ଜଷ୍ଟିସ୍ ଶୀଲ ନାଗୁ, ଜଷ୍ଟିସ୍ ଶ୍ରୀ ଚନ୍ଦ୍ରଶେଖର, ଜଷ୍ଟିସ୍ ସଞ୍ଜୀବ ସଚଦେବା, ଜଷ୍ଟିସ୍ ଅରୁଣ ପଲ୍ଲୀ, ବରିଷ୍ଠ ଆଇନଜୀବୀ ଭି. ମୋହନା। ଗତ ମେ' ୨୨ ଏବଂ ମେ' ୨୭ରେ ଅନୁଷ୍ଠିତ ସୁପ୍ରିମକୋର୍ଟ କଲେଜିୟମ ବୈଠକରେ ଏହି ନାମଗୁଡ଼ିକ ସୁପାରିଶ କରାଯାଇଥିଲା। ଏହା ପରେ କେନ୍ଦ୍ର ସରକାର ଗତକାଲି ୪ ଜଣ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ଜଣେ ବରିଷ୍ଠ ଆଇନଜୀବୀଙ୍କୁ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ନିଯୁକ୍ତି ଦେବାକୁ ଅନୁମୋଦନ କରିଥିଲେ। ଉଲ୍ଲେଖଯୋଗ୍ୟ, ନିକଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ସଂଶୋଧନ ଅଧ୍ୟାଦେଶ, ୨୦୨୬' ଜାରି କରିଥିଲେ। ଏହି ନୂତନ ଅଧ୍ୟାଦେଶ ଅନୁଯାୟୀ, ସୁପ୍ରିମକୋର୍ଟରେ ବିଚାରପତିଙ୍କ ମଞ୍ଜୁରୀପ୍ରାପ୍ତ ସଂଖ୍ୟା ୩୪ ରୁ ୩୮ କୁ ବୃଦ୍ଧି ପାଇଛି।

## ଇନ୍‌ଫ୍ଲୁଏନ୍‌ସରଙ୍କ ସନ୍ଦେହଜନକ ମୃତ୍ୟୁ

ଲକ୍ଷ୍ନୌ, ୨।୬(ଏଜେନ୍ସି): ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌ ସହରରେ ଜଣେ ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍‌ସର (ମାନସୀ) ଙ୍କ ମୃତଦେହ ଶ୍ୱଶୁର ଘରୁ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର କରାଯାଇଛି। ଏହାକୁ ଏକ ଯୌତୁକ ଜନିତ ହତ୍ୟାକାଣ୍ଡ ବୋଲି ମାନସୀଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ମାନସୀଙ୍କ ସ୍ୱାମୀ ସାଗର ରାଜପୁତ ଓ ତାଙ୍କ ପରିବାର ଲୋକେ କାର୍ ଦାବି କରି ମାନସୀଙ୍କୁ ହତ୍ୟା କରିଛନ୍ତି ଏବଂ ଏହାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ଶବକୁ ଫାଶୀରେ ଝୁଲାଇ ଦେଇଛନ୍ତି। ପୁଲିସର ପ୍ରାଥମିକ ସୂଚନା ରିପୋର୍ଟ ଅନୁସାରେ, କାନପୁରର ବାସିନ୍ଦା ମାନସୀ ୨୦୨୪ ମସିହାରେ ସାଗର ରାଜପୁତଙ୍କୁ ବିବାହ କରିଥିଲେ। ଉଭୟ ସୋସିଆଲ୍ ମିଡିଆରେ ବେଶ୍ ସକ୍ରିୟ ଥିଲେ ଏବଂ ଇନ୍‌ଷ୍ଟାଗ୍ରାମରେ ସାଗରଙ୍କର ପ୍ରାୟ ୮ ଲକ୍ଷ ଫଲୋଅର୍ସ ରହିଛନ୍ତି। ବିବାହ ସମୟରେ ମାନସୀଙ୍କ ପରିବାର ପକ୍ଷରୁ ୭ ଲକ୍ଷ ଟଙ୍କା ନଗଦ ଏବଂ ଅନ୍ୟାନ୍ୟ ଗୃହୋପକରଣ ଉପହାର ସ୍ୱରୂପ ଦିଆଯାଇଥିଲା। କିନ୍ତୁ ଏତିକିରେ ସନ୍ତୁଷ୍ଟ ନହୋଇ ଶ୍ୱଶୁର ଘର ଲୋକେ ଅଧିକ ଯୌତୁକ ଦାବି କରି ମାନସୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ।

## ସୁରଟରେ ୨ଟି ବସ୍ ଧକ୍କା; ୬ ମୃତ

ସୁରଟ, ୨।୬(ଏଜେନ୍ସି): ଗୁଜରାଟର ସୁରଟ ଜିଲ୍ଲାରେ ମହାରାଷ୍ଟ୍ର ରାଜ୍ୟ ପରିବହନର ୨ଟି ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୬ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାର ଅପରାହ୍ଣ ପ୍ରାୟ ୪ଟା ପରେ ବାରଡୋଲିର ଉଭା ଗ୍ରାମ ନିକଟସ୍ଥ ହାଇୱେରେ ଏହି ଦୁର୍ଘଟଣା ଘଟିଛି। ଭୀଷଣ ଧକ୍କା ପ୍ରଭାବରେ ଏକ ବସ୍ ନିୟନ୍ତ୍ରଣ ହରାଇ ଡିଭାଇଡର୍ ଡେଇଁ ରାସ୍ତାର ଅପରପାର୍ଶ୍ୱକୁ ଚାଲିଯାଇଥିଲା ଏବଂ ସେଥିରେ ନିଆଁ ଲାଗିଯାଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଦୁର୍ଘଟଣା ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ପୁଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ବସ୍ ଭିତରେ ଫସି ରହିଥିବା ଯାତ୍ରୀମାନଙ୍କୁ ବାହାର କରାହୋଇଥିଲା। ୨୦ରୁ ଅଧିକ ଆହତ ଯାତ୍ରୀଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ବିଭିନ୍ନ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଲେବାନନ୍‌ରେ ଇସ୍ରାଏଲ୍‌ର ଆକ୍ରମଣ

ବୈରୁତ/ୱାସିଂଟନ, ୨।୬(ଏଜେନ୍ସି): ମଙ୍ଗଳବାର ଇସ୍ରାଏଲ ଦକ୍ଷିଣ ଲେବାନନରେ ନିଜର ସାମରିକ ଅଭିଯାନ ଜାରି ରଖିଥିବା ବେଳେ ଏହା ଶାନ୍ତି ପ୍ରକ୍ରିୟାକୁ ଏକ ବଡ଼ ଧକ୍କା ଦେଇଛି। ରିପୋର୍ଟ ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ବୈରୁତ ଉପରେ ଆକ୍ରମଣ ନକରିବାକୁ ଅନୁରୋଧ କରିଥିଲେ। ଏହାପରେ ହିଜବୁଲ୍ଲା-ନିୟନ୍ତ୍ରିତ ଦକ୍ଷିଣ ବୈରୁତ ଉପରେ ଇସ୍ରାଏଲ ଆକ୍ରମଣ କରିବ ନାହିଁ ଏବଂ ବଦଳରେ ହିଜବୁଲ୍ଲା ମଧ୍ୟ ଆକ୍ରମଣ ବନ୍ଦ ରଖିବ ବୋଲି ଆଶା ସଞ୍ଚାର ହୋଇଥିଲା। ତେବେ ଏହି ଆଶ୍ୱାସନା ସତ୍ତ୍ୱେ ଦକ୍ଷିଣ ଲେବାନନରେ ଯୁଦ୍ଧ ଜାରି ରହିବ ବୋଲି ନେତନ୍ୟାହୁ ସ୍ପଷ୍ଟ କରିଛନ୍ତି। ମଙ୍ଗଳବାର ଇସ୍ରାଏଲ ସେନା ଦକ୍ଷିଣ ଲେବାନନର ନାବାଟିୟେ ସହରର ବାସିନ୍ଦାଙ୍କୁ ତୁରନ୍ତ ସ୍ଥାନ ଛାଡିବାକୁ ନିର୍ଦ୍ଦେଶ ଦେବା ସହ ବିଭିନ୍ନ ସହରରେ ଆକ୍ରମଣ ଜାରି ରଖିଛି।



## ନେତନ୍ୟାହୁଙ୍କ ଉପରେ ବର୍ଷିଲେ ଟ୍ରମ୍ପ

### ମୁଁ ନଥିଲେ ତୁମେ ଜେଲରେ ଥାଆନ୍ତ

ୱାସିଂଟନ/ତେଲ୍ ଅଭିଭ୍, ୨।୬(ଏଜେନ୍ସି): ଲେବାନନରେ ଇସ୍ରାଏଲର ବଢୁଥିବା ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ ଇରାନ ସହିତ ଚାଲିଥିବା କୂଟନୈତିକ ଆଲୋଚନାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ଟେଲିଫୋନ କଥାବାର୍ତ୍ତା ହୋଇଛି। ଆଲୋଚନା ସମୟରେ ଟ୍ରମ୍ପ ଅତ୍ୟନ୍ତ କ୍ଷୁବ୍ଧ ହୋଇ ନେତନ୍ୟାହୁଙ୍କୁ କଡ଼ା ଭାଷାରେ ଭର୍ତ୍ସନା କରିଥିବା ରିପୋର୍ଟ ପ୍ରକାଶ ପାଇଛି। ସୂତ୍ର ଅନୁସାରେ, ଟ୍ରମ୍ପ ନେତନ୍ୟାହୁଙ୍କୁ 'ପାଗଳ' ବୋଲି ସମ୍ବୋଧନ କରିବା ସହ କହିଛନ୍ତି ଯେ, 'ଯଦି ମୁଁ ନଥାନ୍ତି, ତେବେ ତୁମେ ଆଜି ଜେଲରେ ଥାଆନ୍ତ। ମୁଁ ତୁମକୁ ବଞ୍ଚାଉଛି, କିନ୍ତୁ ବର୍ତ୍ତମାନ ସମସ୍ତେ ତୁମକୁ ଏବଂ ଇସ୍ରାଏଲକୁ ଘୃଣା କରୁଛନ୍ତି'। ଲେବାନନରେ ହିଜବୁଲ୍ଲା ବିରୋଧରେ ଇସ୍ରାଏଲର ବ୍ୟାପକ ବିମାନ ଆକ୍ରମଣ ଏବଂ ସ୍ଥଳସୈନ୍ୟ ଅଭିଯାନ ଯୋଗୁଁ ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନା ବିପଦରେ ପଡ଼ିଥିବା ଟ୍ରମ୍ପ ଅଭିଯୋଗ କରିଛନ୍ତି। ସେପଟେ ଇରାନ ପକ୍ଷରୁ ମଧ୍ୟ ଚେତାବନୀ ଦିଆଯାଇଛି ଯେ ଲେବାନନରେ ଆକ୍ରମଣ ଜାରି ରହିଲେ ୱାସିଂଟନ ସହ ଆଲୋଚନା ବାଧାପ୍ରାପ୍ତ ହେବ। ଏହି କଠୋର ବାର୍ତ୍ତାଳାପ ପରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ବେରୁତ ଉପରେ ଆକ୍ରମଣ ସ୍ଥଗିତ ହେବାସହ ଇସ୍ରାଏଲ ବର୍ତ୍ତମାନ ସେଠାକୁ ଯାଉଥିବା ସୈନ୍ୟମାନଙ୍କୁ ଫେରାଇ ଆଣିଛି। ଟ୍ରମ୍ପ ନିଜର ଟ୍ରୁଥ ସୋସିଆଲ୍ ଆକାଉଣ୍ଟରେ ଏହି ଆଲୋଚନାକୁ ଫଳପ୍ରଦ ବୋଲି ଦର୍ଶାଇଛନ୍ତି। ବେରୁତକୁ ସୈନ୍ୟ ପଠାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପଟେ, ନେତନ୍ୟାହୁ କହିଛନ୍ତି ଯେ ଦକ୍ଷିଣ ଲେବାନନରେ ଇସ୍ରାଏଲର ଅଭିଯାନ ଜାରି ରହିବ। ଯଦି ହିଜବୁଲ୍ଲା ପକ୍ଷରୁ ରକେଟ ମାଡ଼ ବନ୍ଦ ନହୁଏ, ତେବେ ବେରୁତ ଉପରେ ଆକ୍ରମଣ କରିବା ପାଇଁ ବିକଳ୍ପ ଖୋଲା ଅଛି ବୋଲି ସେ ସୂଚନା ଦେଇଛନ୍ତି। ଏହି ଘଟଣା ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଥିବା ସମ୍ପର୍କରେ ସୃଷ୍ଟି ହୋଇଥିବା ତିକ୍ତତାକୁ ଉଜାଗର କରୁଥିବା ବିଶେଷଜ୍ଞ ମାନେ କହିଛନ୍ତି। ଯୁଦ୍ଧ ପରିସ୍ଥିତିରୁ ମୁକୁଳିବାକୁ ୱାସିଂଟନ ଚେଷ୍ଟା କରୁଥିବା ବେଳେ ଇସ୍ରାଏଲର ବାରମ୍ବାର ବିଭିନ୍ନ ଦେଶ ଉପରେ ଆକ୍ରମଣ ଏଥିରେ ଭୀଷଣ ବାଧା ଉତ୍ପନ୍ନ କରୁଛି।

■ ଲେବାନନ୍ ଆକ୍ରମଣ ନେଇ କ୍ଷୁବ୍ଧ

## ଟିଏମ୍‌ସି ରାଜନୀତିରେ ମହାସଙ୍କଟ

କୋଲକାତା, ୨।୬(ଏଜେନ୍ସି): ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବେ ଏକ ବଡ଼ ଧରଣର ଆଭ୍ୟନ୍ତରୀଣ ବିଦ୍ରୋହର ସମ୍ମୁଖୀନ ହୋଇଛି। ପ୍ରାୟ ୫୦ ଜଣ ବିଧାୟକ ଦଳରୁ ଅଲଗା ହୋଇ ନିଜକୁ 'ଅସଲି ତୃଣମୂଳ' ଭାବେ ଦାବି କରିବା



ସହ ଦଳର ନିର୍ବାଚନ ଚିହ୍ନ 'ଯୋଡ଼ା ଫୁଲ' ଉପରେ ହକ ଜାହିର କରିବାକୁ ପ୍ରସ୍ତୁତ ହେଉଥିବା ଖବର ପ୍ରକାଶ ପାଇବା ପରେ ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ଦଳରୁ ବହିଷ୍କୃତ ହୋଇଥିବା ଜାତୀୟ ମୁଖପାତ୍ର ରିଜୁ ଦତ୍ତଙ୍କ କହିବା ଅନୁଯାୟୀ, କଲିକତାର ଏକ ପ୍ରତିଷ୍ଠିତ ହୋଟେଲରେ ପ୍ରାୟ ୫୦ ଜଣ ବିଧାୟକ ଏକ ଗୁପ୍ତ ବୈଠକ କରି ଏଭଳି ଯୋଜନା ପ୍ରସ୍ତୁତ କରିଛନ୍ତି। ବିଧାନସଭାରେ ବିରୋଧୀ ଦଳ ନେତା ଚୟନ ପ୍ରକ୍ରିୟାରେ ବିଧାୟକମାନଙ୍କ ଜାଲ୍ ଦସ୍ତଖତ ଅଭିଯୋଗକୁ ନେଇ ଏଭଳି ଅସନ୍ତୋଷ ତୀବ୍ର ହୋଇଛି। ୨୯୪ ସଦସ୍ୟ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭାରେ ଟିଏମସିର ବର୍ତ୍ତମାନ ୮୦ ଜଣ ବିଧାୟକ ଅଛନ୍ତି।

ଅନ୍ୟପକ୍ଷେରେ ଟିଏମସି ପକ୍ଷରୁ ଅଭିଯୋଗ କରାଯାଇଛି ଯେ ନିର୍ବାଚନ କମିସନଙ୍କୁ ଅସ୍ତ୍ର କରି ଦଳକୁ କ୍ଷମତାଚ୍ୟୁତ କରିବା ପରେ ଏବେ ଦଳ ଭିତରେ ଫାଟ ସୃଷ୍ଟି କରିବାକୁ ଷଡ଼ଯନ୍ତ୍ର ଚଳାଇଛି ବିଜେପି। ଏହାକୁ ସଫଳ ହେବାକୁ ଦିଆଯିବ ନାହିଁ। ଆଜି ଏଠାରେ

**'ଦଳକୁ ଭାଙ୍ଗିବା ଲାଗି ଷଡ଼ଯନ୍ତ୍ର କରାଯାଉଛି'**

ଧାରଣାରେ ବସିଥିବା ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ ନିର୍ବାଚନରେ ୨୯୪ ଆସନ ମଧ୍ୟରୁ ୧୭୯ଟି ଆସନରେ ଜାଲିଆତି କରି ଫଳାଫଳକୁ ନିଜ ସପକ୍ଷରେ କରିଛି ବିଜେପି। ରାଜ୍ୟରେ ବିଜେପି ସରକାରକୁ ଖୁବଶୀଘ୍ର ବିତାଡ଼ିତ କରାଯିବ ବୋଲି ସେ କହିଛନ୍ତି। ନିକଟରେ ଶେଷ ହୋଇଥିବା ନିର୍ବାଚନରେ ବିଜେପିର ବିଜୟ ପରେ ଟିଏମ୍‌ସି କର୍ମୀ ଓ ନେତାଙ୍କ ଉପରେ ହୋଇଥିବା ଆକ୍ରମଣ ବିରୋଧରେ ଦଳର ସୁପ୍ରିମୋ ମମତା ବାନାର୍ଜୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ମଙ୍ଗଳବାର ସେ କେନ୍ଦ୍ରୀୟ କୋଲକାତାରେ ଦିନିକିଆ ଧାରଣା ଦେଇଛନ୍ତି।

## ୩୩ ବର୍ଷ ପରେ ୮୪ ବର୍ଷୀୟ ବୃଦ୍ଧ ଦୋଷୀ ସାବ୍ୟସ୍ତ

ବୈଶାଳୀ, ୨।୬(ଏଜେନ୍ସି): ବିହାରର ବୈଶାଳୀ ଜିଲ୍ଲାରେ ୩୩ ବର୍ଷ ତଳେ ଘଟିଥିବା ଏକ ହିଂସାତ୍ମକ ଆକ୍ରମଣ ମାମଲାରେ ଏକ ସ୍ଥାନୀୟ କୋର୍ଟ ଆଜି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ୧୯୯୨ର ଏହି ମାମଲାରେ ବର୍ତ୍ତମାନ ୮୪ ବର୍ଷ ବୟସ୍କ ଏବଂ ଶାରୀରିକ ଭାବେ ଦୁର୍ବଳ ହୋଇପଡ଼ିଥିବା ଦୀପ ରାୟଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ୧୯୯୨ ମେ ୧୦ରେ ଜୁଧାବନପୁର ଗ୍ରାମର ବାସିନ୍ଦା ଅଦାଲତ ରାୟଙ୍କ ଦ୍ୱାରା ଏନେଇ ଅଭିଯୋଗ ଦାୟର କରାଯାଇଥିଲା। ଅଭିଯୋଗ ଅନୁଯାୟୀ, ଏକ ପରିବାରର ୫ ଜଣ ସଦସ୍ୟ ମାରଣାସ୍ତ୍ର ଧରି ଅଦାଲତ ରାୟଙ୍କ ଘରେ ଧସେଇ ପଶିଥିଲେ। ଏକ ବିବାଦକୁ କେନ୍ଦ୍ର କରି ଗୁଳି ଚଳାଇବା ସହ ତାଙ୍କୁ ଓ ତାଙ୍କ ପତ୍ନୀଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ୧୯୯୩ରେ ପୁଲିସ ଏନେଇ ଚାର୍ଜସିଟ୍ ଦାଖଲ କରିଥିଲା। ଦୀର୍ଘ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଚାଲିଥିବା ଏହି ଆଇନଗତ ପ୍ରକ୍ରିୟା ମଧ୍ୟରେ ମୋଟ ୫ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୪ ଜଣଙ୍କର ମୃତ୍ୟୁ ଘଟିସାରିଛି। ଦୀପ ରାୟ ଏହି ମାମଲାର ଏକମାତ୍ର ଜୀବିତ ଅଭିଯୁକ୍ତ ଭାବେ ବିଚାରର ସମ୍ମୁଖୀନ ହେଉଥିଲେ। କୋର୍ଟ ପରିସରରୁ ଦୁଇ ଜଣ ବ୍ୟକ୍ତିଙ୍କ ସହାୟତାରେ ତାଙ୍କୁ ନିଆଯାଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।



## ୟୁକ୍ରେନ ଉପରେ ରୁଷର ଆକ୍ରମଣ: ୧୬ମୃତ, ଶହ ଶହ ଆହତ

କିଭ୍, ୨।୬(ଏଜେନ୍ସି): ୟୁକ୍ରେନ ଉପରେ ରୁଷ ପକ୍ଷରୁ କରାଯାଇଥିବା ମିସାଇଲ ଏବଂ ଡ୍ରୋନ ଆକ୍ରମଣରେ ୧୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଶହ ଶହ ଲୋକ ଆହତ ହୋଇଛନ୍ତି। ରୁଷର ଏହି ଶକ୍ତିଶାଳୀ ଆକ୍ରମଣ ପରେ ସାରା ଦେଶରେ ଆତଙ୍କ ଖେଳିଯାଇଛି। ୟୁକ୍ରେନର ରାଜଧାନୀ କିଭ୍‌ରେ ରୁଷର ବାଲିଷ୍ଟିକ ମିସାଇଲ ମାଡ଼ରେ ୪ ଜଣଙ୍କର ପ୍ରାଣହାନି ଘଟିଛି ଏବଂ ୫୮ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ ଜଣ ଶିଶୁ ମଧ୍ୟ ସାମିଲ ଅଛନ୍ତି। ସେହିପରି ଦନିପ୍ରୋ ସହରରେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୫ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ରହିଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କିଛି ଦିନ ପୂର୍ବରୁ ଏହି ଆକ୍ରମଣ ସମ୍ପର୍କରେ ସୂଚନା ଦେଇଥିଲେ। ଗୋଇନ୍ଦା ରିପୋର୍ଟ ଆଧାରରେ ସେ କହିଥିଲେ ଯେ ରୁଷ ଏକ ବୃହତ ନୂତନ ଆକ୍ରମଣ ପାଇଁ ପ୍ରସ୍ତୁତି ଚଳାଇଛି। ଜେଲେନସ୍କି ପୁଣି ଥରେ ପାଶ୍ଚାତ୍ୟ ସହଯୋଗୀ ଦେଶଗୁଡ଼ିକୁ, ବିଶେଷ କରି ଆମେରିକାକୁ ଅଧିକ ପାଟ୍ରିଅଟ୍ ଏୟାର ଡିଫେନ୍ସ ସିଷ୍ଟମ ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ଖାର୍କିଭ୍ ସହରରେ ମଧ୍ୟ ରୁଷର ରାତିକାଳୀନ ଆକ୍ରମଣରେ ଏକ ଶିଶୁ ସମେତ ୧୦ ଜଣ ଆହତ ହୋଇଛନ୍ତି। ଅନ୍ୟପଟେ ୟୁକ୍ରେନ ପକ୍ଷରୁ ମଧ୍ୟ ରୁଷର କୁର୍ସ୍କ ଅଞ୍ଚଳରେ ଡ୍ରୋନ ଆକ୍ରମଣ କରାଯାଇଥିଲା। ଏଥିରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ରୁଷ ଅଧିକାରୀମାନେ ପ୍ରକାଶ କରିଛନ୍ତି।



## ପୁଣି ଏକାଠି ହୋଇପାରନ୍ତି ଶିବସେନାର ଦୁଇ ଗୋଷ୍ଠୀ

ମୁମ୍ବାଇ, ୨।୬(ଏଜେନ୍ସି): ମହାରାଷ୍ଟ୍ରରେ ଶିବସେନାର ସି।।ନ୍ଦେ ଏବଂ ଉଦ୍ଧବ ଗୋଷ୍ଠୀ ପୁଣି ଏକାଠି ହେବେ। ଏଭଳି ଚର୍ଚ୍ଚା ଏବେ ମରାରାଷ୍ଟ୍ର ରାଜନୀତିରେ ଜୋରସୋରରେ ଚାଲିଛି। ବିଜେପି ମେଣ୍ଟ ସରକାରରେ ଅଂଶୀଦାର ଥିବା ସେନାର ସିନ୍ଦେ ଗୋଷ୍ଠୀକୁ ଗୁରୁତ୍ୱ ଦିଆଯାଉ ନଥିବାରୁ ଏଭଳି ଯୋଜନା ଚାଲିଛି। ଏପରିକି ଗୋଷ୍ଠୀର ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଫଡନାଭିସ ଗୁରୁତ୍ୱ ଦେଉ ନାହାନ୍ତି ବୋଲି ଶୁଣାଯାଉଛି। ୨୦୨୨ରେ ଶିବ ସେନା ଦୁଇ ଭାଗ ହେବା ପରେ ସି।।ନ୍ଦେ ଗୋଷ୍ଠୀ ବିଜେପି ସହିତ ହାତ ମିଳାଇଥିଲା। ଇତିମଧ୍ୟରେ ଉଦ୍ଧବ ଗୋଷ୍ଠୀର ନେତା ତଥା ରାଜ୍ୟସଭା ସାଂସଦ ସଞ୍ଜୟ ରାଉତ କହିଛନ୍ତି ଯେ ବିଜେପି ସହ ହାତ ମିଳାଇ ଉପ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଗୋଷ୍ଠୀ ଏବେ ଅନୁତାପ କରୁଛି। ବିଜେପି ସେମାନଙ୍କୁ ମୂଳପୋଛ କରିବା ପୂର୍ବରୁ ସିନ୍ଦେ ଗୋଷ୍ଠୀ ଫେରି ଆସନ୍ତୁ ବୋଲି ସେ ନିମନ୍ତ୍ରଣ ଦେଇଛନ୍ତି। ସେ କହିଛନ୍ତି ଯେ ମହାରାଷ୍ଟ୍ର ରାଜନୀତିରେ ବିଜେପି ଦ୍ୱାରା ଶିନ୍ଦେ ଶିବିରର ନେତାମାନେ ଅବହେଳିତ ଓ ଅପମାନିତ ଅନୁଭବ କରୁଥିବା ଖବର ପ୍ରଚାର ହୋଇଛି। ୨୦୨୨ରେ ସିନ୍ଦେଙ୍କ ସହ ଯାଇଥିବା ନେତା ଯଦି ଅନୁତାପ କରୁଛନ୍ତି, ତେବେ ସେମାନେ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଦଳକୁ ଫେରିଆସିବା ଉଚିତ। ସେମାନଙ୍କ ପାଇଁ ଦ୍ୱାର ଖୋଲା ଅଛି। ଏହି ନିମନ୍ତ୍ରଣ ପଛରେ ସିନ୍ଦେ ଗୋଷ୍ଠୀ ମଧ୍ୟରେ ଉପୁଜିଥିବା ଅସନ୍ତୋଷ ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି। ନିକଟରେ ସିନ୍ଦେ ଗୋଷ୍ଠୀର ନେତା ଅବଦୁଲ ସତ୍ତାର କ୍ଷୋଭ ପ୍ରକାଶ କରି କହିଥିଲେ ଯେ, ବିଜେପି ଶିବସେନା (ୟୁବିଟି)ର ହାତ ଓ ଗୋଡ଼ କାଟିଥିବା ବେଳେ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାର 'ମୁଣ୍ଡ କାଟିବା' ପାଇଁ ଚେଷ୍ଟା କରୁଛି। ଯଦି ବିଜେପି ଆମକୁ ଶେଷ କରିବାକୁ ଚାହୁଁଛି, ତେବେ ଏହି ମେଣ୍ଟର କୌଣସି ଅର୍ଥ ନାହିଁ ବୋଲି ସତ୍ତାର କହିଥିଲେ।

## ଆମେରିକାରେ ୩୦ ଭାରତୀୟ ଟ୍ରକ୍ ଡ୍ରାଇଭର ଗିରଫ

ନ୍ୟୁୟର୍କ, ୨।୬(ଏଜେନ୍ସି): ଆମେରିକାରେ ବେଆଇନ ଭାବେ ରହି ବାଣିଜ୍ୟିକ ଟ୍ରକ ଚଲାଉଥିବା ଅଭିଯୋଗରେ ୩୦ ଜଣ ଭାରତୀୟଙ୍କୁ ଗିରଫ କରାଯାଇଛି। ଆରିଜୋନାର ୟୁମା ସେକ୍ଟରରେ ସଂଘୀୟ ଏଜେଣ୍ଟମାନଙ୍କ ଏକ ସ୍ୱତନ୍ତ୍ର ଅଭିଯାନ 'ଅପରେସନ ଚେକମେଟ' ମେ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ଗିରଫ ହୋଇଥିବା ଭାରତୀୟମାନଙ୍କୁ ଖୁବଶୀଘ୍ର ନିଜ ଦେଶକୁ ପଠାଇ ଦିଆଯିବ ବୋଲି ଜଣାପଡ଼ିଛି। ୟୁଏସ କଷ୍ଟମ୍ସ ଆଣ୍ଡ ବର୍ଡର ପ୍ରୋଟେକ୍ସନ ପକ୍ଷରୁ ଏନେଇ ବିବୃତ୍ତି ଜାରି କରାଯାଇଛି। ମୋଟ ୫୨ ଜଣ ଅନୁପ୍ରବେଶକାରୀଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୬ ଜଣ ସେମି-ଟ୍ରକ ଚାଳକ ଭାବେ କାର୍ଯ୍ୟ କରୁଥିଲେ। ଏହି ୩୬ ଜଣ ଚାଳକଙ୍କ ମଧ୍ୟରୁ ୩୦ ଜଣ ଭାରତର ହୋଇଥିବା ବେଳେ ବାକି ୬ ଜଣ ମେକ୍ସିକୋ, ଏଲ୍ ସାଲଭାଡୋର ଏବଂ ରୁଷର ନାଗରିକ ବୋଲି ପରିଚୟ ମିଳିଛି। ଗିରଫ ଚାଳକମାନଙ୍କ ମଧ୍ୟରୁ କେତେକଙ୍କ ପାଖରେ କାଲିଫର୍ଣ୍ଣିଆ, ନ୍ୟୁୟର୍କ, ୱାସିଂଟନ ଏବଂ ଭର୍ଜିନିଆ ଭଳି ରାଜ୍ୟର ବାଣିଜ୍ୟିକ ଡ୍ରାଇଭିଂ ଲାଇସେନ୍ସ ରହିଥିଲା। କେତେକଙ୍କ ପାଖରେ ଆଦୌ କୌଣସି ଡ୍ରାଇଭିଂ ଲାଇସେନ୍ସ ନଥିଲା। ଅଧିକାଂଶଙ୍କ ପାଖରେ ଜୋ ବାଇଡେନ ପ୍ରଶାସନ ସମୟରେ ପ୍ରଦାନ କରାଯାଇଥିବା କାର୍ଯ୍ୟ ଅନୁମତି ପତ୍ର ଥିଲେ ହେଁ, ସେଗୁଡ଼ିକର ଅବଧି ଶେଷ ହୋଇଯାଇଥିଲା। ସୂଚନାଯୋଗ୍ୟ, ବିଗତ କିଛି ମାସ ମଧ୍ୟରେ ଆମେରିକାରେ ଭାରତୀୟ ବଂଶୋଦ୍ଭବ ଟ୍ରକ ଚାଳକଙ୍କ ଦ୍ୱାରା ଘଟିଥିବା କେତେକ ଦୁର୍ଘଟଣା ପରେ କାର୍ଯ୍ୟାନୁଷ୍ଠାନକୁ କଡ଼ାକଡ଼ି କରାଯାଇଛି। ଗିରଫ ସମସ୍ତ ବ୍ୟକ୍ତିଙ୍କୁ ସଂଘୀୟ ଆଇନ ଅନୁଯାୟୀ ପ୍ରକ୍ରିୟାକରଣ କରାଯାଇ ସେମାନଙ୍କୁ ଦେଶାନ୍ତର କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି।

## ଘାତକ ହେଉଛି ଗ୍ରୀଷ୍ମ ପ୍ରବାହ

### ଭାରତରେ ଗୋଟିଏ ଦିନରେ ଯାଇପାରେ ୩୪୦୦ ଜୀବନ

ନୂଆଦିଲ୍ଲୀ, ୨।୬(ଏଜେନ୍ସି): ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଦେଶର ଅନେକ ପ୍ରାନ୍ତରେ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଛି। ଏକ ଅନୁସନ୍ଧାନ ଅନୁଯାୟୀ, ଭାରତରେ ଗ୍ରୀଷ୍ମ ପ୍ରବାହ ପ୍ରାଣଘାତକ ସାବ୍ୟସ୍ତ ହେଉଛି। ୟୁସି ବର୍କଲେର ଗବେଷକ ପୀୟୂଷ ନାରଙ୍ଗ ଏବଂ ଅଶୋକ ଗାଡଗିଲଙ୍କ ଦ୍ୱାରା କରାଯାଇଥିବା ଏହି ଅଧ୍ୟୟନ ଅନୁଯାୟୀ, ସାରା ଦେଶରେ ମାତ୍ର ଗୋଟିଏ ଦିନର ପ୍ରବଳ ଖରା ପ୍ରାୟ ୩, ୪୦୦ ଅତିରିକ୍ତ ମୃତ୍ୟୁର କାରଣ ହୋଇପାରେ। ଯଦି ଏହି ଗ୍ରୀଷ୍ମ ପ୍ରବାହ ୫ ଦିନ ପର୍ଯ୍ୟନ୍ତ ଜାରି ରହେ, ତେବେ ମୃତ୍ୟୁସଂଖ୍ୟା ପ୍ରାୟ ୩୦, ୦୦୦ କୁ ବୃଦ୍ଧି ପାଇବାର ଆଶଙ୍କା ରହିଛି। ବିଶେଷ କରି ଉତ୍ତର ପ୍ରଦେଶ ଭଳି ରାଜ୍ୟରେ ଏହା ଅଧିକ ଭୟାବହ ହୋଇପାରେ ଏବଂ ସେଠାରେ ୫ ଦିନର ଗ୍ରୀଷ୍ମ ପ୍ରବାହରେ ୮, ୦୦୦ ରୁ ଅଧିକ ଲୋକ ପ୍ରାଣ ହରାଇପାରନ୍ତି ବୋଲି ଏହି ଅଧ୍ୟୟନ ଅନୁମାନ କରିଛି। ସରକାରୀ ରିପୋର୍ଟରେ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟା ପ୍ରାୟତଃ କମ୍ ରହିଥାଏ। କାରଣ ଅନେକ ମୃତ୍ୟୁକୁ ସଠିକ୍ ଭାବେ ଚିହ୍ନଟ କରାଯାଏ ନାହିଁ। ଅତ୍ୟଧିକ ଖରା ଯୋଗୁଁ ହେଉଥିବା ମୃତ୍ୟୁଗୁଡ଼ିକୁ ପ୍ରାୟତଃ ହୃଦଘାତ କିମ୍ବା ଶ୍ୱାସକ୍ରିୟା ଜନିତ ସମସ୍ୟା ବୋଲି ଦର୍ଶାଯାଇଥାଏ। ଫଳରେ ଜନସାଧାରଣ ଓ ପ୍ରଶାସନ ପ୍ରକୃତ ସ୍ଥିତି ଆକଳନ କରିବାରେ ବିଫଳ ହୁଅନ୍ତି। ଗ୍ରୀଷ୍ମ ପ୍ରବାହରେ ଚାଷୀ, ଦିନମଜୁରିଆ ଏବଂ ବୟସ୍କମାନେ ସବୁଠାରୁ ଅଧିକ ବିପଦର ସମ୍ମୁଖୀନ ହେଉଛନ୍ତି। ଏହା ବ୍ୟତୀତ ସହରାଞ୍ଚଳରେ କଂକ୍ରିଟ୍ ନିର୍ମାଣ ଯୋଗୁଁ ରାତିରେ ତାପମାତ୍ରା କମୁନାହିଁ। ଲୋକଙ୍କୁ ସୂର୍ଯ୍ୟାସ୍ତ ପରେ ମଧ୍ୟ ଆଶ୍ୱସ୍ତି ମିଳୁନାହିଁ। ରାଜସ୍ଥାନରେ ତାପମାତ୍ରା ୫୦.୫ ଡିଗ୍ରୀ ଛୁଇଁଥିବା ବେଳେ ଦିଲ୍ଲୀ-ଏନସିଆର, ମଧ୍ୟପ୍ରଦେଶ ଏବଂ ଉତ୍ତର ପ୍ରଦେଶରେ ମଧ୍ୟ ଅତି ଭୟଙ୍କର ସ୍ଥିତି ଉପୁଜିଛି।



# ଗୁଳୁଗୁଳି ସହ ଜାରି ରହିବ କାଳବୈଶାଖୀ

ଭୁବନେଶ୍ୱର, ୨।୬(ସମିସ): ରାଜ୍ୟରେ କାଳବୈଶାଖୀ ପ୍ରଭାବ ଜାରି ରହିଛି। ଦିନରେ ଅନେକ ସ୍ଥାନରେ ଗରମ ଗୁଳୁଗୁଳି ଲାଗି ରହିଥିବା ବେଳେ ଅପରାହ୍ଣ ପରେ ଭୀଷଣ କାଳବୈଶାଖୀ ହେଉଛି। ବିଶେଷକରି, ଉପକୂଳବର୍ତ୍ତୀ ଜିଲ୍ଲାରେ କାଳବୈଶାଖୀର ପ୍ରଭାବ ଅଧିକ ରହୁଥିବା ବେଳେ ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ପ୍ରବଳ କାଳବୈଶାଖୀ ପାଇଁ ପାଣିପାଗ କେନ୍ଦ୍ର ଆକଳନ କରିଛି। ଗତ ୨୪ଘଣ୍ଟାରେ ଭଦ୍ରକରେ ୧୩.୪ମିମି ବର୍ଷା ରେକର୍ଡ ହୋଇଥିବା ବେଳେ କେନ୍ଦୁଝରରେ ୧୨.୫ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ବାଲେଶ୍ୱର, ବାରିପଦା, ଚାନ୍ଦବାଲି, ଅନୁଗୁଳ, ରାୟଗଡ଼ା ଓ ଯାଜପୁରରେ ମଧ୍ୟ କାଳବୈଶାଖୀ ଜନିତ ବର୍ଷା ରେକର୍ଡ ହୋଇଛି। ବୁଧବାର କେନ୍ଦୁଝର, ମୟୂରଭଞ୍ଜ ଓ ନବରଙ୍ଗପୁରରେ ଭୀଷଣ କାଳବୈଶାଖୀ ଆଶଙ୍କା ସହ ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ୫୦-୬୦କିମି ପର୍ଯ୍ୟନ୍ତ ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସାଙ୍ଗକୁ ପବନର ବେଗ ୪୦-୫୦ କିମି ବେଗରେ ପବନ ବହିବ ବୋଲି ପାଣିପାଗ କେନ୍ଦ୍ର କହିଛି।

ଅନ୍ୟପଟେ କାଳବୈଶାଖୀ ସାଙ୍ଗକୁ ରାଜ୍ୟରେ ଆଗକୁ ଗୁଳୁଗୁଳି ମଧ୍ୟ ଜାରି ରହିବ। ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାରେ ଗୁଳୁଗୁଳିର ପ୍ରଭାବ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରେ ଗୁଳୁଗୁଳି ନେଇ ପାଣିପାଗ କେନ୍ଦ୍ର ଆଶଙ୍କା କରି ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

## ବଜ୍ରପାତରେ ଦୁଇ ଭାଇ ମୃତ



କିଶୋରନଗର, ୨।୬ (ସମିସ): କିଶୋରନଗର ବ୍ଲକ୍ ହଣ୍ଡପା ଥାନା ଅଧୀନ ପାପସରା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ବଜ୍ରପାତରେ ଦୁଇ ସମ୍ପର୍କୀୟ ଭାଇଙ୍କ ଜୀବନ ଯାଇଛି। ମୃତ ଯୁବକଦ୍ୱୟ ହେଲେ, ସଞ୍ଜୟ ସାହୁ(୨୫) ଓ ଆରତ ବେହେରା (୨୩)। ଗତରାତିରେ ଏହି ଅଘଟଣ ଘଟିଛି।

ଗତକାଲି ଅପରାହ୍ଣରେ ସଞ୍ଜୟ ଓ ଆରତ ଚାଷ କାମ ପାଇଁ ବିଲକୁ ଯାଇଥିଲେ। ଏହି ସମୟରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ବିଲରେ କାମ କରୁଥିବା ଅବସ୍ଥାରେ ହିଁ ଦୁହେଁ ବଜ୍ରାଘାତର ଶିକାର ହୋଇଥିଲେ। ଘଟଣାସ୍ଥଳରେ ଦୁହେଁ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକ ଓ ପରିବାର ସଦସ୍ୟ ସେମାନଙ୍କୁ ତୁରନ୍ତ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ, ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ହଣ୍ଡପା ଥାନା ପୁଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁଇ ଯୁବକଙ୍କ ମୃତ୍ୟୁରେ ସ୍ଥାନୀୟ ପ୍ରଶାସନ ତଥା ଜନପ୍ରତିନିଧିମାନେ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

# ଇଞ୍ଜିନିୟରିଂ ଓ ଡାକ୍ତରୀ ଶିକ୍ଷାରେ ସଂରକ୍ଷଣ

ଭୁବନେଶ୍ୱର, ୨।୬(ସମିସ): ଚଳିତ ଶିକ୍ଷାବର୍ଷରୁ ଇଞ୍ଜିନିୟରିଂ ଓ ମେଡିକାଲ୍ ପରି ବୈଷୟିକ ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର

## ପ୍ରକାଶ ପାଇଲା ବିଜ୍ଞପ୍ତି

ଛାତ୍ରଛାତ୍ରୀଙ୍କୁ ସଂରକ୍ଷଣ ମିଳିବ। ପୂର୍ବରୁ ସଂରକ୍ଷଣ ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସହ କ୍ୟାବିନେଟ୍ ଅନୁମୋଦନ ମିଳିଥିଲା। ଏବେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଏ, ବିକମ୍, ବିଏସ୍‌ସି ପରି ସାଧାରଣ ଉଚ୍ଚଶିକ୍ଷାରେ ଏହି ସବୁ ବର୍ଗର ପିଲାମାନଙ୍କ ପାଇଁ ସମାନୁପାତିକ ସଂରକ୍ଷଣ ରହିଛି। ନୂତନ ନିଷ୍ପତ୍ତି ଅନୁଯାୟୀ ଚଳିତବର୍ଷ ଠାରୁ ଅନୁସୂଚିତ ଜନଜାତି ବର୍ଗ ଛାତ୍ରଛାତ୍ରୀଙ୍କୁ ୨୨.୫ ପ୍ରତିଶତ, ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କୁ ୧୬.୨୫ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ ୧୧.୨୫ ପ୍ରତିଶତ ସିଟ୍ ସଂରକ୍ଷଣ କରାଯାଇଛି।

## ଶିମିଳିପାଳ ପାଇଁ ଖୁସି ଖବର

# ଜିନତ କୋଳରେ ୪ ଶାବକ

ବାରିପଦା, ୨।୬(ସମିସ): ଶିମିଳିପାଳ ଅଭୟାରଣ୍ୟରେ ବାଘଙ୍କ ଜେନେଟିକ୍ ବିବିଧତା ବଢ଼ାଇବା ଲକ୍ଷ୍ୟ ନେଇ ଓଡ଼ିଶା ବନ ବିଭାଗର ପ୍ରୟାସକୁ ଏକ ବଡ଼ ସଫଳତା ମିଳିଛି। ମହାରାଷ୍ଟ୍ରର ତାଡ଼ୋବା-ଅନ୍ଧାରୀ ଅଭୟାରଣ୍ୟରୁ ଏଠାକୁ ଆସିଥିବା ବାଘୁଣୀ ଜନିତ ଏକାଥରକେ ୪ଟି ଶାବକ ଜନ୍ମ ଦେଇ ଶିମିଳିପାଳ ପାଇଁ ଖୁସି ଖବର ଆଣି ଦେଇଛି। ଗତ ମେ' ମାସରେ ଜିନତ ୪ଟି ସ୍ୱାସ୍ଥ୍ୟବାନ୍ ଶାବକ ଜନ୍ମ ଦେଇଛି। ଛୁଆଗୁଡ଼ିକର ବୟସ ପ୍ରାୟ ୩ରୁ ୪ ସପ୍ତାହ ହୋଇଥିବା ଜଣାପଡ଼ିଛି। ଜିନତ ତା' ଶାବକମାନଙ୍କୁ ନେଇ ଯାଉଥିବାର ଦୃଶ୍ୟ ଗତ ମେ' ୨୮

## ଓଡ଼ିଶାର ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଐତିହାସିକ ସଫଳତା: ମୁଖ୍ୟମନ୍ତ୍ରୀ

ତାରିଖରେ ଏଆଇ କ୍ୟାମେରାରେ କଏଦ୍ ହୋଇଛି। ସମସ୍ତ ଛୁଆ ସାଧାରଣ ରଙ୍ଗର ବୋଲି ଓଡ଼ିଶା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ସାଟେଲାଇଟ୍ କଲର୍ ଏବଂ ଭିଏଚ୍‌ଏଫ୍ ସିଗନାଲ ମାଧ୍ୟମରେ ଜିନତ ଓ ଶାବକମାନଙ୍କ ଉପରେ ନଜର ରଖାଯାଇଛି। ଅଞ୍ଚଳରେ ପାଟ୍ରୋଲିଂ ମଧ୍ୟ ବଢ଼ାଯାଇଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ଅପରପକ୍ଷେ, ଓଡ଼ିଶାର ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଏହା ଐତିହାସିକ ସଫଳତା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଦର୍ଶାଇଛନ୍ତି ଯେ ଶିମିଳିପାଳରେ ବାଘ ସଂଖ୍ୟା ବୃଦ୍ଧି ସହ ଜେନେଟିକ୍ ବିବିଧତାକୁ ଏହା ମଜବୁତ କରିବ। ବୈଜ୍ଞାନିକ ପଦ୍ଧତି ଆଧାରିତ ସଂରକ୍ଷଣ କାର୍ଯ୍ୟକ୍ରମ ଏବଂ ବନ ବିଭାଗର କର୍ମଚାରୀମାନଙ୍କ ନିଷ୍ଠାପୂର୍ଣ୍ଣ ପ୍ରୟାସର ଏହା ଏକ ଉଜ୍ଜ୍ୱଳ ଉଦାହରଣ। ସେହିପରି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଓଡ଼ିଶାର ସୁଦୃଢ଼ ବନ୍ୟପ୍ରାଣୀ ସଂରକ୍ଷଣ ନୀତି ଓ ପ୍ରଶାସନିକ ଦୂରଦୃଷ୍ଟିର ଏହା ଏକ ଉଜ୍ଜ୍ୱଳ ଉଦାହରଣ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଅନୁକୂଳ ପରିବେଶ ଓ ସୁରକ୍ଷିତ ବାସସ୍ଥାନ ଏହି ସଫଳତାକୁ ସମ୍ଭବ କରିଛି।

ସୂଚନାଯୋଗ୍ୟ, ଓଡ଼ିଶା ବନ ବିଭାଗ ତାଡ଼ୋବାରୁ ଦୁଇଟି ବାଘୁଣୀ (ଜମୁନା ଓ ଜିନତ)ଙ୍କୁ ୨୦୨୪ ମସିହାରେ ଶିମିଳିପାଳକୁ ଆଣିଥିଲା। କେନ୍ଦ୍ର ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ୨୬ ସେପ୍ଟେମ୍ବର ୨୦୨୪ରେ ଏହି ପ୍ରକଳ୍ପକୁ ଅନୁମୋଦନ କରିଥିଲା। ଜିନତ ପ୍ରଥମେ ଶିମିଳିପାଳରୁ ବାହାରକୁ ଯାଇ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ପ୍ରାୟ ୨୫୦ କିଲୋମିଟର ଯାତ୍ରା



କରିଥିଲା। କିନ୍ତୁ, ଓଡ଼ିଶା ବନ ବିଭାଗର ଫ୍ରଣ୍ଟ ଲାଇନ୍ ଷ୍ଟାଫ୍ ଓ ପଶ୍ଚିମବଙ୍ଗ ବନ ବିଭାଗର ସହଯୋଗରେ ୧ ଜାନୁଆରୀ ୨୦୨୫ରେ ତାକୁ ପୁନର୍ବାର ଧରି ଶିମିଳିପାଳକୁ ଫେରାଇ ଆଣଯାଇଥିଲା। ଏପ୍ରିଲ୍ ୨୦୨୫ରେ ପୁଣି ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା। ପରେ ତା'ର ସ୍ଥାନୀୟ ପୁରୁଷ ବାଘ ସହ ମିଳନ ହୋଇଥିଲା। ଜାନୁଆରୀ ୨୦୨୬ରେ ଦ୍ୱିତୀୟଥର ମିଳନ ପରେ ଜିନତ ଗର୍ଭ ଧାରଣ କରିଥିଲା। ଏବେ ଜିନତ ୪ଟି ଶାବକ ଜନ୍ମ ଦେଇ ଶିମିଳିପାଳ ପାଇଁ ଖୁସି ଖବର ଆଣିଦେଇଛି। ଓଡ଼ିଶା ବନ ବିଭାଗର ଆନ୍ତଃରାଜ୍ୟ ବାଘ ସ୍ଥାନାନ୍ତର ପ୍ରକଳ୍ପର ଏକ ବଡ଼ ସଫଳତା ଭାବେ ପ୍ରମାଣିତ ହୋଇଛି।

# ଦେଶରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି: ବିଜେଡି

## ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର ୨।୬ (ସମିସ): ବିଜେପି ସରକାରକୁ ଆସିବା ଦିନଠୁ ପ୍ରାୟ ସବୁ ପରୀକ୍ଷାରେ ପେପର ଲିକ୍ ହୋଇ ପରୀକ୍ଷା ବାତିଲ ହୋଇଛି । ବିଗତ ୬ ବର୍ଷ ମଧ୍ୟରେ ଚାରି ଚାରି ଥର ନିଟ୍ ପରୀକ୍ଷା ବାତିଲ୍ ହୋଇଥିବା ବେଳେ ସିବିଏସ୍‌ଇ ପରୀକ୍ଷା ସହ ଅନ୍ୟାନ୍ୟ ପରୀକ୍ଷାରେ ମଧ୍ୟ ବିଭ୍ରାଟ ସୃଷ୍ଟି ହୋଇଛି । ପିଲାଙ୍କ ଭବିଷ୍ୟତ ସହିତ ଖେଳୁଥିବା ବିଜେପି ସରକାର ଉପରେ ବର୍ଷିଛି ବିଜୁ ଜନତା ଦଳ । ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି ବିଜେପି ସରକାର ଦେଶର ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ସହିତ ଖେଳୁଥିବା ଅଭିଯୋଗ କରିଛନ୍ତି ।

ସୁଲତା କହିଛନ୍ତି ଯେବାରମ୍ବାର ପରୀକ୍ଷାରେ ବିଭ୍ରାଟ ହେବା ଯୋଗୁଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାର ଗଭୀର ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି । ବର୍ଷ ବର୍ଷ ଧରି ପରିଶ୍ରମ କରି ପରୀକ୍ଷା ଦେଉଥିବା ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଛି । ୨୦୨୪ରେ ନିଟ୍ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ



ହେଲା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କିଛି ରାଜ୍ୟରେ ପେପର ଲିକ୍ ହୋଇଥିବା ସ୍ୱୀକାର କରିଥିଲେ । ଚଳିତ ବର୍ଷ ନିଟ୍, ସିବିଏସ୍‌ଇ, ସିୟୁଟି ପରୀକ୍ଷାରେ ବିଭ୍ରାଟ ହେବା ଯୋଗୁଁ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ଅନିଶ୍ଚିତତା ଭିତରେ ଗତି କରୁଛନ୍ତି। ମାତ୍ର କେନ୍ଦ୍ରଶିକ୍ଷାମନ୍ତ୍ରୀ ଏହି ପ୍ରସଙ୍ଗରେ ସନ୍ତୋଷଜନକ ଉତ୍ତର ଦେବାରେ ବିଫଳ ହୋଇଛନ୍ତି। ସାମାଜିକ ଗଣମାଧ୍ୟମରେ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ସହ କେନ୍ଦ୍ରମନ୍ତ୍ରୀ ଓ ତାଙ୍କ ପତ୍ନୀଙ୍କ ସମ୍ପୃକ୍ତି ଚର୍ଚ୍ଚା ହେଉଛି। ବିଜୁ ନବୀନ ଇନ୍ସପିରେସନାଲ ଟ୍ରଷ୍ଟ ବିଷୟରେ ବିଭିନ୍ନ ସମୟରେ ଯେପରି ପ୍ରଶ୍ନ ଉଠିଥିଲା ଆମେ ସେଥିରେ ସ୍ୱଷ୍ଟତା ଦେଇଥିଲୁ, ସେହିପରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମଧ୍ୟ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ସହ ତାଙ୍କ ପରିବାରର ସମ୍ପର୍କ ସ୍ପଷ୍ଟ କରିବା ଆବଶ୍ୟକ ବୋଲି ଶ୍ରୀମତୀ ଦେଓ କହିଛନ୍ତି।

ଲେନିନ୍ କହିଛନ୍ତି ଯେ ନିଟ୍, ସିବିଏସଇ ଓ ସିୟୁଇଟି ଭଳି ଜାତୀୟସ୍ତରର ପରୀକ୍ଷାରେ ବାରମ୍ବାର ବିଭ୍ରାଟ ଘଟୁଥିବାରୁ ଶିକ୍ଷା ବ୍ୟବସ୍ଥା ପ୍ରତି ଲୋକଙ୍କ ରହିଥିବା ବିଶ୍ୱାସକୁ ଗଭୀର ଆଘାତ ଦେଇଛି। ପେପର ଲିକ୍ ଯୋଗୁଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ପ୍ରଭାବିତ ହୋଇଥିବା ବେଳେ କେନ୍ଦ୍ର ସରକାର ଏବଂ ଶିକ୍ଷା ମନ୍ତ୍ରଣାଳୟ ନୈତିକ ଦାୟିତ୍ୱରୁ ମୁକ୍ତ ହୋଇପାରିବେ ନାହିଁ । ବିଭିନ୍ନ ଗଣମାଧ୍ୟମ ଓ ଜାତୀୟ ସମ୍ବାଦପତ୍ରରେ ପ୍ରକାଶିତ ତଥ୍ୟ ଅନୁଯାୟୀ ପରୀକ୍ଷା ପରିଚାଳନାରେ ଗୁରୁତର ବିଫଳତା ପରିଲକ୍ଷିତ ହୋଇଛି । ଏହି ପରିସ୍ଥିତିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ନିରବତା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେନ୍ଦମନ୍ତ୍ରୀଙ୍କ ଝିଅ ଆମେରିକାର ମେଲୋରସରେ ଉଚ୍ଚଶିକ୍ଷା ଗ୍ରହଣ ସମୟରେ ଏଡୁଟେକ୍ ନିର୍ଦ୍ଦେଶକ ରାଧାକୃଷ୍ଣ ଜୟରମଣ ତାଙ୍କର ସ୍ଥାନୀୟ ଅଭିଭାବକ ଥିବା ଗଣମାଧ୍ୟମରେ ଚର୍ଚ୍ଚା ହେଉଛି, ଏହା ସତ୍ୟ କି ମିଥ୍ୟା ତାହା କେନ୍ଦ୍ରମନ୍ତ୍ରୀ ସ୍ପଷ୍ଟ କରିବା ଆବଶ୍ରକ। ସେହିପରି ସିବିଏସ୍‌ଇ ପରୀକ୍ଷାର ଖାତା ଦେଖା ପାଇଁ ଏଡୁଟେକ୍ ସଂସ୍ଥାକୁ କାମ ଦେବା ପାଇଁ ତିନି ତିନି ଥର ଟର୍ମ ଆଣ୍ଡ କଣ୍ଡିସନ ଶ୍ରୀ ପ୍ରଧାନ ବଦଳାଇଥିଲେ ନା ନାହିଁ, ତାହା ମଧ୍ୟ ସ୍ପଷ୍ଟ ହେବା ଆବଶ୍ୟକ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

## ଏୟାର- ଟୁ-ସର୍‌ଫେସ୍ 'ରୁଦ୍ରମ-୨' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ବାଲେଶ୍ୱର,୨।୬ (ସମିସ): ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂସ୍ଥାନ (ଡିଆରଡିଓ) ଓ ଭାରତୀୟ ବାୟୁସେନା (ଏଆଇଏଫ) ମିଳିତ ଉଦ୍ୟମରେ ଏୟାର- ଟୁ-ସରଫେସ ରୁଦ୍ରମ-୨ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି। ଏକ ଆକାଶମାର୍ଗୀୟ



ପ୍ଲାଟଫର୍ମରୁ ଏହି ପରୀକ୍ଷଣ ଚରମ ଉତ୍‌କ୍ଷେପଣ ସ୍ଥିତି ଓ ଗୁରୁତ୍ୱପୂର୍ଣ୍ଣ ଗତିପଥରେ କରାଯାଇଥିଲା। ରୁଦ୍ରମ - ୨ କ୍ଷେପଣାସ୍ତ୍ର ସମସ୍ତ ଉପ-ପ୍ରଣାଳୀର କ୍ଷମତା ସଠିକ ଭାବେ ପ୍ରଦର୍ଶନ କରିଥିଲା। ଉତକ୍ଷେପଣ ପରେ କ୍ଷେପଣାସ୍ତ୍ରଟି ଅତ୍ୟନ୍ତ ସଠିକତା ସହିତ ପୂର୍ବ ନିର୍ଦ୍ଧାରିତ ଲକ୍ଷ୍ୟସ୍ଥଳକୁ ଭେଦ କରିଥିଲା। ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର) ଦ୍ୱାରା ନିୟୋଜିତ ବିଭିନ୍ନ ଉପକରଣ ଦ୍ୱାରା ସଂଗୃହୀତ ଉଡ଼ାଣ ତଥ୍ୟ ମାଧ୍ୟମରେ ଏହି ପରୀକ୍ଷଣର ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ଭାବରେ ପୂରଣ ହୋଇଥିବା ପ୍ରତିରକ୍ଷା ବିଭାଗ ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଡିଆରଡିଓର ପ୍ରମୁଖ ଗବେଷଣାଗାର ହାଇଦ୍ରାବାଦ୍‌ର ରିସର୍ଚ୍ଚ ସେଣ୍ଟର ଇମାରତ ଦ୍ୱାରା ରୁଦ୍ରମ୍ - ୨ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ହୋଇଥିବା ବେଳେ ଏଥିରେ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ପରୀକ୍ଷାଗାର (ଡିଆରଡିଏଲ), ହାଇ ଏନର୍ଜି ମେଟେରିଆଲ୍‌ସ ରସର୍ଚ୍ଚ ଲେବୋରେଟୋରୀ, ଆର୍ମାମେଂଟ ରିସର୍ଚ୍ଚ ଏଣ୍ଡ ଡେଭେଲପମେଣ୍ଟ ଏଷ୍ଟାବ୍ଲିଶମେଣ୍ଟ ଏବଂ ଆଇଟିଆର ପ୍ରଭୃତି ସଂଗଠନଙ୍କ ସହଭାଗିତା ରହିଛି। ରୁଦ୍ରମ୍ - ୨ର ଏହି ସଫଳ ପରୀକ୍ଷଣ ପାଇଁ ରକ୍ଷାମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ, ଭାରତୀୟ ବାୟୁ ସେନା, ପ୍ରତିରକ୍ଷା ବିଭାଗର ରାଷ୍ଟ୍ରାୟତ ଉଦ୍ୟୋଗ (ଡିପିଏସୟୁ), କ୍ଷେପଣାସ୍ତ ବିକାଶ ଓ ଉତ୍ପାଦନ ଅଂଶୀଦାର (ଡିସିପିପି) କମ୍ପାନୀ ଏବଂ ଏଥିରେ ଜଡିତ ଶିଳ୍ପ ସଂସ୍ଥାମାନଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି। ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଚିବ ଏବଂ ଡିଆରଡିଓର ଚେୟାରମ୍ୟାନ ଡକ୍ଟର ରାଜେଶ କୁମାର ସିଂହ ଏହି ପ୍ରଶଂସନୀୟ ସଫଳତା ପାଇଁ ପରୀକ୍ଷଣ ସହିତ ଜଡିତ ସମସ୍ତ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

## ପୁଲିସ ଥାର୍ଡ ଡିଗ୍ରୀରେ ଦିବ୍ୟାଙ୍ଗଙ୍କ ମୃତ୍ୟୁ ଘଟଣା

# ଅଭିଯୋଗ ଫର୍ଦ୍ଦରେ ନାହିଁ ସୁଶାନ୍ତଙ୍କ ନାମ

ବ୍ରହ୍ମପୁର/କବିସୂର୍ଯ୍ୟନଗର,୨।୬ (ସମିସ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନାରେ ପୁଲିସର ଥାର୍ଡ ଡିଗ୍ରୀ ଯୋଗୁଁ ଦିବ୍ୟାଙ୍ଗ ଯୁବକ ସୁଶାନ୍ତ କୁମାର ସାହୁ (୩୩)ଙ୍କ ମୃତ୍ୟୁ ଘଟଣାକୁ ନେଇ ପୂରା ରାଜ୍ୟ ଉଠୁଛି ପଡ଼ୁଛି। ପୁଲିସର ବର୍ବରତାକୁ ସବୁ ମହଲରେ ସମାଲୋଚନା କରାଯାଉଥିବା ବେଳେ ଏହି ଘଟଣାରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଅଭିଯୋଗ ଫର୍ଦ୍ଦରେ ସୁଶାନ୍ତଙ୍କ ନାମ ନ ଥିବା ବେଳେ ପୁଲିସ ତାଙ୍କୁ ୭ ଦିନ ଧରି ଅଟକ ରଖିଥିଲା ବୋଲି ଜଣାଯାଇଛି। ଅପରପକ୍ଷେ, ଏହି ଘଟଣାରେ ଆଜି ଗଞ୍ଜାମ ଏସ୍‌ପି ହରୀଶ ବିଶି ଦକ୍ଷିଣାଞ୍ଚଳ ଆଇଜି ନିତିଶେଖରଙ୍କୁ ତଦନ୍ତ ରିପୋର୍ଟ ଦେଇଛନ୍ତି। ସେହିପରି ମାନବାଧିକାର ସୁରକ୍ଷା ସେଲ୍ (ଏଚ୍‌ଆର୍‌ପିସି) ଟିମ୍ ଆଜି କବିସୂର୍ଯ୍ୟନଗର ଥାନାରେ ପହଞ୍ଚି ତଦନ୍ତ କରିଥିବା ବେଳେ ଜାତୀୟ ମାନବ ଅଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ଏହାକୁ ଗୁରୁତ୍ୱର ସହ ନେଇ ଗଞ୍ଜାମ ଜିଲ୍ଲାପାଳ ଓ ଏସପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ୩ସପ୍ତାହ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନାନୁଯାୟୀ, ସୁବଳୟା ଗ୍ରାମର ବସନ୍ତ ସାହୁ ଏବଂ ଦିଲ୍ଲୀପ କୁମାର ସାହୁ ବିନା ଲାଇସେନ୍ସରେ ସୁବଳୟା ଗ୍ରାମ ନିକଟରେ ବେଆଇନ ଭାବେ ପଥର ବ୍ଲାଷ୍ଟିଂ କରିବା ସହ ପଥର ଚାଲାଣ କରୁଥିଲେ। ଖବର ପାଇ କବିସୂର୍ଯ୍ୟନଗରର କନିଷ୍ଠ ଖଣି ଅଧିକାରୀ ଓ ପୁଲିସ ସେଠାରେ ଚଢ଼ଉ କରିଥିଲେ। ଘଟଣାସ୍ଥଳରୁ ପୁଲିସ କିଛି ବିସ୍ଫୋରକ ସହ ଦୁଇଟି ଟ୍ରାକ୍ଟର୍ ଇଞ୍ଜିନ, ବିନା ପଞ୍ଜୀକରଣ ନମ୍ବର ପ୍ଲେଟ୍‌ର ଏକ ଟ୍ରଲି ଜବତ କରିଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ବସନ୍ତ ସାହୁ, ଦିଲ୍ଲୀପ କୁମାର ସାହୁ ଏବଂ ସେମାନଙ୍କ ସହଯୋଗୀମାନେ ପୁଲିସକୁ ବିରୋଧ କରିଥିଲେ। ଏପରିକି ସେମାନେ ପୁଲିସକୁ ଗାଳିଗୁଲଜ କରିବା ସହ ପଥର ଫିଙ୍ଗି ଆକ୍ରମଣ

- ୭ ଦିନରୁ ଊର୍ଦ୍ଧ୍ୱ କାହିଁକି ଅଟକ ରଖିଥିଲା ପୁଲିସ
- ଥାନାରେ ଏଚ୍‌ଆର୍‌ପିସିର ତଦନ୍ତ
- ମୃତକଙ୍କ ପରିବାରକୁ ଭେଟିଲେ ବିଜେଡି ଟିମ୍

କରିଥିଲେ। ଏଥିରେ ହୋମଗାର୍ଡ କୃଷ୍ଣଚନ୍ଦ୍ର ପ୍ରଧାନ ଗୁରୁତର ଆହତ ହୋଇଥିଲେ। ପୁଲିସ ବସନ୍ତ ଓ ଦିଲ୍ଲୀପଙ୍କୁ କାବୁ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଅନ୍ଧାରର ସୁଯୋଗ ନେଇ ସେଠାରୁ ଖସି ପଳାଇଥିଲେ। ପରେ ପୁଲିସ ଈଶ୍ୱରଙ୍କୁ ମଧ୍ୟ ଗିରଫ କରିଥିଲା। ତେବେ ମୃତ ସୁଶାନ୍ତଙ୍କ ନାମ ଏତଲାରେ ନଥିବା ବେଳେ ପୁଲିସ ତାଙ୍କୁ କାହିଁକି ଓ କେଉଁ ପରିସ୍ଥିତିରେ ଥାନାକୁ ଆଣି ଦୀର୍ଘଦିନ ଅଟକ ରଖିଥିଲା ଓ ମାଡ଼ ମାରି ଲହୁଲୁହାଣ କରିଥିଲା, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମାମଲାର ତଦନ୍ତକାରୀ ଅଧିକାରୀ ତଥା ନିଲମ୍ବିତ ଏସଆଇ ସମୀର କୁମାର ରାଉତ ବି ଏହାର ଉତ୍ତର ଦେଇପାରିନାହାନ୍ତି।

ମୃତ ଦିବ୍ୟାଙ୍ଗ ଘରେ ବିଜେଡିର ଏକ ସ୍ୱତନ୍ତ୍ର ଟିମ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ଉଚିତ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି। ଆଜି ଅପରାହ୍ଣରେ ମୃତ ଦିବ୍ୟାଙ୍ଗଙ୍କ ଘରେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ବ୍ରହ୍ମପୁର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ସୁବାସ ମହାରଣା, ପୂର୍ବତନ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଯୁବନେତା ଅଜୟ ମହାରଣା, ସୂର୍ଯ୍ୟକାନ୍ତ ପରିଡ଼ା, ଦିଲୀପ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଦସ୍ୟ ମନୋଜ କୁମାର ଦୋରା, ବିରୋଧୀ ଦଳର ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହିଞ୍ଜିଳି ପ୍ରତିନିଧି ଦେବାନନ୍ଦ ମହାପାତ୍ର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା ପ୍ରମୁଖଙ୍କ ସହ ବିଜେଡିର ଏକ ସ୍ୱତନ୍ତ୍ର ଟିମ ପହଞ୍ଚି ଡବଲ୍ ଇଞ୍ଜିନ ସରକାରଙ୍କ ଅମଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି କହିଥିଲେ। ତେଣୁ ଏହି ଘଟଣାର ଉପଯୁକ୍ତ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି।

## ଓଡ଼ିଶାକୁ ମିଳିବ ପିଏମ୍ ସୂର୍ଯ୍ୟଘର ଉତ୍କର୍ଷ ସମ୍ମାନ

ଭୁବନେଶ୍ୱର,୨।୬(ସମିସ): ପିଏମ୍ ସୂର୍ଯ୍ୟଘର ଯୋଜନାର ସଫଳ କାର୍ଯ୍ୟନ୍ୱୟନ ପାଇଁ ଓଡ଼ିଶାକୁ ପିଏମ୍ ସୂର୍ଯ୍ୟଘର ଉତ୍କର୍ଷ ସମ୍ମାନ ମିଳିବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ସୂଚନା ପ୍ରଦାନ କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୌର ଶକ୍ତିର ଉପଯୋଗ ଓ ସ୍ଥାୟୀ ବିକାଶ ଦିଗରେ ଓଡ଼ିଶା ଆଜି ସାରା ଦେଶ ପାଇଁ ଏକ ଦୃଷ୍ଟାନ୍ତ ପାଲଟିଛି। ମେ' ୨୦୨୬ ମାସରେ ଆୟୋଜିତ 'ସୌର ମାସ' ଅଭିଯାନରେ ଆମ ରାଜ୍ୟର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି। ଓଡ଼ିଶାକୁ 'ପିଏମ୍ ସୂର୍ଯ୍ୟଘର ଉତ୍କର୍ଷ ସମ୍ମାନ' ପାଇଁ ଚୟନ କରାଯାଇଛି। ଯେଉଁଥିରେ ଆମେ ସର୍ବାଧିକ ଗ୍ରାହକଙ୍କ ଆବେଦନ, ସର୍ବାଧିକ ସୌର ସ୍ଥାପନ ଏବଂ ସର୍ବାଧିକ ଡିସକମ୍ ଯାଞ୍ଚ କ୍ଷେତ୍ରରେ ମଧ୍ୟମ ଧରଣର ଗ୍ରାହକ ସଂଖ୍ୟା ଥିବା ରାଜ୍ୟମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛୁ। ସେହିପରି ଭେଣ୍ଡର ପଞ୍ଜୀକରଣ ବର୍ଗରେ ଆମ ରାଜ୍ୟ ତୃତୀୟ ସ୍ଥାନ ହାସଲ କରିଛି। ଏହି ସଫଳତା ଆମ ସରକାରଙ୍କ ସୁଦୂରପ୍ରସାରୀ ଚିନ୍ତାଧାରା, ବିଭାଗୀୟ ସମନ୍ୱୟ ଓ କ୍ଷେତ୍ରସ୍ତରରେ କାର୍ଯ୍ୟରତ ସମସ୍ତ ଅଧିକାରୀଙ୍କ ସାମୂହିକ ପ୍ରୟାସର ଫଳ। ଏହି ଅଭିଯାନ ସହ ସମ୍ପୃକ୍ତ ସମସ୍ତ ବିଭାଗ, ଅଧିକାରୀ ଓ ଅଂଶୀଦାରମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ଘଟଣାକୁ ନେଇ ବର୍ଷିଲା ବିଜେଡି

# ଅଭିଯୁକ୍ତ ପୁଲିସ ଅଧିକାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହେଉ

ଭୁବନେଶ୍ୱର,୨।୬(ସମିସ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନାରେ ଜଣେ ଭିନ୍ନକ୍ଷମ ଯୁବକ ସୁଶାନ୍ତ ସାହୁଙ୍କ ସନ୍ଦେହଜନକ ହାଜତ ମୃତ୍ୟୁ ଘଟଣା କେବଳ ଗଞ୍ଜାମ ଜିଲ୍ଲା ନୁହେଁ, ସମଗ୍ର ଓଡ଼ିଶାବାସୀଙ୍କୁ ବିଚଳିତ କରିଛି। ଏହି ଘଟଣା ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ଏବଂ ପୁଲିସ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ସରକାରଙ୍କୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ।

ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଥିଲେ ଯେ ମେ ୨୧ ତାରିଖରେ କବିସୂର୍ଯ୍ୟନଗର ଥାନାରେ ଏକ ବେଆଇନ ଖଣି ଖନନ ମାମଲା ରୁଜୁ ହୋଇଥିଲା । ଏହି ମାମଲାରେ ଶାସକ ଦଳର କିଛି ବ୍ୟକ୍ତିଙ୍କ ନାମ ରହିଥିଲା। କିନ୍ତୁ ପୁଲିସ ସେମାନଙ୍କୁ ପଚାରିବାକୁ ସାହାସ ଜୁଟାଇ ନ ପାରି ନିରୀହ ଭିନ୍ନକ୍ଷମ ଯୁବକ ସୁଶାନ୍ତ ସାହୁଙ୍କୁ ଥାନାକୁ ଡକାଇ ଦୀର୍ଘ ୬ ଦିନ ଧରି ଅମାନବୀୟ ନିର୍ଯାତନା ଦେଇଥିଲା। ମୃତ ସୁଶାନ୍ତ ସାହୁଙ୍କ ପରିବାର ସଦସ୍ୟଙ୍କ ବୟାନ ଅନୁଯାୟୀ ସୁଶାନ୍ତଙ୍କ ନାମରେ କୌଣସି ଏଫ୍‌ଆଇଆର ନଥିବା ସତ୍ତ୍ୱେ ଥାନାରେ ତାଙ୍କୁ ପ୍ରବଳ ମାଡ଼ ମାରି ତାଙ୍କ ଶରୀର ଉପରେ ଲଙ୍କାଗୁଣ୍ଡ ଓ ଗରମ ପାଣି ପକାଇ ଥାର୍ଡଡିଗ୍ରୀ ପ୍ରୟୋଗ କରିଥିଲା ପୁଲିସ। ପରବର୍ତ୍ତୀ ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା



ସଙ୍କଟାପନ୍ନ ହୋଇଥିଲା ଓ ଏମକେସିଜି ମେଡିକାଲରେ ପହଞ୍ଚିବା ପୂର୍ବରୁ ତାଙ୍କ ମୃତ୍ୟୁ ଘଟିଥିଲା । ଘଟଣାକୁ ଦୁଇ ଦିନରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ପୁଲିସ ଅଧିକାରୀଙ୍କ ବିରୋଧରେ କୌଣସି ଏଫଆଇଆର ରୁଜୁ କରାଯାଇନାହିଁ । କିଛି କର୍ମଚାରୀଙ୍କୁ ନିଲମ୍ବନ ଓ ବଦଳି କରିଦେଇ ରାଜ୍ୟ ସରକାର ଚୁପ୍ ହୋଇ ବସିରହିଛନ୍ତି।

ଶ୍ରୀ ବକ୍ସିପାତ୍ର ଆହୁରି କହିଥିଲେ ଯେ ଅବିଭକ୍ତ ଗଞ୍ଜାମ ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ହେବା ତ ଦୂରର କଥା, ପୁଲିସର ଏଭଳି ଅପରାଧିକ କାର୍ଯ୍ୟ ଲାଗି ଜିଲ୍ଲାବାସୀ ତଟସ୍ଥ। ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ନିୟନ୍ତ୍ରଣରେ ରାଜ୍ୟର

- ୨ ବର୍ଷରେ ଥାର୍ଡଡିଗ୍ରୀ ଯୋଗୁଁ ୧୦ ଜଣ ମୃତ୍ୟୁବରଣ କଲେଣି
- ପୁଲିସ ଉପରେ ମୁଖ୍ୟମନ୍ତ୍ରୀ ଓ ଡିଜିଙ୍କର ନିୟନ୍ତ୍ରଣ ନାହିଁ
- ପୁଲିସ ମହାନିର୍ଦ୍ଦେଶକଙ୍କୁ ତୁରନ୍ତ ବହିଷ୍କାର କରାଯାଉ

ପୁଲିସ ବ୍ୟବସ୍ଥା ନାହିଁ। ଲଗାତାର ଭାବେ ରାଜ୍ୟତମାମ ପୁଲିସର ଏଭଳି କାର୍ଯ୍ୟ ଦର୍ଶାଉଛି ଯେ ପୁଲିସ ଡିଜିଙ୍କ କଥାକୁ କେହି ଖାତିର କରୁନାହାନ୍ତି। ତେଣୁ ତାଙ୍କୁ ତୁରନ୍ତ ବହିଷ୍କାର କରାଯାଉ। ପୁଲିସ ଡିଜି, ଦକ୍ଷିଣାଞ୍ଚଳ ଆଇଜି, ଗଞ୍ଜାମ ଓ ବ୍ରହ୍ମପୁର ଏସ୍‌ପି ତଥା କବିସୂର୍ଯ୍ୟନଗର ଆଇଆଇସି ସମସ୍ତେ ଅଣଓଡ଼ିଆ ହୋଇଥିବାରୁ ଆଜି ଜଣେ ନିରୀହ ଭିନ୍ନକ୍ଷମ ଓଡ଼ିଆ ଯୁବକଙ୍କୁ ପୁଲିସ ହାଜତରେ ମୃତ୍ୟୁବରଣ କରିବାକୁ ପଡ଼ିଲା। ଘଟଣାରେ ସମ୍ପୃକ୍ତ ସମସ୍ତ ପୁଲିସ କର୍ମଚାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଉ ଏବଂ ସୁଶାନ୍ତ ସାହୁଙ୍କ ପରିବାରକୁ ସରକାର ଉପଯୁକ୍ତ କ୍ଷତିପୂରଣ ଦେବା ସହ ଦୀର୍ଘମିଆଦି ସାମାଜିକ ସୁରକ୍ଷା ପ୍ରଦାନ କରନ୍ତୁ । ଯଦି ସୁଶାନ୍ତ ସାହୁଙ୍କ ପରିବାରକୁ ସରକାର ନ୍ୟାୟ ନ ଦିଅନ୍ତି, ତେବେ ପରିବାରକୁ ନ୍ୟାୟ ଦେବା ପାଇଁ ବିଜୁ ଜନତା ଦଳ ତାହାର ଲଢ଼େଇ ଜାରି ରଖିବ । ବିଜେଡିର ଏହି ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଦଳର ସାଧାରଣ ସମ୍ପାଦିକା (ମହିଳା ବ୍ୟାପାର) ରଞ୍ଜିତା ସାହୁ ଓ ଗଞ୍ଜାମ ଜିଲ୍ଲା ଯୁବ ସଭାପତି ନଚିକେତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଧକଟାର ପୁନରୁଦ୍ଧାର ଲାଗି ସହଯୋଗ ଲୋଡ଼ିଲେ ବିଧାୟକ

ବଲାଙ୍ଗିର, ୨।୬(ସମିସ)



ବଲାଙ୍ଗିର ସହରରେ ରାଜୁତା ଅମଳରୁ ରହିଆସିଥିବା ବନ୍ଧକଟାଗୁଡିକ ସହ ସହରବାସୀ ଓ ଆମପରିବାରର ସମ୍ପର୍କ ରହିଆସିଛି। ଶହ ଶହ ବର୍ଷ ଧରି ବାପଅଜାଠାରୁ ଆରମ୍ଭ ବଲାଙ୍ଗିର ସହରବାସୀ ଏହାର ପାଣିକୁ ବ୍ୟବହାର କରିଆସୁଛନ୍ତି। ଏବେ କିଛିବର୍ଷ ହେଲା ବନ୍ଧଗୁଡିକର ପାଣି ବ୍ୟବହାର ଉପଯୋଗୀ ହୋଇ ନ ଥିଲା। ତେଣୁ ପୌରପାଳିକା ପକ୍ଷରୁ ଏକ ଐତିହାସିକ ପଦକ୍ଷେପ ନିଆଯାଇ ଏହି ପୁଷ୍କରିଣୀଗୁଡିକର ପୁନଃରୁଦ୍ଧାର କରାଯାଉଛି। ଏକାଥରକେ ୧୧ଟି ବନ୍ଧର ପୁନଃରୁଦ୍ଧାର କରାଯାଉଛି। ଏହା ଫଳରେ ସହରରେ କିଛିମାତ୍ରାରେ ଜଳସଂକଟ ଦେଖାଦେଇଛି। ଲୋକଙ୍କ ବ୍ୟବହାର ପାଇଁ ବିକଳ୍ପ ପାଣିବ୍ୟବସ୍ଥା କରାଯାଉଛି। ତେବେ ବହୁବର୍ଷ ପରେ ଯେହେତୁ ଏକ ବଡପଦକ୍ଷେପ ନିଆଯାଇଛି। ସେଥିପାଇଁ ସହରବାସୀଙ୍କ ସହଯୋଗର ନିତାନ୍ତ ଆବଶ୍ୟକତା ରହିଛି। ପୁଷ୍କରିଣୀ ପୁନଃରୁଦ୍ଧାର କାମଗୁଡିକ ପରିଦର୍ଶନ କରି ବଲାଙ୍ଗିର ବିଧାୟକ କଳିକେଶନାରାୟଣ ସିଂଦେଓ ଏହା କହିଛନ୍ତି। ସହରରେ ଜଳସଂକଟ ଦୂର କରିବାକୁ ଏହି ପୁଷ୍କରିଣୀଗୁଡିକୁ ପୁନଃରୁଦ୍ଧାର କରିବାକୁ ସେ ଦାବି କରିଆସୁଥିଲେ। ରାଜ୍ୟ ସରକାରଙ୍କୁ ବାରମ୍ବାର ଅନୁରୋଧ କରାଯାଇ ଏହି ପ୍ରକଳ୍ପଗୁଡିକ ଅନୁମୋଦନ କରାଇ ଉନ୍ନୟନ କାମ କରାଯାଉଛି। ଯେଉଁମାନେ ଆଜି ଏହି ଉନ୍ନୟନକାମକୁ ସମାଲୋଚନା କରୁଛନ୍ତି ସେମାନେ ନକରାତ୍ମକ ବିଚାର ଛାଡି ବିକାଶ କାମରେ ସହଯୋଗ କରନ୍ତୁ ବୋଲି ବିଧାୟକ ଆହ୍ୱାନ କରିଛନ୍ତି। ପୂର୍ବତନ ବିଧାୟକ ନରସିଂହ ମିଶ୍ରଙ୍କ ଆରୋପ ବିଷୟରେ ଗଣମାଧ୍ୟମର ପ୍ରଶ୍ନରେ ବିଧାୟକ କଳିକେଶ କହିଲେ ଯେ, ଶ୍ରୀ ମିଶ୍ର ବିଧାୟକ ଥିବା ବେଳେ କୌଣସି ଗୋଟିଏ ମଧ୍ୟ ବନ୍ଧର ପୁନଃରୁଦ୍ଧାର କରାଇ ପାରିଲେ ନାହିଁ। ଅନ୍ୟପକ୍ଷରେ ଲକ୍ଷ୍ମୀଯୋରନାଳରେ ଯୋଜନାହୀନ କାମ କରାଇ ୨୦କୋଟି ଟଙ୍କା ବରବାଦ କରାଇଲେ। ଛତାମଖନାଠାରେ ହୋଇଥିବା ଆଇଏସଏସ କାମରେ ଡିଜାଇନ ପରିବର୍ତ୍ତନ କରାଇ ବିପୁଳ ପରିମାଣରେ ହୋଇଥିବା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରାଇବାର ନରସିଂହଙ୍କର ସତ ସାହସ ଅଛି କି ବୋଲି ବିଧାୟକ କଳିକେଶ ଓଲଟା ପ୍ରଶ୍ନ କରିଥିଲେ। ବିଧାୟକ ଶ୍ରୀ ସିଂଦେଓ ଆଜି ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ, କାଉନସିଲରଗଣ ଓ ଯନ୍ତ୍ରୀମାନଙ୍କୁ ସାଙ୍ଗରେ ନେଇ ପ୍ରଥମେ ବେହେରାପାଲି ବନ୍ଧକୁ ପରିଦର୍ଶନରେ ଯାଇଥିଲେ। ସେଠାରେ ଚାଲିଥିବା କାମ ଦେଖିଥିଲେ। ଏହା ସହିତ ବେହେରପାଲି କାଉନସିଲର ପ୍ରେମଲତା ନାଏକ ଓ ଲୋକଙ୍କ ସହିତ ଆଲୋଚନା କରିଥିଲେ। ବନ୍ଧରଚାରିକଡେ ଥିବା ଆଡିରେ ମାଟିଭର୍ତ୍ତି କରାଯାଇ ଚୌଡା କରାଯାଉଥିବା ଦେଖିଥିଲେ। ଏହା ସହ ବାହାର ଡ୍ରେନପାଣି ଯେଭଳି ବନ୍ଧକୁ ନ ପଶିବ ସେନେଇ ରେଲଲାଇନ ପଟକୁ ଏକ ବଡ ନାଳ କରାଯାଉଥିବା ଦେଖିଥିଲେ। ଏଣିକି ବନ୍ଧରେ ଆଉ ଡ୍ରେନ ପାଣି ମିଶିବ ନାହିଁ। ବର୍ଷାପାଣି ସଂରକ୍ଷିତ ହୋଇ ସଫା ରହିବ ବୋଲି ବିଧାୟକ ଗଣମାଧ୍ୟମକୁ କହିଥିଲେ। ଏହାପରେ ଐତିହାସିକ କରଙ୍ଗାକଟା ବନ୍ଧ ପୁନଃରୁଦ୍ଧାର କାମ ପରିଦର୍ଶନ କରି ସ୍ଥାନୀୟ ବ୍ରାହ୍ମଣପଡ଼ାର ଡ. ଶିବପ୍ରସାଦ ନନ୍ଦ, ଡ. ରାଜକୁମାର ହୋତା (ବାବୁଲା), ବରିଷ୍ଠନାଗରିକ ନବକୃଷ୍ଣ ସାହୁ, ସ୍ଥାନୀୟ କାଉନସିଲର ନନ୍ଦିନୀ ପୋଢ ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ। ତାଲପାଲି ବନ୍ଧରେ ବିଜେଡିର ଧ୍ରୁବ ଜୁଏଡ, ଚନ୍ଦ୍ରମଣୀ ତ୍ରୀପାଠୀ, କାଉନସିଲର ଅରବିନ୍ଦ ପରୁଆ ପ୍ରମୁଖଙ୍କ ସହ ଶତାଧିକ ଲୋକ ଉପସ୍ଥିତ ଥିଲେ। କନ୍ଧପାଲିପଡ଼ା ବନ୍ଧରେ ବରିଷ୍ଠନେତା ଅଜୟ ଦାସ, କାଉନସିଲର ସରିତା ଦାସ ଓ ଲର୍କିପାଲିବନ୍ଧରେ ନରହରି ରାଉତ, କାଉନସିଲର ସଂସ୍ମିତା ନନ୍ଦ, କନିଷ୍ଠଯନ୍ତ୍ରୀ ଇଂ. ସଞ୍ଜୟ ମହାନ୍ତି, ଇଂ.ବସନ୍ତ ନାଏକ, ଇଂ. ରାମା ଖିଲା ପ୍ରମୁଖ ଉପସ୍ଥିତ ରହି ବନ୍ଧପୁନଃରୁଦ୍ଧାର କାମ ବିଷୟରେ ଆଲୋଚନା କରିଥିଲେ। ବିଧାୟକଙ୍କ ଏହି ଗସ୍ତ ସମୟରେ କାଉନସିଲର ଗଙ୍ଗାଧର ଚାନ୍ଦ, ମୁନା ଖାନ, ଶମ୍ଭୁ ନାଗ, ଶତ୍ରୁଘ୍ନ ବାଗ, ସନ୍ତୋଷ ଦନ୍ତା, ସଚିନ ନନ୍ଦ, ସୁମନ ନନ୍ଦ ପ୍ରମୁଖଙ୍କ ସହ ଅନ୍ୟାନ୍ୟ ନେତାଗଣ ଉପସ୍ଥିତ ଥିଲେ। ସାର୍କିଟହାଉସରେ ଆୟୋଜିତ ସମୀକ୍ଷା ବୈଠକରେ ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ପୌରଯନ୍ତ୍ରୀ ଇଂ. କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖଙ୍କ ସହ ବିଧାୟକ ଆଲୋଚନା କରି ନିର୍ଦ୍ଧାରିତ ସମୟରେ ବନ୍ଧକଟାର ପୁନଃରୁଦ୍ଧାର କାମ ସାରିବାକୁ ନିର୍ଦ୍ଦେଶ କରିଥିଲେ।

## ଦୁର୍ଘଟଣାରେ ୩ ଗୁରୁତର

ବୌଦ୍ଧ/ଶଗଡ଼ା, ୨।୬(ସମିସ): ୫୭ ନମ୍ବର ଜାତୀୟ ରାଜପଥର ବାଉଁଶୁଣୀ ଥାନା ମାଉଲୀମୁଣ୍ଡା ଛକ ନିକଟରେ ଦୁଇଟି ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଏମାନେ ହେଲେ ମନ ଟାଲୁ ପାଲି ଗ୍ରାମର ବୁଲୁ ନାଏକ, ବାବୁଲୁ ନାଏକ ଓ ଡିଗୀ ଗ୍ରାମର ସମ୍ବାରୁ ଭଇନା ଏକ ବାଇକ୍ ଯୋଗେ ବାଉଁଶୁଣୀ ଛକରୁ ବୌଦ୍ଧ ଆଡକୁ ଯାଉଥିବା ବେଳେ ସାମ୍ନା ପଟୁ ଆସୁଥିବା ପଲସପାଟ ଗ୍ରାମର ବିକ୍ରମ ପ୍ରଧାନଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏହା ଫଳରେ ବୁଲୁ, ବବୁଲୁ ଓ ବିକ୍ରମ ଗୁରୁତର ଆହତ ହୋଇଥିଲେ। ବାଉଁଶୁଣୀ ଦମକଳ ବାହିନୀ ପହଞ୍ଚି ସମସ୍ତଙ୍କୁ ବାଉଁଶୁଣୀ ଡାକ୍ତରଖାନାରେ ଭର୍ତ୍ତି କରିଛି।

## ରାଇସ୍ ମିଲ୍ ବିରୋଧରେ ପ୍ରଶାସନକୁ ଚିଠି

ସଇଁତଲା, ୨।୬(ସମିସ): ସଇଁତଲାସ୍ଥିତ ବିବିନା ଛକ ନିକଟରେ ଥିବା ଶିବା ଏଗ୍ରୋ ରାଇସ୍ ମିଲ୍‌ରେ ସମବାର ବଏଲର ଫାଟି ଜଣେ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ଘଟଣାକୁ ନେଇ ରାଷ୍ଟ୍ରୀୟ ମଜଦୁର ଶ୍ରମିକ ସଙ୍ଘ ବଲାଙ୍ଗୀର ଜିଲ୍ଲା ସଭାପତି କୃଷ୍ଣ ସାହୁ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି। ରାଇସ୍ ମିଲ୍ ମାଲିକ ବରୋଧରେ ମାମଲା ରୁଜୁ କରିବାକୁ ସେ ଦାବି କରିଛନ୍ତି। ମିଲ୍‌ରେ ଶ୍ରମିକଙ୍କ ସୁରକ୍ଷା ନିୟମ ପାଳନ ହେଉନାହିଁ। ଦୋଷୀ ମାଲିକ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଶ୍ରମିକ କୁଶ ବାଗଙ୍କୁ କ୍ଷତିପୂରଣ ଦିଆଯାଉ ବୋଲି ସେ ଦାବି କରିଛନ୍ତି।

## କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ



ସଇଁତଲା, ୨।୬(ସମିସ): ବଲାଙ୍ଗୀର ଜିଲ୍ଲା ସଇଁତଲା ଥାନା ବେଲଗାଁରେ କାର୍ ଧକ୍କାରେ ୨ ଜଣ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତ୍ୟୁ ଘଟିଥିବା ଟିଟିଲାଗଡ଼ର ଶିବ କୁମ୍ଭାର ଓ ବେଲଗାଁର ସାଗର ନାଗଙ୍କ ପରିବାର ଲୋକେ କ୍ଷତିପୂରଣ ଦାବି କରି ରାସ୍ତାରୋକ କରିଥିଲେ। ସେମାନେ ୨୬ ଓ ୫୯ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ସେମବାର ଉଭୟ କ୍ରିକେଟ ଖେଳି ଜାତୀୟ ରାଜପଥ କଡ଼ରେ ଛିଡ଼ା ହେଇଥିଲେ। ଏମତିକିବେଳେ ଦ୍ରୁତଗତିରେ ଆସୁଥିବା ଏକ କାର୍ ସେମାନଙ୍କୁ ଧକ୍କା ଦେଇ ପଳାଇ ଥିଲା। ଘଟଣାସ୍ଥଳରେ ଉଭୟ ଆଖିବ ବୁଜିଥିଲେ।

## ପକ୍ଷୀଙ୍କ ପାଇଁ ବିଭିନ୍ନ ଜାଗାରେ ଝୁଲିବ ବସା



ବଲାଙ୍ଗିର, ୨।୬(ସମିସ): ବଲାଙ୍ଗିର ଡିଏଫ୍‌ଓଙ୍କ କାର୍ଯ୍ୟାଳୟରେ ପକ୍ଷୀଙ୍କ ପାଇଁ ନିର୍ମାଣ ହୋଇଥିବା ୧୫୦ଟି କୁଡିଆ ଘର ଡିଏଫ୍‌ଓ ଅଜିତ ବିଶିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ପକ୍ଷୀପ୍ରେମୀ ପ୍ରଶାନ୍ତ ମହାକୁର, ଅର୍ଜୁନ ସାହୁ, ସୁଦର୍ଶନ ସାହୁ, ସଞ୍ଜୟ ସାମଲ, ଆନନ୍ଦ ମିଶ୍ର, ଭବାନି ଶଙ୍କର ଭୋଇ, ଶମ୍ଭୁ ଶତପଥୀ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ସହରର ବିଭିନ୍ନ ଗଛ, ଡିଏଫ୍‌ଓଙ୍କ କାର୍ଯ୍ୟାଳୟ, ରାଜେନ୍ଦ୍ର ପାର୍କ, ଏସ୍‌ପି ଅଫିସ ସମ୍ମୁଖ, ଜୋଗର୍ସ ପାର୍କ, ଚିଲଡ୍ରେନ ପାର୍କ, ବୋଟିଂ ପାର୍କ, ୧୭ଟି ଜଳାଶୟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଟାଉନ ଥାନା ତଥା ସହରର ବିଭିନ୍ନ ଗଛରେ ପକ୍ଷୀଙ୍କ ଲାଗି ଏହି ବସା ଝୁଲାଯିବ।

## ୨୧ ମଦ ଦୋକାନ ପାଇଁ ୫୩୨ ଆବେଦନକାରୀ



ବଲାଙ୍ଗିର, ୨।୬(ସମିସ): ବଲାଙ୍ଗିର ଆବକାରୀ ଜିଲ୍ଲାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଆଇଏମଏଫଏଲ୍ ଅଫ୍ ସପ୍ ବଣ୍ଟନ ନିମନ୍ତେ ଲଟେରୀ ପ୍ରକ୍ରିୟା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଗୌରବ ଶିବାଜୀ ଇସାଲୱାରଙ୍କ ଅଧ୍ୟକ୍ଷତାରେ ଏହି ଲଟେରୀ ପ୍ରକ୍ରିୟା ସ୍ୱଚ୍ଛ ଓ ନିରପେକ୍ଷ ଭାବେ ସମ୍ପନ୍ନ ହୋଇଥିଲା। ବଲାଙ୍ଗିର ଆବକାରୀ ଜିଲ୍ଲାର ମୋଟ ୨୧ଟି ଆଇଏମଏଫଏଲ୍ ଅଫ୍ ବା ବିଦେଶୀ ମଦ ଦୋକାନ ଲାଗି ୫୩୨ଟି ଆବେଦନ ପତ୍ର ଗ୍ରହଣ କରାଯାଇଥିଲା। ନିର୍ଦ୍ଧାରିତ ନିୟମାବଳୀ ଅନୁସାରେ ଲଟେରୀ ମାଧ୍ୟମରେ ସଫଳ ଆବେଦନକାରୀଙ୍କୁ ଚୟନ କରାଯାଇଥିଲା। ଆଖିରେ ପାଟି ବାନ୍ଧି ପ୍ରଶାସନିକ ଅଧିକାରୀ ଗୋଟିଏ ପରେ ଗୋଟିଏ ଲଟେରୀ ଉଠାଇ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀଙ୍କ ସମେତ ଆବକାରୀ ବିଭାଗର ଅଧିକାରୀ ଏବଂ ଆବେଦନକାରୀ ଉପସ୍ଥିତ ଥିଲେ।

## ଧାନ ବିକିବାକୁ ଚାଷୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

- ପଞ୍ଜୀକରଣରୁ ଜାଣିଶୁଣି ବାଦ୍
- ଅଭିଯୋଗ ପରେ ସମାଧାନ ହୋଇନାହିଁ

ବଲାଙ୍ଗିର, ୨।୬(ସମିସ): ବଲାଙ୍ଗିର ଜିଲ୍ଲାରେ ରବି ଧାନକିଣା ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ବହୁ ପୂର୍ବରୁ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ସରିଛି। ଜଣେ ଚାଷୀଙ୍କୁ ଜାଣିଶୁଣି ପ୍ରକ୍ରିୟାରୁ ବାଦ ଦିଆଯାଇଛି। ତାଙ୍କ ଚାଷୀ ପଞ୍ଜିକରଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ପଞ୍ଜିକରଣ ଆବେଦନ କରି ଚାଷୀ ଜଣକ ରବିଚାଷ କରିଥିଲେ। ପଞ୍ଜିକରଣ ହୋଇ ନ ଥିବାରୁ ସେ କେମିତି ଧାନ ବିକ୍ରି କରିବେ ତାକୁ ନେଇ ଚିନ୍ତାରେ ଥିବା ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଗତ ୧୦ ବର୍ଷ ହେଲା ସେ ପଞ୍ଜିକରଣ କରୁଛନ୍ତି। ଚଳିତ ବର୍ଷ କାହିଁକି ତାଙ୍କୁ ବାଦ ଦିଆଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ନଅଗାଁ (କ) ର ଚାଷୀ କୁବେର ସ୍ୱାଇଁ ଏହି ସମସ୍ୟାରେ ପଡ଼ିଛନ୍ତି। ସେ ତାଙ୍କ ଜମିରେ ରବି ଧାନ ଚାଷ କରିଛନ୍ତି। ଧାନ ବିକିବା ପାଇଁ ଖାତା ନଂ ୬୦, ପ୍ଲଟ ନଂ ୩୮୬ ରେ ପଞ୍ଜିକରଣ କରିବା ପାଇଁ ଆବେଦନ କରିଥିଲେ; କିନ୍ତୁ ତାଙ୍କ ପଞ୍ଜିକରଣକୁ ଜାଣିଶୁଣି ପେନ୍ସରେ କାଟି ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ଯାଞ୍ଚ ସମୟରେ ଡାଟା ଏଣ୍ଟ୍ରି ଅପରେଟର ନ ଯାଇ ପିଅନ ଯାଇ ଥିଲେ। ଅନ୍ୟ ଏକ ଜମିର ଫଟୋ ଉଠାଇ ସେ ଚାଷ କରି ନ ଥିବା କହି ପଞ୍ଜିକରଣରୁ ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ବାଦ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ସେ ୩ ଏକର ଜମିରେ ଚାଷ କରଛନ୍ତି। ଅମଳ କରିଥିବା ଧାନ କେମିତି ଓ କାହାକୁ ବିକ୍ରି କରିବେ ସେ ଚିନ୍ତାରେ ରହିଥିବା ଅଭିଯୋଗ କରିଛନ୍ତି। ଏନେଇ ସେ ଡିଆରସିଏସଙ୍କ ପାଖରେ ଅଭିଯୋଗ କରିଥିବା ବେଳେ କିଛି ସୁଫଳ ମିଳିନାହିଁ। ଏହା ପରେ ସେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରି ହଇରାଣ କରିଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

## କଣ୍ଟାବାଞ୍ଜି ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଘେରିଲା ବିଜେଡି

କଣ୍ଟାବାଞ୍ଜି, ୨।୬(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ଦିନକୁ ଦିନ ବିଦ୍ୟୁତ୍ ସମସ୍ୟା ଅତି ଜଟିଳ ହେବାରେ ଲାଗିଛି। ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ଏବଂ ନିମ୍ନମାନର ସେବା ଯୋଗୁଁ ସ୍ଥାନୀୟ ଗ୍ରାମବାସୀ ଓ ଖାଉଟି ଅତିଷ୍ଠ ହୋଇପଡ଼ିଛନ୍ତି। ଏହି ଗମ୍ଭୀର ସମସ୍ୟାର ସ୍ଥାୟୀ ସମାଧାନ ଦାବି କରି ରାଜ୍ୟ ଯୁବ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଅଜିତ ଯୋଶୀଙ୍କ ନେତୃତ୍ୱରେ ବିଦ୍ୟୁତ୍ ବିଭାଗର କାର୍ଯ୍ୟାଳୟ ଘେରିବା ସହ ବିଜେପି ସରକାର ଉପରେ ବର୍ଷିଥିଲେ। ତେବେ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ପତ୍ର ମୁତାବକ, ବିଦ୍ୟୁତ୍ ବିଭାଗର ବେପରୁଆ ମନୋଭାବ ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତ୍ରୁଟିଶୂନ୍ୟ ବିଦ୍ୟୁତ ସେବା, ନୂତନ ଟ୍ରାନ୍ସଫର୍ମର ସ୍ଥାପନ, ତାର ଓ ଖୁଣ୍ଟ ମରାମତି, ମନଇଚ୍ଛା ବିଦ୍ୟୁତ୍ କାଟ ବନ୍ଦ କରିବା, ଚାଷୀଙ୍କୁ ମାଗଣା ବିଦ୍ୟୁତ୍ ସେବା ଯୋଗାଇ ସହ ପୂର୍ବ ବକେୟା ଅର୍ଥ ଆଦାୟ ନ କରି ଛାଡ଼ କରିବାକୁ ଦାବିପତ୍ର ଉଲ୍ଲେଖ ରହିଛି। ଯଦି ଏହି ସମସ୍ୟାଗୁଡ଼ିକର ସମାଧାନ ଦିଗରେ ବିଭାଗ କୌଣସି ଦୃଢ଼ ପଦକ୍ଷେପ ନ ନିଏ ତେବେ ଆଗକୁ ବ୍ୟାପକ ଆନ୍ଦୋଳନ କରାଯିବ



ବୋଲି ଚେତାବନୀ ଦିଆଯାଇଛି। ଏହି ଘେରଉ ସମୟରେ ବଲାଙ୍ଗୀର ଜିଲ୍ଲା ବିଜୁ ଜନତା ଦଳ ସାଧାରଣ ଦେବାର ବାରିକ, ବାଳକୃଷ୍ଣ ଭାଟି, ମଣ୍ଟୁ ସରାଫ, ପିଙ୍କୁ ସାହୁ, ପିଣ୍ଟୁ ଦାସ, ସଞ୍ଜୟ ମେହେର, କାଳିଆ ମେହେର, କନ୍ଦର୍ପ ତାଣ୍ଡି, ଆକାଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପାୟଲ ନାଗ ଏସ୍‌ଆଇଆର୍ ଆମ୍ବାସେଡର

ବଲାଙ୍ଗିର, ୨।୬(ସମିସ): ମୁଖ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁସାରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି; ଯାହାର ଲକ୍ଷ୍ୟ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା। ବଲାଙ୍ଗୀର ଜିଲ୍ଲାରେ ଚାଲିଥିବା ଏହି ପ୍ରକ୍ରିୟାରେ, ବିଶ୍ୱ ପାରା-ତୀରନ୍ଦାଜ



ସିରିଜ୍-୨୦୨୬ରେ ୨ଟି ସ୍ୱର୍ଣ୍ଣ ପଦକ ଜିତି ଦେଶ ଓ ଓଡ଼ିଶାକୁ ଗୌରବାନ୍ୱିତ କରିଥିବା ଅନ୍ତର୍ଜାତୀୟ କୀର୍ତ୍ତିସମ୍ପନ୍ନ ଦିବ୍ୟାଙ୍ଗ ତୀରନ୍ଦାଜ ସୁଶ୍ରୀ ପାୟଲ୍ ନାଗଙ୍କୁ ବଲାଙ୍ଗିର ଜିଲ୍ଲା ପାଇଁ ବ୍ରାଣ୍ଡ ଆମ୍ବାସେଡ଼ର ଭାବେ ଘୋଷଣା କରାଯାଇଛି। ଜିଲ୍ଲାପାଳ ଗୌରୱ ଶିୱାଜୀ ଇସଲୱାର, ଅତିରିକ୍ତ ଜିଲ୍ଲାପାଳଙ୍କ ସଭାଗୃହରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଧିବଦ୍ଧ ଭାବେ ସୁଶ୍ରୀ ପାୟଲ୍ ନାଗଙ୍କୁ ଏସଆଇଆର ପ୍ରକ୍ରିୟାରେ ସାମିଲ କରାଇବା ସହ ବଲାଙ୍ଗିର ଜିଲ୍ଲାର ବ୍ରାଣ୍ଡ ଆମ୍ବାସେଡ଼ର ବୋଲି ଘୋଷଣା କରିଛନ୍ତି। ଘୋଷଣା ପରେ ପାୟଲ୍ ନାଗ ଖୁସି ପ୍ରକାଶ କରିବା ସହ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଗୌରୱ ଶିୱାଜୀ ଇସଲୱାରଙ୍କୁ କୃତଜ୍ଞତା ଜଣାଇଥିଲେ। ଦାଦନ ଶିଶୁରୁ ଦିବ୍ୟାଙ୍ଗ ପାଲଟିବା ପରେ ଅଳ୍ପ ବୟସରେ ଆନ୍ତର୍ଜାତୀୟ ପାରା-ଅଲମ୍ପିଆନ ହୋଇଥିବା ପାୟଲ୍ ଏହି ଦାୟିତ୍ୱ ପାଇଁ ଖୁସି ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ପାୟଲଙ୍କୁ ପରିଗଣନା ଫର୍ମ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୁଣନିଧି ମଲ୍ଲିକ, ଡେପୁଟି କଲେକ୍ଟର (ନିର୍ବାଚନ) ସୂର୍ଯ୍ୟକାନ୍ତ ପରିଡ଼ା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ଜିଦ୍‌ରେ ଅଟଳ ମାଁ ଡୁମେରତଲେନ ବଣିକ ସଂଘ

ଖପ୍ରାଖୋଲ, ୨।୬(ସମିସ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକର ମାଁ ଡୁମେରତଲେନ ବଣିକ ସଂଘକର୍ମକର୍ତ୍ତା ବ୍ଲକ ସମ୍ମୁଖରେ ୨ ଦିନ ଧରି ଧାରଣାରେ ବସିଛନ୍ତି। ରାସ୍ତା ପ୍ରଶସ୍ତୀକରଣ ନାମରେ ଦୀର୍ଘ ଦିନ ହେଲା ବ୍ୟବସାୟୀଙ୍କ ଦୋକାନ ଭାଙ୍ଗିଛି। ଥଇଥାନ ନ ହେବାରୁ ବ୍ଲକ ସମ୍ମୁଖରେ ଛୋଟ ଗରିବ ଦୋକାନୀ ତାଙ୍କ ହକ୍ ପାଇଁ ଧାରଣାରେ ବସିଛନ୍ତି। ଏହି ଦୋକାନୀମାନେ



ପ୍ରଶାସନର ପ୍ରତିଶ୍ରୁତିକୁ ଦୀର୍ଘ ଦିନ ଅପେକ୍ଷା କରିଥିଲେ; ହେଲେ ଥଇଥାନ କରାଯାଇ ନାହିଁ। ଖପ୍ରାଖୋଲର ଅର୍ଦ୍ଧନିର୍ମିତ ରାସ୍ତା ନିର୍ମାଣ କାମ ପୂରଣ କରି, ଉଚ୍ଛେଦ ବ୍ୟବସାୟୀଙ୍କୁ ଶିଘ୍ର ଥଇଥାନ କରିବା, ଥଇଥାନ ସ୍ଥାନରେ ପାନୀୟ ଜଳ, ବିଦ୍ୟୁତ୍ ଏବଂ ମୌଳିକ ସୁବିଧା କରିବା, ଥଇଥାନ ଦୋକାନୀଙ୍କୁ ଯଥୋଚିତ ସହାୟତା ରାଶି ପ୍ରଦାନ କରିବାକୁ ଏମାନେ ଦାବି କରିଛନ୍ତି। ନ ହେଲେ ଆଗାମୀ ଦିନରେ ଏହା ତିବ୍ର ରୂପ ନେବ ବୋଲି ପ୍ରଶାସନିକ ଅଧିକାରୀଙ୍କୁ ଚେତାବନୀ ଦେଇଛନ୍ତି। ପ୍ରଶାସନିକ ଅବହେଳାକୁ ଦୋକାନୀମାନେ ଗଭୀର ଅସନ୍ତୋଷ ପ୍ରକାଶ କରି ୨ ଦିନ ହେବ ବ୍ଲକ ସମ୍ମୁଖରେ ଧାରଣାରେ ବସିଛନ୍ତି। ମାଁ ଡୁମେରତଲେନ ବଣିକ ସଂଘର ବାଳଗୋପାଳ ଦାସ, ବିଜୁ ବାରିକ, ରାଜୁ ସାହୁ, ଅଜିତ ହଂସ, ଗୋପାଳ ପୁରୋହିତ, ସନ୍ତୋଷ ପଧାନ, ତେଜୁ ରୋହିଦାସ ସମେତ ବହୁ ବ୍ୟବସାୟୀ ସାମିଲ ହୋଇଛନ୍ତି।

## କରତକଳରେ ବନ ବିଭାଗର ଚଢ଼ଉ

କଣ୍ଟାବାଞ୍ଜି, ୨।୬(ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ରେଞ୍ଜ ସିନ୍ଦେଧକେଲା ନିକଟ ପଣ୍ଡିରିପାଣି ନୂଆପଡ଼ାରେ ବେଆଇନ ଭାବେ ଚାଲିଥିବା ଏକ କରତ କଳରେ ବଙ୍ଗୋମୁଣ୍ଡା ବନ ବିଭାଗ ଚଢ଼ଉ କରିଛି। ବଙ୍ଗୋମୁଣ୍ଡା ରେଞ୍ଜର ପଦ୍ମନାଭ କୁମ୍ଭାରଙ୍କ ନେତୃତ୍ୱରେ ବନ ବିଭାଗର କର୍ମଚାରୀ ଏହି ଚଢଉରେ ସାମିଲ ହୋଇଥିଲେ। ସିନ୍ଦେଧକେଲାର ସୁକାନ୍ତ ତ୍ରିପାଠୀ କରତକଳରେ କାମ କରୁଥିବାବେଳେ ତାଙ୍କୁ ଗିରଫ କରାଯାଇଛି। କରତକଳରୁ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି।



- ଆନ୍ତଃ ଜିଲ୍ଲା ସିଏମ୍ ଟ୍ରଫି

## ବାଳକ ଓ ବାଳିକା ଉଭୟ ବର୍ଗରେ ବରଗଡ଼ ଓ ସୁବର୍ଣ୍ଣପୁର ବିଜୟୀ

ବଲାଙ୍ଗିର, ୨।୬(ସମିସ): ଆନ୍ତଃ ଜିଲ୍ଲା ୧୪ ବର୍ଷ ବାଳକ ଓ ବାଳିକା ସିଏମ୍ ଟ୍ରଫି-୨୦୨୬ ଫୁଟବଲ ଚାମ୍ପିୟନସିପ୍ ଗାନ୍ଧୀ ଷ୍ଟାଡ଼ିୟମ ରେ ଦ୍ୱିତୀୟ ଦିବସ ବାଳକ ବର୍ଗ ପ୍ରଥମ ଖେଳରେ ବରଗଡ଼ ୧୪-୦ ଗୋଲରେ ସମ୍ବଲପୁରକୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ କ୍ରୀଡ଼ା ସଂସଦର କାଉନସିଲ ସଭ୍ୟ ପ୍ରଭାତ ମିଶ୍ର, ମୟୂରଭଞ୍ଜ କ୍ରୀଡ଼ା ଛାତ୍ରାବାସ କୋଚ ଅବନିମୋହନ ମହାନ୍ତି, ସଂସଦର ଭଲିବଲ ସମ୍ପାଦକ ସଂଗ୍ରାମ କେଶରୀ ବହିଦାର ଓ ସଦସ୍ୟ ଭୂପେନ୍ଦ୍ର ପ୍ରସାଦ ସିଂ ଯୋଗ ଦେଇଥିଲେ। କୋଷାଧକ୍ଷ ହେମନ୍ତ ବେହେରା, ଫୁଟବଲ ସମ୍ପାଦକ ଶରତ ନନ୍ଦ ଓ ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ମଞ୍ଚାସୀନ ଥିଲେ। ଜିତେନ୍ଦ୍ର ପାତ୍ର, ଶୁଭ୍ରଜିତ ସ୍ୱାଇଁ, ମଳୟ ଘିଭେଲା ଓ ଦେବାଶିଷ ବାଗ ଖେଳ ପରିଚାଳନା କରିଥିଲେ। ବାଳକ ଖେଳରେ ସୋନପୁର ୧୬-୦ ଗୋଲରେ ନୂଆପଡ଼ାକୁ ହରାଇ ବିଜୟୀ ହୋଇଛି। ବଲାଙ୍ଗିର ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା ଓ କ୍ରୀଡ଼ା ସଂସଦର ଯୁଗ୍ମ ସମ୍ପାଦକ ଶତ୍ରୁଘ୍ନ ସିଂ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାସର ବାଗ, ଫୁଟବଲ ସମ୍ପାଦକ ଶରତ ନନ୍ଦ ଓ ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ମଞ୍ଚାସୀନ ଥିଲେ। ମଳୟ ଘିଭେଲା, ପପୁନ ବେହେରା, ଗୌରହରି ପୁଟେଲ ଓ ସଦାନନ୍ଦ ସାହୁ ପରିଚାଳନା କରିଥିଲେ। ଉଭୟ ବାଳକ ବର୍ଗ ଖେଳରେ ନବୀନ ନାଏକ ମ୍ୟାଚ୍ କମିଶନର ଥିଲେ। ସେହିପରି ସଦାଇପାଲି ପଲ୍ଲିଶ୍ରୀ ଷ୍ଟାଡ଼ିୟମଠାରେ ବାଳିକା ବର୍ଗ ପ୍ରଥମ ଖେଳରେ ବରଗଡ଼ ୩-୧ ଗୋଲରେ ସମ୍ବଲପୁରକୁ ହରାଇ ବିଜୟୀ ହୋଇଛି। ଓଡ଼ିଶା ଫୁଟବଲ ଆସୋସିଏସନ୍ ତଥା ଜିଲ୍ଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ତତ୍ତ୍ୱାବଧାନ ଖେଳରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାସର ବାଗ ଓ କ୍ରୀଡ଼ାବିତ ସୁନିଲ ଚନ୍ଦ୍ର ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳକୁ ସୀତା ମାରାଣ୍ଡି, ଯଶୋବନ୍ତ ମାଝୀ, ମନୋରଞ୍ଜନ ମାଝୀ ଓ ଅନିଷା ମହାନନ୍ଦ ପରିଚାଳନା କରିଥିଲେ। ଦ୍ୱିତୀୟ ଅପରାହ୍ନ ବାଳିକା ବର୍ଗ ଖେଳରେ ସୁବର୍ଣ୍ଣପୁର ୫-୧ ଗୋଲରେ ନୂଆପଡ଼ାକୁ ହରାଇ ବିଜୟୀ ହୋଇଛି। ଖେଳକୁ ଯଶୋବନ୍ତ ମାଝୀ, ମନୋରଞ୍ଜନ ମାଝୀ, ମାମା ସିଂ ଓ ପ୍ରିୟଙ୍କା ବିଶି ପରିଚାଳନା କରିଥିଲେ। ଉଭୟ ବାଳିକା ଖେଳରେ ସୁରେଶ ଦାଶ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ।



# ପାନୀୟ ଜଳର ସୁବ୍ୟବସ୍ଥା ପାଇଁ କଳିକେଶଙ୍କ ନିର୍ଦ୍ଦେଶ

ବଲାଙ୍ଗିର, ୨।୬(ସମିସ)



ସ୍ଥାନୀୟ ସର୍କିଟହାଉସଠାରେ ବଲାଙ୍ଗିର ବିଧାୟକ କଳିକେଶନାରାୟଣ ସିଂଦେଓ ବିଭିନ୍ନ ବିଭାଗୀୟଅଧିକାରୀଙ୍କୁ ଡାକି ଆଲୋଚନା କରିବା ସହ ଉନ୍ନୟନକାମର ସମୀକ୍ଷା କରିଛନ୍ତି। ତେବେବଲାଙ୍ଗିର ସହରରେ ଦେଖା ଦେଇଥିବା ଜଳସଂକଟ ଦୂର କରିବା ଓ ଗ୍ରାମାଞ୍ଚଳରେ ପାନୀୟ ଜଳର ସୁବ୍ୟବସ୍ଥା କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବିଧାୟକ କଳିକେଶ ବଲାଙ୍ଗିର ପୌରାଧକ୍ଷା ଲିକା ସାଙ୍କୁ ନେଇ ପ୍ରଥମେ ବଲାଙ୍ଗିର ସହରରେ ଦେଖା ଦେଉଥିବା ବିଦ୍ୟୁତ୍ ସମସ୍ୟା ନେଇ ବିଦ୍ୟୁତ ବିଭାଗର ଅଧିକ୍ଷଣଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ସହରକୁ ଠିକ ପରିମାଣରେ ବିଦ୍ୟୁତ ଯୋଗାଣ ହେଉଥିବା ବେଳେ କିଛି ସ୍ଥାନରେ ଦୁର୍ବଳ ଭିତ୍ତିଭୂମି କାରଣରୁ ସମସ୍ୟା ରହିଥିବା ଅଧିକ୍ଷଣଯନ୍ତ୍ର ସ୍ୱୀକାର କରିଥିଲେ। ଅନେକ ସ୍ଥାନରେ ନୂତନ ଟ୍ରାନ୍ସଫର୍ମର ଓ କେବୁଲିଂ କରାଯାଇ ସାରିଥିବା ସୂଚନା ଦେବା ସହ ଖୁବଶୀଘ୍ର ସମସ୍ୟାଗୁଡିକର ସମାଧାନ କରାଯିବ ବୋଲି ଯନ୍ତ୍ରୀ କହିଥିଲେ। ତେବେ ସହରରେ ୨ ଘଣ୍ଟାରୁ ଅଧିକ ସମୟ ବିଦ୍ୟୁତ୍ ଚାଲିଯାଉଥିବା, ଶାସ୍ତ୍ରୀନଗରରେ ନୂଆ ଟ୍ରାନ୍ସଫର୍ମର ଲଗାଇବା, ବରପାଲିପଡ଼ା ଅଞ୍ଚଳରେ ଲୋ ଭୋଲଟେଜ ସମସ୍ୟା ବିଷୟରେ ବିଧାୟକ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ଓ ସମସ୍ୟାର ସମାଧାନ କରିବାକୁ ବିଧାୟକ ନିର୍ଦ୍ଦେଶ କରିଥିଲେ। ଠିକ୍ ସେହିପରି ସହରକୁ ତରଭା ନିକଟରୁ ତେଲନଦୀରୁ ପାନୀୟଜଳ ଆସୁଥିବା ଓ ବିଦ୍ୟୁତ୍ ସମସ୍ୟାରୁ ଠିକ୍‌ରେ ଜଳ ଯୋଗାଣ ହୋଇପାରୁ ନ ଥିବା ବିଷୟରେ ଜନସ୍ୱାସ୍ଥ୍ୟ ବିଭାଗର ଅଧିକ୍ଷଣଯନ୍ତ୍ରୀ ଇଂ. ଇନ୍ଦ୍ରଜିତ ସାହୁ ବିଧାୟକଙ୍କୁ ଅବଗତ କରିଥିଲେ। ସହର ପାଇଁ ପ୍ରତିଦିନ ୧୭ ଲକ୍ଷ ଲିଟର ପାଣିର ଆବଶ୍ୟକତା ଥିବା ବେଳେ ପ୍ରତ୍ୟହ ୧୭.୫ ଲକ୍ଷ ଲିଟର ଜଳ ଅଣାଯାଉଛି। ୧୫% ଜଳ ଯୋଗାଣବେଳେ ନଷ୍ଟ ହେଉଛି। ତେବେ ସୋନପୁର ଜିଲ୍ଲାରେ ବିଦ୍ୟୁତ୍ ସମସ୍ୟାରୁ ବହୁତ ସମୟରେ ପମ୍ପ ଚାଲିପାରୁ ନ ଥିବାରୁ ସମସ୍ୟା ହେଉଛି ବୋଲି ପିଏଚ୍ ଯନ୍ତ୍ରୀ ଇଂ.ସାହୁ କହିଥିଲେ। ଅପ୍ରେଲରେ ଶିବତଳା ପମ୍ପହାଉସ ପାଇଁ ସ୍ୱତନ୍ତ୍ର ଟ୍ରାନ୍ସଫର୍ମର ଲଗାଯାଇସାରିଥିବା ବିଷୟରେ ବିଦ୍ୟୁତ୍ ବିଭାଗର ଅଧିକ୍ଷଣ ଯନ୍ତ୍ରୀ କହିଥିଲେ। ଏଣିକି ଆଉ ବେଶି ସମସ୍ୟା ହେବ ନାହିଁ ବୋଲି ଯନ୍ତ୍ରୀ କହିଥିଲେ। ସହରରେ ଅଧିକ ଟ୍ୟାଙ୍କର ଓ ପାଣି ଟାଙ୍କିର ବ୍ୟବସ୍ଥା କରି ଜଳ ଯୋଗାଣ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଲୋୟରସୁକତେଲ ବିସ୍ଥାପିତ କଲୋନୀରେ ଜଳସମସ୍ୟା କଥା ମଧ୍ୟ ଆଲୋଚନା ହୋଇଥିଲା। ଚଳିତ ବର୍ଷ ଲୋୟର ସୁକତେଲ କର୍ତ୍ତୃପକ୍ଷ ଟ୍ୟାଙ୍କର ଲଗାଇ ଜଳ ଯୋଗାଣ କରୁଥିବା ଆରଡବ୍ଲୁଏସଏସ ବିଭାଗ ସୂଚନା ଦେଇଥିଲେ। ଠିକ୍ ସେହିପରି ଗ୍ରାମାଞ୍ଚଳରେ ଅଧିକ ଡିପ୍ ବୋରେୱେଲରୁ ସୋଲାର ପମ୍ପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ବିଧାୟକ ନିର୍ଦ୍ଦେଶ କରିଥିଲେ। ସେପଟେ ବଲାଙ୍ଗିର ପୌରପାଳିକା ଅଞ୍ଚଳରେ ଡ୍ରେନ୍ ସମସ୍ୟାର ସମାଧାନ ପାଇଁ ପୌରପାଳିକା ସହ ଏନ୍‌ଏଚ୍ ବିଭାଗ ଓ ପୂର୍ତ୍ତ ବିଭାଗ ସହ ଯୋଗ କରିବାକୁ ନିର୍ଦ୍ଦେଶ କରାଯାଇଥିଲା। କ୍ଷୁଦ୍ର ଜଳସେଚନ ବିଭାଗ, ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପ ବିଭାଗ ଓ ପୌର ପାଳିକାର ବିଭିନ୍ନ ପ୍ରକଳ୍ପ ଉପରେ ବିଧାୟକ ସମୀକ୍ଷା କରି ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ।

## ଅଶୋକ ମହାନ୍ତି ଏବଂ ରାମଚନ୍ଦ୍ର ପଟ୍ଟନାୟକଙ୍କ ସ୍ମୃତିସଭା



ଭବାନୀପାଟଣା,୨।୬(ସମିସ):ସ୍ୱର୍ଗତ ଅଶୋକ ମହାନ୍ତିଙ୍କ ସ୍ମୃତିରେ ଶୋକସଭା ସ୍ଥାନୀୟ ପ୍ରାଥମିକ ଶିକ୍ଷକ ଭବନ ଭବାନୀପାଟଣା ଠାରେ ବିଶିଷ୍ଟ ଭଲିବଲ ଖେଳାଳି ତଥା ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟସଭାପତି ଧୀରେନ୍ଦ୍ର କୁମାର ପଟ୍ଟନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୋକସଭାରେ ବିଶିଷ୍ଟ କ୍ରୀଡ଼ାବିତ ଲକ୍ଷ୍ମୀ ବିଶୀ,ପରମାନନ୍ଦ ନନ୍ଦ, କିଶୋରଚନ୍ଦ୍ର ସାହୁ,ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଅଜିତ କୁମାର ନାୟକଙ୍କ ସମେତ ଜିଲ୍ଲା କର୍ମକର୍ତ୍ତାବୃନ୍ଦ ବିରେନ ବାଗ, ଶିବ ଦାଶ, ତପନ କୁମାର ବେହେରା, ରାମେଶ୍ୱର ନାଏକ,ସଦର ବ୍ଲକ୍ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ହୋତା, ପ୍ରଭାତ ପାଣିଗ୍ରାହୀ, ସୁବାଷ ଚନ୍ଦ୍ର ବିଶ୍ୱାଳ ଏବଂ ଦିଲ୍ଲୀପ କୁମାର ଖାନସମା ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ସ୍ୱର୍ଗତ ଅଶୋକ ମହାନ୍ତିଙ୍କ କ୍ରୀଡ଼ା ଓ ସାମାଜିକ କ୍ଷେତ୍ରରେ ଅବଦାନ ଉପରେ ଆଲୋକପାତ କରାଯାଇଥିଲା ଏବଂ ତାଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ରାମ ଚନ୍ଦ୍ର ପଟ୍ଟନାୟକଙ୍କ ମଧ୍ୟ ଅମର ଆତ୍ମାର ସଦଗତି କାମନା ସହ ନୀରବ ପ୍ରାର୍ଥନା କରାଯାଇଥିଲା। ସଦର ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ମଧୁସୂଦନ ପ୍ରଧାନ ସଭା ପରିଚାଳନା କରିଥିଲେ।

## କଟନୀ ଛଟ୍‌ନୀ ବିରୋଧରେ ତାତିଲେ ଚାଷୀ

# କୁଟ୍ରୁ ଛକରେ ରାସ୍ତା ଅବରୋଧ

କଲମପୁର,୨।୬(ସମିସ)



କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ୍ ବଡକୁଟ୍ରୁ ସମବାୟ ସମିତି ଅଧିନସ୍ତ ବିଜମରା,ବଡକୁଟ୍ର,ଦୋଲକିବନ୍ଧ ଓ ଡଙ୍ଗରିପଡା ଧାନ ମଣ୍ଡିରୁ କଟନି ଛଟନି ବିବାଦ ଯୋଗୁଁ ବସ୍ତାଏ ମଧ ଧାନ ଏଯାଏଁ ଉଠାଣ ହୋଇ ପାରିନାହିଁ। ଫଳରେ ଚାଷୀ ଆଜି ଆନ୍ଦୋଳନାତ୍ମକ ପନ୍ଥା ଆପଣାଇ କୁଟ୍ରୁଛକ ଠାରେ ମୁଖ୍ୟ ରାଜପଥ ଅବରୋଧ କରି ଧାରଣାରେ ବସିଛନ୍ତି। ଚାଷୀ ୫କେଜି ପର୍ଯ୍ୟନ୍ତ ଦେବାକୁ ରାଜି ହୋଇଥିବା ବେଳେ ମିଲର୍ସ ୭ କେଜି କଟନୀ ପାଇଁ ନିଜ ଜିଦରେ ଅଟଳ ରହିଛି। ଏଥିପାଇଁ ଏପର୍ଯ୍ୟନ୍ତ ମିଲର୍ସ ମାନେ ନିଜ ନିଜ ପ୍ରତିନିଧି ନିଯୁକ୍ତ କରିନଥିବା ବେଳେ ପରିବହନ ସକାଶେ ଟ୍ରକ୍ ମଧ ପଠାଇ ନାହାନ୍ତି। ବଡକୁଟ୍ରୁ ସମବାୟ ସମିତି, ଆର୍‌ଏମ୍‌ସି କର୍ମଚାରୀ ସମେତ ପ୍ରଶାସନିକ ଅଧିକାରୀ ବାରମ୍ବାର ମିଲର୍ସମାନଙ୍କ ସହିତ ଯୋଗାଯୋଗ କରି ବିଫଳ ହୋଇ ଆସିଛନ୍ତି। ଟ୍ୟାଗ୍ ହୋଇଥିବା ୮ ଜଣ ମିଲର୍ସ କାହା କଥାକୁ ମଧ କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ମଙ୍ଗଳବାର ଚାଷୀମାନେ କୁଟ୍ରୁଛକ ଠାରେ ସକାଳ ୯ଟା ରୁ ରାସ୍ତା ଅବରୋଧ କରିଛନ୍ତି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ରହିଛି,ସୁରକ୍ଷା ଦୃଷ୍ଟିରୁ ପୁଲିସ ବାହିନୀ ମୃତୟନ ହୋଇଛନ୍ତି। ଚାଷୀଙ୍କ ହକ ଦାବିକୁ ସମର୍ଥନ କରି ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ ଯୋଗଦେଇ ଏହା ହେଉଛି ସୁଚିନ୍ତିତ ଯୋଜନା, ଚାଷୀ ମାରଣ ନୀତିର ଜ୍ୱଳନ୍ତ ଉଦାହରଣ ବୋଲି ଅଭିଭାଷଣ ରଖିଥିଲେ। ଜୟନ୍ତ ନାଏକଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସମବାୟ ସମିତି ସଭାନେତ୍ରୀ ମଞ୍ଜୁଳା ସାହୁ, ଜିଲ୍ଲା ପରିଷଦ ସଦସ୍ୟା ଦୁହିତା ମାଝୀ,ବଡକୁଟ୍ରୁ ସରପଞ୍ଚ ଗଣେଷ ପଣ୍ଡା,ଯୁବ କଂଗ୍ରେସ ନେତା ବେଣୁ ଦୀପ ପ୍ରମୁଖ ଯୋଗଦେଇ ସରକାରରେ ଆମେ ଆସିଲେ କଟନୀ ଛଟନୀ ହେବନାହିଁ ବୋଲି କଥା ଦେଇଥିଲ ସେ ପ୍ରତିଶ୍ରୁତି କୁଆଡେ ଗଲା ବୋଲି ପଚାରିବା ସହିତ ଗତ ୨୦ତାରିଖ ଠାରୁ ମଣ୍ଡି ଆରମ୍ଭ ହେଲାଣି, ଆଜକୁ ୧୨ଦିନ ହେଲା, ମୁଠାଏ ବି ଧାନ ଗଲା ନାହିଁ। କାହିଁକି ମିଲର୍ସମାନଙ୍କ ଉପରେ ଅଙ୍କୁଶ ଲଗାଇ ପାରୁ ନାହାଁନ୍ତି ବୋଲି ମତବ୍ୟକ୍ତ କରିଥିଲେ। କଲମପୁର ତହସିଲଦାର ଶ୍ରୀମତୀ ସ୍ମରଣିକା ତୁଳ ଉପସ୍ଥିତ ରହିଥିବା ବେଳେ ଏସସିଏସଓ, ଆରଏମସି କର୍ମଚାରୀ, କଲମପୁର ଯୋଗାଣ ନୀରିକ୍ଷକ, ବଡକୁଟ୍ରୁ ଆରଆଇ ପ୍ରମୁଖ ଆନ୍ଦୋଳନରତ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ପୂର୍ବାହ୍ନରେ ସମାଧାନ ହୋଇ ପାରିନଥିଲା। ସେମାନେ ଉପରିସ୍ଥ ଅଧିକାରୀଙ୍କ ସହିତ ପରାମର୍ଶ ପରେ ଯାହା ନିର୍ଦ୍ଦେଶ ଆସିବ ତାହା ଜଣାଇ ଦିଆଯିବ ବୋଲି କହି ଫେରି ଯାଇଥିଲେ, ପ୍ରକାଶ ଯେ ଗତ ଶୁକ୍ରବାର ଦିନ ଧାନ ଉଠାଣ ତ୍ୱରାନ୍ୱିତ କରିବା ସକାଶେ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ି, ସମ୍ପାଦକ ଦିବ୍ୟ କିଶୋର ଭୋଇ, ସାଧାରଣ ସମ୍ପାଦକ ଆର୍ତ୍ତବନ୍ଧୁ ପୁଷ୍ଟି, କଳାହାଣ୍ଡି ଜିଲ୍ଲା ସଭାପତି ସୁଧିର କୁମାର ମୁଣ୍ଡ, ଉପସଭାପତି ପ୍ରାଣ କିଶୋର ପାଢ଼ୀ, ସମ୍ପାଦକ ଇଂ ଦିନେଶ କୁମାର ରାଉତ ପ୍ରମୁଖ ବଡକୁଟ୍ରୁ ସମବାୟ ସମିତି ଅନ୍ତର୍ଗତ ବିଜମରା ଓ ଦୋଲକିବନ୍ଧ ମଣ୍ଡି ପରିଦର୍ଶନ ସହିତ ଧାନ ଉଠାଣ ଓ ଅନ୍ୟାନ୍ୟ ସମସ୍ୟା ସଂପର୍କରେ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶ୍ରୀ ପାଢ଼ୀ କଳାହାଣ୍ଡି ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଛି, ଶିଘ୍ର ଧାନ ଉଠିବ ବୋଲି ଉପସ୍ଥିତ ଚାଷୀଙ୍କୁ ଜଣାଇଥିଲେ। ଚାଷୀ କୁଆପଥରମାଡ ଓ ପବନ ବର୍ଷା ସମେତ ପ୍ରଚଣ୍ଡ ରୌଦ୍ରତାପକୁ ସହ୍ୟ କରି ଚାଷୀ ଧାନ ଅମଳ କରିଛି, ନିଜ କଷ୍ଟ ଉପାର୍ଜିତ ଧାନକୁ ବିକି ପାରୁନାହିଁ। ଏପଟେ ମୁଣ୍ଡ ଉପରେ କାଳବୈଶାଖୀର ଭୟ ପୁଣି ଟୋକନ ଲାପ୍ସ ହେବା ସମ୍ଭାବନା। ଏପରି ସ୍ଥଳେ ଧାନ ବିକ୍ରୀରେ ବିଳମ୍ବ ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଅପରାହ୍ନରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ତହସିଲଦାର, ଏସସିଏସଓ ଚାଷୀ ମାନଙ୍କୁ ୫କେଜି କଟନୀରେ ଧାନ ଉଠାଣ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ନାତିର ଭବିଷ୍ୟତକୁ ନେଇ ଚିନ୍ତାରେ ବୃଦ୍ଧା ଫୁଲମତୀ

ଥୁଆମୂଳରାମପୁର,୨।୬(ସମିସ): ଜୀବନରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି ବୃଦ୍ଧା ଫୁଲମତୀ ନାଏକଙ୍କ ଉପରେ। ଫୁଲମତୀ (୬୦) ସ୍ୱାମୀ ରାମେଶ୍ୱର ନାଏକ, ଏକମାତ୍ର ପୁଅ ସହଦେବ, ବୋହୂ ରୀନା ଓ ନାତି ଆଲୋକଙ୍କୁ ନେଇ ହସଖୁସିରେ ସଂସାର ଚଳାଉଥିଲେ। ହେଲେ କାଳର ନିଷ୍ଠୁର ଖେଳ ତାଙ୍କ ପରିବାରକୁ ଏକ ପରେ ଏକ ଝଟକା ଦେଇଛି। ସୂଚନା ଅନୁଯାୟୀ, ୨୮ ଏପ୍ରିଲ ୨୦୧୯ ରେ କୌଣସି କାରଣରୁ ବୋହୂ ରୀନାଙ୍କ ମୃତ୍ୟୁ ଘଟିଥିଲା। ବୋହୂର ଅକାଳ ବିୟୋଗ ଜନିତ ଦୁଃଖକୁ ଭୁଲିପାରିନଥିବାବେଳେ ଗତ ଦୁଇ ବର୍ଷ ତଳେ ସ୍ୱାମୀ ରାମେଶ୍ୱର ମଧ ଆରପାରିକୁ ଚାଲିଯାଇଥିଲେ। ତଥାପି ନିଜର ଏକମାତ୍ର ପୁଅ ସହଦେବ ଓ ନାତି ଆଲୋକଙ୍କୁ ନେଇ ଫୁଲମତୀ ଜୀବନର ଲଢ଼େଇ ଜାରି ରଖିଥିଲେ। କିନ୍ତୁ ଚଳିତ ବର୍ଷ ୨୮ ଏପ୍ରିଲରେ ପୁଅ ସହଦେବଙ୍କ ମୃତ୍ୟୁ ଘଟିବା ପରେ ଫୁଲମତୀ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି। ବର୍ତ୍ତମାନ ସେ ନିଜର ୧୦ ବର୍ଷର ନାତି ଆଲୋକଙ୍କୁ ନେଇ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ବୃଦ୍ଧା ବୟସରେ ନାତିର ଭବିଷ୍ୟତକୁ ନେଇ ଗଭୀର ଚିନ୍ତାରେ ରହୁଥିବା କହିଛନ୍ତି। ଗରିବିର କଷାଘାତ ମଧ୍ୟରେ ଜୀବନ ସଂଘର୍ଷ କରୁଥିବା ଫୁଲମତୀଙ୍କୁ ସମାଜିକ ସୁରକ୍ଷା



ଯୋଜନାରୁ ମାସକୁ ୧୦୦୦ ଟଙ୍କା ଭତ୍ତା ଏବଂ ଖାଦ୍ୟ ସୁରକ୍ଷା ଯୋଜନାରୁ ମାସକୁ ମାତ୍ର ୫ କେଜି ଚାଉଳ ମିଳୁଥିଲେ ବି, ଏତିକିରେ ଦୁଇଜଣଙ୍କ ଜୀବନ ଚଳାଇବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି। ବିଶେଷ କରି ନାତି ଆଲୋକଙ୍କ ଶିକ୍ଷା ଓ ଭବିଷ୍ୟତକୁ ନେଇ ଫୁଲମତୀ ଅଧିକ ଚିନ୍ତିତ ଅଛନ୍ତି। ଆର୍ଥିକ ଅଭାବ କାରଣରୁ ନାତିଙ୍କୁ ଭଲ ଶିକ୍ଷା ଦେବା ସମ୍ଭବ ହେଉନଥିବାରୁ, ତାଙ୍କୁ କୌଣସି ବିଦ୍ୟାଳୟ ହଷ୍ଟେଲରେ ରଖି ପାଠପଢ଼ାର ସୁଯୋଗ ଦେବା ପାଇଁ ଫୁଲମତୀ ପ୍ରଶାସନଙ୍କ ନିକଟରେ ଗୁହାରି କରିଛନ୍ତି। ସ୍ଥାନୀୟ ଅଞ୍ଚଳର ସଚେତନ ମହଲ ମଧ୍ୟ ଏହି ଅସହାୟ ପରିବାରକୁ ସରକାରୀ ସହାୟତା, ଆବାସ ଓ ଶିଶୁଟି ପାଇଁ ଶିକ୍ଷା ସୁବିଧା ଯୋଗାଇଦେବାକୁ ଦାବି କରିଛନ୍ତି।

## 'ଉଦ୍ୟୋଗୀ ସଚେତନତା ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ'

ନୂଆପଡ଼ା,୨।୬(ସମିସ): ମଣିଷର ପରିଶ୍ରମ ହିଁ ତାକୁ ପ୍ରତିଷ୍ଠିତ କରିଥାଏ। ସଫଳତା ପାଇଁ କୌଣସି ସର୍ଟକଟ୍ ନାହିଁ ବୋଲି ଜିଲ୍ଲାପାଳ ମଧୁସୂଦନ ଦାଶ କହିଛନ୍ତି। ଜିଲ୍ଲା ଶିଳ୍ପ କେନ୍ଦ୍ରପକ୍ଷରୁ ସଦଭାବନା ସଭାଗୃହରେ ଆୟୋଜିତ ଏମଏସଏମଇ କ୍ଷେତ୍ର ଅଧୀନ 'ଉଦ୍ୟୋଗୀ ସଚେତନତା ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ'ରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ କହିଛନ୍ତି। ନୂଆପଡ଼ା ଜିଲ୍ଲାରେ କୃଷି, ପ୍ରକ୍ରିୟାକରଣ, ଉତ୍ପାଦନ ଏବଂ ସେବା କ୍ଷେତ୍ରରେ ଉଦ୍ୟୋଗ ସ୍ଥାପନ ପାଇଁ ଅପାର ସମ୍ଭାବନା ରହିଛି। ଜିଲ୍ଲାର ବେକାର ଯୁବକ ଓ ଯୁବତୀମାନେ ବିଭିନ୍ନ ସରକାରୀ ବିଭାଗ ସହ ଯୋଗାଯୋଗ କରି ସରକାରଙ୍କ ଉଦ୍ୟୋଗ ପ୍ରୋତ୍ସାହନ ଯୋଜନାର ସୁଯୋଗ ନେଇ ସ୍ୱାବଲମ୍ବୀ ହେବା ସହ ନିଜକୁ ସଫଳ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ଉଚିତ। କାର୍ଯ୍ୟକ୍ରମରେ ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧକ୍ଷା ଅନୁସୂୟା କୁମ୍ଭାର ଏବଂ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍ୟୋଗ ମାଧ୍ୟମରେ ରୋଜଗାର ସୃଷ୍ଟି ଓ ଆର୍ଥିକ ସଶକ୍ତିକରଣର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ସମୀର ମୁଦୁଲି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରକଳ୍ପ ପରିଚାଳକ ପ୍ରଜ୍ଞା କୁମାର ମିଶ୍ର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଏମ୍‌ଏସ୍‌ଏମ୍‌ଇ ବିଭାଗର ବିଭିନ୍ନ ଯୋଜନା, ନୀତି ଏବଂ ସରକାରୀ ସହାୟତା ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନା କରିଥିଲେ। ଉଦ୍ୟୋଗୀ ଓ ଯୁବକ ଯୁବତୀମାନେ ନିଜ ଅନୁଭୂତି ଏବଂ ସମସ୍ୟା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲ୍ଲାର ୧୦ଜଣ ସଫଳ ଉଦ୍ୟୋଗୀ ଭାରତୀ ବାଇ ବାଗ, ମମତା ଖମାରୀ, ସରିତା ସିଂହ, ରାଜ ସାହୁ, ଅମରେନ୍ଦ୍ର ମହାନ୍ତି, ଅର୍ଜୁନ ସିଂହ ଦଳପତି, କୃଷ୍ଣ ଚନ୍ଦ୍ର ମେହେର, ବିନୟ ଜୈନ, ବିଶେଷ ଅଗ୍ରୱାଲ ଏବଂ ଭୂପେନ୍ଦ୍ର ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କାଳବୈଶାଖୀରେ ଭାଙ୍ଗିଗଲା ଗରିବଙ୍କ ଆଶ୍ରୟ

ଥୁଆମୂଳରାମପୁର,୨।୬(ସମିସ): ଗତ ୨୬ ତାରିଖରେ ଅଞ୍ଚଳରେ ହୋଇଥିବା ପ୍ରବଳ କାଳବୈଶାଖୀ ବର୍ଷା ଓ ପବନ ଅନେକ ଗରିବ ପରିବାରଙ୍କ ଜୀବନକୁ ବିପର୍ଯ୍ୟସ୍ତ କରିଦେଇଛି। ପ୍ରାକୃତିକ ବିପର୍ଯ୍ୟୟରେ କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ୍ ପୋଡାପଦର ପଞ୍ଚାୟତ ତେନ୍ତୁଳିପଦର ଗାଁର ଗରିବ ଶ୍ରମିକ ପରମା ହରିଜନଙ୍କ ବାସଗୃହ ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ଘର ଉପରେ ଥିବା ଆଜବେଷ୍ଟ ଛାତ ଭାଙ୍ଗି ଯାଇଥିବାରୁ ବର୍ତ୍ତମାନ ପରିବାରଟି ମୁଣ୍ଡ ଗୁଞ୍ଜିବା ପାଇଁ ଅନ୍ୟର ଦ୍ୱାରସ୍ଥ ହୋଇଛି। ପରମା ହରିଜନ ଜଣେ ଦିନମଜୁରିଆ ଶ୍ରମିକ। କୁଲିମଜୁରୀ କରି ନିଜର ସାତ ଜଣିଆ ପରିବାରର ଭରଣପୋଷଣ କରନ୍ତି। ପରିବାରରେ ପତ୍ନୀ ସୁଲୋଚନା ହରିଜନଙ୍କ ସହ ତିନି ପୁଅ ଓ ଦୁଇ ଝିଅ ରହିଛନ୍ତି। ଦୈନନ୍ଦିନ ରୋଜଗାର ଉପରେ ନିର୍ଭରଶୀଳ ଏହି ପରିବାର ପାଇଁ ଘର ମରାମତି କରିବା ବା ନୂଆ ଛାତ ପକାଇବା ବଡ଼ ଚ୍ୟାଲେଞ୍ଜ ହୋଇପଡ଼ିଛି। କାଳବୈଶାଖୀର ପ୍ରକୋପରେ ଘରର ଆଜବେଷ୍ଟ ଛାତ ଭାଙ୍ଗିଯିବା ପରେ



ସମ୍ପର୍କୀୟଙ୍କ ଘରେ ଆଶ୍ରିତ ପରମା ହରିଜନଙ୍କ ପରିବାର

ବର୍ଷା ଓ ଖରାରୁ ରକ୍ଷା ପାଇବା ଅସମ୍ଭବ ହୋଇପଡ଼ିଛି। ଫଳରେ ପରମା ହରିଜନ ନିଜ ପରିବାର ସହ ସମ୍ପର୍କୀୟଙ୍କ ଘରେ ଅସ୍ଥାୟୀ ଭାବେ ଆଶ୍ରୟ ନେଇଛନ୍ତି। ବର୍ଷା ଋତୁ ଆରମ୍ଭ ହୋଇଥିବା ବେଳେ ଘରହୀନ ଅବସ୍ଥା ପରିବାର ପାଇଁ ଅଧିକ ଚିନ୍ତାର କାରଣ ସାଜିଛି। ସବୁଠାରୁ ଦୁଃଖର ବିଷୟ ହେଉଛି, ଏପରି ଦାରିଦ୍ର୍ୟ ସୀମା ତଳେ ଜୀବନ ବିତାଉଥିବା ପରିବାରକୁ ଆଜି ପର୍ଯ୍ୟନ୍ତ ସରକାରଙ୍କ କୌଣସି ଆବାସ ଯୋଜନାରେ ଘର ମିଳିପାରିନାହିଁ। ପରମା ହରିଜନ ଅନେକ ଥର ପଞ୍ଚାୟତ ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ନିକଟରେ ଆବାସ ଘର ପାଇଁ ଗୁହାରି କରିଥିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ମତରେ, ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି ତୁରନ୍ତ ଆବାସ ଯୋଜନାରେ ସାମିଲ କରାଯିବା ଆବଶ୍ୟକ। ବିଶେଷକରି କାଳବୈଶାଖୀରେ କ୍ଷତିଗ୍ରସ୍ତ ପରିବାରଙ୍କ ପାଇଁ ଜରୁରୀକାଳୀନ ସହାୟତା ଓ ଗୃହ ମରାମତି ସହଯୋଗ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଘଟଣାର ତଦନ୍ତ କରି ପରମା ହରିଜନଙ୍କ ପରିବାରକୁ ଆବଶ୍ୟକ ସରକାରୀ ସହାୟତା ସହିତ ସ୍ଥାୟୀ ଆବାସ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।

## ଅଟୋ ଓଲଟି ୫ ଆହତ

ଥୁଆମୂଳରାମପୁର,୨।୬(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ଥାନା ଡାକକୋଟା ଗ୍ରାମ ନିକଟସ୍ଥ ମୁଖ୍ୟ ରାସ୍ତାରେ ମଙ୍ଗଳବାର ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିବା ଫଳରେ ଚାଳକ ସମେତ ୫ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସେଥିମଧ୍ୟରୁ ଜଣେ ଗୁରୁତର ଆହତ ହୋଇଥିବା



ବେଳେ ତିନି ଜଣଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ତଲଝାପି ପଞ୍ଚାୟତ ଅନ୍ତର୍ଗତ ରାଣିପଦର ଗ୍ରାମରୁ ୫ ଜଣ ବ୍ୟକ୍ତି ଅଟୋରେ କୌଣସି କାମରେ ଭବାନୀପାଟଣା ଅଭିମୁଖେ ଯାଉଥିଲେ। ଡାକକୋଟା ଗ୍ରାମ ନିକଟ ମୁଖ୍ୟ ସଡ଼କରେ ଅଟୋଟି କୌଣସି କାରଣରୁ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଚାଳକ ସମେତ ସମସ୍ତ ଆରୋହୀ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଥୁଆମୂଳରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସହଦେବ ନାଏକ (୨୬), ସୁବାଷ ନାଏକ (୩୦) ଓ ରାଧିକା ନାଏକ (୫୦ଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବର୍ତ୍ତମାନ ସମସ୍ତ ଆହତ ଚିକିତ୍ସାଧୀନ ଥିବାବେଳେ ଦୁର୍ଘଟଣାର ପ୍ରକୃତ କାରଣ ସମ୍ପର୍କରେ ଅଧିକ ସୂଚନା ମିଳିନାହିଁ।

## ସକ୍ଷମ ନୃତ୍ୟ ଏକାଡେମୀ
## ନାଚି ନଚାଇବାର ଉତ୍ସବ 'ରାସ୍ ରଙ୍ଗ' ମହୋତ୍ସବ

ଭବାନୀପାଟଣା,୨।୬ (ସମିସ):କଳାହାଣ୍ଡି ଜିଲ୍ଲାର ଅଗ୍ରଣୀ ନୃତ୍ୟାନୁଷ୍ଠାନ ସକ୍ଷମ ନୃତ୍ୟ ଏକାଡେମୀ ତରଫରୁ ସ୍ଥାନୀୟ ଟାଉନ୍ ହଲ୍‌ରେ ଜାତୀୟ ଶାସ୍ତ୍ରୀୟ ଓ ଲୋକ ନୃତ୍ୟ ମହୋତ୍ସବ,'ରାସ୍ ରଙ୍ଗ ମହୋତ୍ସବ'' ୨୦୨୬ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟ ପୂର୍ବାହ୍ନ ୧୦ଟାରେ ନୃତ୍ୟ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ନାଟ୍ୟକାର ଉମେଶ ଚନ୍ଦ୍ର ଶତପଥୀ, ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଚିଣ୍ଟୁ ପ୍ରସାଦ ନାଏକ, ବରିଷ୍ଠ ଅଭିନେତା ଅବଦୁଲ କାଦିର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ପରେ ନୃତ୍ୟ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଯୁବ ଉଦଘୋଷକ ସୌରଭ ମହାପାତ୍ର। ଅନୁଷ୍ଠାନର କଳାକାରଙ୍କ ନୃତ୍ୟ ଶୈଳୀ ଏମିତି ଚମତ୍କାରଥିଲା ଯେ ଶତାଧିକ ଦର୍ଶକ ଅଭିଭାବକ ମଧ ନାଚିଲେ ଝୁମିଲେ ଭରପୁର ଉପଭୋଗ କଲେ। ସନ୍ଧ୍ୟା ୭ଟାରେ ସଭା କାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ,ମୁଖ୍ୟବକ୍ତା ଭାବେ ପରମେଶ୍ୱର ମୁଣ୍ଡ ,ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ , ଶିକ୍ଷାବିତ୍ ଡ.ଅଜୟ ମିଶ୍ର , ସଂସ୍କୃତି ଗବେଷକ ଧାନାନନ୍ଦ ପଣ୍ଡା ଓ ଏକାଡେମୀର ଉପଦେଷ୍ଟା ରଞ୍ଜୁଲତା ବାରିକ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ ସକ୍ଷମ ନୃତ୍ୟ ଏକାଡେମୀର ସଭପତି ଲିପ୍ସାରାଣୀ ବାରିକ। ଏହି ସନ୍ଧ୍ୟାରେ କଳାହାଣ୍ଡିର ଓଡ଼ିଶୀ ନୃତ୍ୟ ଗୁରୁ ସତ୍ୟବାନ ପ୍ରଧାନୀଙ୍କୁ ଶାସ୍ତ୍ରୀୟ



ନୃତ୍ୟ ଓଡ଼ିଶୀ ସମ୍ମାନ, ସକ୍ଷମ ଲୋକ ନୃତ୍ୟ ସମ୍ମାନରେ ମୂର୍ଣ୍ଣମୟୀ ଦାଶ ଓ ସକ୍ଷମ ପ୍ରତିଭା ସମ୍ମାନରେ ଏକାଡେମୀର ପ୍ରଥମ ଛାତ୍ରୀ ଶ୍ରୀୟଶ୍ରୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହ ସିମରନ୍ ସାହୁ ,ରେଣୁ ବିଶି, ଆସ୍ଥା ସମୃଦ୍ଧି ପଣ୍ଡା, ପଲକ କୁମାର, ତୁଷାର ଧଙ୍ଗଡାମାଝୀ, ପ୍ରେମଚାନ୍ଦ ପ୍ରାଙ୍ଗଣିଆଙ୍କୁ ନିଜ ନିଜ କଳା କ୍ଷେତ୍ରରେ ସମ୍ମାନିତ କରାଯାଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସକ୍ଷମ ନୃତ୍ୟ ଏକାଡେମୀର ସଂପାଦକ ଆଲୋକ କୁମାର ସାହୁ। ଏହି ସନ୍ଧ୍ୟାରେ ଓଡ଼ିଶୀ ,କୁଚିପୁଡ଼ି, କଥକ, ଭାରତନାଟ୍ୟମ, ସାଙ୍ଗାରି ନୃତ୍ୟକୁ କଳାକାର ମାନେ ପରିବେଷଣ କରିଥିଲେ। ପ୍ରତିଭା ଅନୁଷ୍ଠାନ ଦ୍ୱାରା ବଜାଶାଳ ନୃତ୍ୟ ମଧ ପରିବେଷଣ କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାର ବିଶେଷ ଆକର୍ଷଣ ଥିଲା ଗଜପତି ଜିଲ୍ଲାରୁ ଆସିଥିବା ଉର୍ମିଳା ପଟ୍ଟନାୟକ ଦ୍ୱାରା ପରିବେଷିତ କୁଚିପୁଡ଼ି ନୃତ୍ୟ, ଭୁବନେଶ୍ୱରରୁ ଆସିଥିବା ସତ୍ୟପ୍ରକାଶ ମଲ୍ଲିକଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ ବେଶ୍ ହୃଦୟସ୍ପର୍ଶୀ ହେବାସହ କଳାକାରଙ୍କ ଅଭିନୟ ଶେଷଯାଏଁ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଆକାଶବାଣୀ ଉଦଘୋଷିକା ନମିତା ମିଶ୍ର ସଭା କାର୍ଯ୍ୟ ସଂଯୋଜନା କରିଥିବାବେଳେ ସୌରଭ ମହାପାତ୍ର, ପ୍ରିୟଙ୍କା ପ୍ରଧାନ, ନୀତିନ ନାଏକ, ରୂପଜ୍ୟୋତି ପାଣିଗ୍ରାହୀ, ନିକି ଦୀପ, ଅର୍ଚ୍ଚିତା ବାରିକ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସସ୍ମିତା ମହାନ୍ତି ,ସଙ୍ଗୀତା ରାଉତ, ଶ୍ୱେତା ରାଣୀ ପାତ୍ର,ତରୁଣ ଦୁର୍ଗା ,ତାପସ ସାହୁ, ରବି କୁମାର୍ ସେଠି, ରିମା ବାଗ ,ଗୌରୀ ଶଙ୍କର ଦୁର୍ଗା, କୀର୍ତ୍ତି କାନ୍ତ , ସତ୍ୟଜିତ୍ ଦାସ, ଏସ୍ ସୁଧୀର, ସଙ୍ଗୀତା ପରିଡ଼ା ଶୁଭଲକ୍ଷ୍ମୀ ସାହୁ ,ଗୀତାଞ୍ଜଳି ଦୋରା, ଆଲିଶା ଭୂଜବଲ, ସ୍ୱାଧୀନତା ମିଶ୍ର, ନମିତା ଚୌଧୁରୀ, ରେବତୀ ବିଶି, କୁନ୍ତଳା ମାଝୀ ପ୍ରମୁଖ ସହାୟତା କରିଥିଲେ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ସିନାପାଲି,୨।୬(ସମିସ): ସିନାପାଲି ବ୍ଲକ୍‌ଭରୁଆମୁଣ୍ଡା ପଞ୍ଚାୟତ ଜରେଲପଦର ଗ୍ରାମର ଆକବର ହେର୍ଣା (୫୦) ଭାଲୁ ଆକ୍ରମଣରେ ଗୁରୁତର ହୋଇଥିବା ଜଣାପଡ଼ିଛି। ଆକବର ସୋମବାର ରାତି ପ୍ରାୟ ୮ ରେ ନିକଟସ୍ଥ ନାଳାକୁ ଶୌଚ ପାଇଁ ଯାଇଥିବା ବେଳେ ହଠାତ ଆକ୍ରମଣ କରିଥିଲା। ମାଇ ଭାଲୁ ସହିତ ୨ଟି ଛୁଆ ରହିଥିବା ବେଳେ ଆକ୍ରମଣ କରିବାରୁ ଗୋଡ଼ ଓ ଜଂଘରେ ଗଭୀର ଆଘାତ ଲାଗିଛି। ଆକ୍ରମଣ ପରେ



ଚିତ୍କାର କରିବାରୁ ଗାଁ ଲୋକେ ହୋହଲ୍ଲା କରିବାରୁ ଛାଡ଼ି ପଳାଇଥିଲା। ସେଠାରୁ ଉଦ୍ଧାର କରି ପ୍ରଥମେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଗୁରୁତର ହେବାରୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ପାରିବାର ସୂତ୍ରରୁ ଜଣାପଡିଛି। ଘଟଣା ପରେ ସିନାପାଲି ରେଞ୍ଜର କାମେଶ୍ୱର ତାଣ୍ଡିଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ନାୟକ ଓ ସଂଗ୍ରାମ କେଶରୀ ପ୍ରଧାନ ପହଞ୍ଚି ତଦନ୍ତ କରିବା ସହ ସରକାରୀ ନିୟମ ମୁତାବକ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି। ଗୁରୁତର ବ୍ୟକ୍ତି ଜଣକ ଗରିବ ଶ୍ରେଣୀର ହୋଇଥିବା ବେଳେ ଆବଶ୍ୟକ ସରକାରୀ ସହାୟତା ଦେବାକୁ ଦାବି ହେଉଛି।

## ମାସେ ହେବ ରାଜରାସ୍ତାରେ ୩ ବ୍ଲକ୍‌ର ଚାଷୀ

# ବିଧାୟକଙ୍କ ଗସ୍ତ, ଆନ୍ଦୋଳନସ୍ଥଳ ପ୍ରତି ବିମୁଖତା

କୋକସରା,୨।୬(ସମିସ)



ପି-ପାସ ପୋର୍ଟାଲ ଖୋଲିବା ଓ ପଞ୍ଜିକରଣ ଦାବିରେ କୋକସରାରେ ଚାଲିଥିବା ଇନ୍ଦ୍ରାବତୀ ମେଗା ଉଠା ଜଳସେଚନ ଚାଷୀ ସଂଘର ଆନ୍ଦୋଳନ ମଙ୍ଗଳବାର ୨୫ ଦିନରେ ପହଞ୍ଚିଛି। ଗତ ୮ ତାରିଖରେ କୋକସରା ଠାରେ ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନ କରିଥିଲେ ଜୟପାଟଣା, କୋକସରା ଓ ଧର୍ମଗଡ଼ ଅଞ୍ଚଳର ହଜାର ହଜାର ଚାଷୀ, ତଥାପି ପ୍ରଶାସନ ପକ୍ଷରୁ କୌଣସି ସକରାତ୍ମକ ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ଚାଷୀମାନେ ଗଣ ଧାରଣାରେ ବସିଥିଲେ। ଗତ ୧୯ ତାରିଖରେ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିଥିଲେ। ଏହା ସତ୍ତ୍ୱେ କୌଣସି ସମାଧାନ ନହେବାରୁ ୨୦ ଓ ୨୧ ତାରିଖରେ ଦୁଇ ଦିନ ଧରି ୩ ବ୍ଲକ୍‌ର ୯ ଚାଷୀ ଆମରଣ ଅନଶନରେ ବସିଥିଲେ। ପରିସ୍ଥିତି ଜଟିଳ ହେବାରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଜିଲ୍ଲାପାଳ ସେଠାରେ ପହଞ୍ଚି ଚାଷୀଙ୍କୁ ୪ ଦିନର ସମୟ ମାଗିଥିଲେ। ହେଲେ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତିକୁ ୧୨ ଦିନ ବିତି ଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ୩ ବ୍ଲକ୍ ଚାଷୀମାନେ ଆଜି ମଧ୍ୟ କୋକସରାର ଜାତୀୟ ରାଜପଥ ପାର୍ଶ୍ୱରେ ଧାରଣାରେ ବସିଛନ୍ତି। ଯାହା ଏବେ ମାସେ କାଳ ହେବାକୁ ବସିଲାଣି। ଏଣେ ଜିଲ୍ଲାରେ ରବି ଧାନ ବିକ୍ରି ଲାଗି ୨୦ ତାରିଖରୁ ମଣ୍ଡି ଆରମ୍ଭ ହୋଇଛି। ଏପଟେ କିନ୍ତୁ ମେଗା ଉଠାଜଳସେଚନ ପ୍ରକଳ୍ପ ଜରିଆରେ ଚାଷ କରିଥିବା ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୋଇ ରାଜ ରାସ୍ତାରେ ବସିଛନ୍ତି। ଏଭଳି ସ୍ଥିତିରେ ଧାନ କଟା ମଧ୍ୟ ଯୋର ଯୋରରେ ଆରମ୍ଭ ହୋଇ ସାରିଛି, ଚାଷୀମାନେ ଧାନ କାଟି କିଏ ଖଳାରେ ରଖିଛନ୍ତି ତ' କିଏ ରାସ୍ତା କଡ଼ରେ

### ଅଦିନିଆ ବର୍ଷାରେ ଭିଜୁଛି କଷ୍ଟଲବ୍ଧ ଧାନ

କଷ୍ଟ ଉପାର୍ଜିତ ଧାନକୁ ରଖି ଟୋକନ୍ ପାଇଁ ପଞ୍ଜୀକରଣ ହେବା ଦିନକୁ ଅପେକ୍ଷା କରି ରହିଛନ୍ତି। ଏପଟେ କିନ୍ତୁ ଶାସକ ଦଳର ସ୍ଥାନୀୟ ବିଧାୟକ କୋକସରା ଅଞ୍ଚଳର ବିଭିନ୍ନ ଗାଁରେ ଜନ ସମ୍ପର୍କ କାର୍ଯ୍ୟକ୍ରମ କରି ମେଗା ଲିଫ୍ଟ ଅଞ୍ଚଳର ଚାଷୀଙ୍କ ରହିଥିବା ଟୋକନ ସମସ୍ୟା ସ୍ପଷ୍ଟିକରଣ ରଖୁଥିବା ଏବଂ ସମସ୍ତ ଚାଷୀଙ୍କ ଧାନ କ୍ରୟ ହେବ ବୋଲି କହୁଥିବା ଜଣାପଡିଛି। ଏଣେ କିନ୍ତୁ ଦିର୍ଘ ୨୫ ଦିନରୁ ଉର୍ଦ୍ଧ୍ୱ ହେଲା ଆନ୍ଦୋଳନ ଜାରି ରହିଛି। ତଥାପି ଚାଷୀଙ୍କ ଆନ୍ଦୋଳନସ୍ଥଳରେ ସ୍ଥାନୀୟ ବିଧାୟକ ଆସି ନଥିବା ଓ ଅନ୍ନଦାତାଙ୍କୁ କୌଣସି ଆଶ୍ୱସନା ମଧ ଦେଇ ନଥିବାରୁ ସେମାନଙ୍କ ମହଲରେ ତିବ୍ର ଅସନ୍ତୋଷ ଦେଖାଦେଇଛି। ଗତ କିଛି ଦିନ ହେଲା ଅଞ୍ଚଳରେ କାଳବୈଶାଖୀ ଜନିତ ଅଦିନିଆ ବର୍ଷା ଲାଗି ରହିଥିବାରୁ ଅନେକ ଚାଷୀଙ୍କ ଧାନ ପାଣିରେ ଭିଜି ନଷ୍ଟ ହେବାରେ ଲାଗିଛି। ଯାହା ଚାଷୀଙ୍କ ଚିନ୍ତା ବଢାଇ ଦେଇଛି। ଦିର୍ଘ ୨୫ ଦିନର ଆନ୍ଦୋଳନ ସତ୍ତ୍ୱେ କୌଣସି ସମାଧାନ ନ ହେବାରୁ ଚାଷୀମାନେ ପୁଣି ଥରେ ଚରମ ନିଷ୍ପତ୍ତି ନେଇଛନ୍ତି। ଚାଷୀ ଓ ଚାଷୀନେତା ମଙ୍ଗଳବାର କୋକସରା ଥାନାରେ ଅଭିଯୋଗ ପତ୍ର ଦେଇ ବୁଧବାର ଠାରୁ ପୁଣିଥରେ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଆମରଣ ଅନଶନରେ ବସିବା ନେଇ ସଂଘ ଉପସଭାପତି ରାଜୀବ କୁମାର ଅଗ୍ରୱାଲ ସୂଚନା ଦେଇଛନ୍ତି।

## କେସିଙ୍ଗା ଏନ୍‌ଏସିର ଦୁଇ କର୍ମଚାରୀଙ୍କ ଅବସର ଗ୍ରହଣ



କେସିଙ୍ଗା,୨।୬(ସମିସ):୧୯୬୫ ମସିହାରୁ ଅସ୍ତିତ୍ୱରେ ଆସିଥିବା କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦର ଦୁଇ ଜଣ କର୍ମଚାରୀଙ୍କୁ ସୋମବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।କେସିଙ୍ଗା ଏନ୍‌ଏସିରେ ଦୀର୍ଘ ଦିନ ଧରି ୱାର୍କସରକାର ପଦବୀରେ ଥିବା ମୋହନ ସାହୁ ଓ ଜୁନିଅର ଆସିଷ୍ଟେଣ୍ଟ ଭାବରେ କାର୍ଯ୍ୟରତ ଥିବା ଦିବାକର ଜେନାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନାଜ୍ଞାପନ କରାଯାଇ ଆଗାମୀ ଦିନପାଇଁ ଶୁଭକାମନା ଦିଆଯାଇଥିଲା।ଉକ୍ତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ କେସିଙ୍ଗା ନଗରପାଳ ନୃପରାଜ ଯାଦବ,କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ,ଏମଇ ଅଶୋକ କୁମାର ପଟ୍ଟନାୟକ, ନିର୍ବାହୀଯନ୍ତ୍ରୀ ନାରାୟଣ ମହାରଣା, ଶ୍ରୀନିବାସ ପଟ୍ଟନାୟକ, ଗଦାଧର ସିଂ ଦେଓ ସମସ୍ତ ୱାର୍ଡ ୱାର୍ଡ କାଉନସିଲରଙ୍କ ସମେତ କେସିଙ୍ଗା ଏନ୍‌ଏସିର କଣ୍ଟାକଟର ଆସୋସିଏସନ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ।

THE SAKALA

# ମୂଲ୍ୟାଙ୍କନର ହନୁକରଣ

ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଜନିତ ବିବାଦର ଅବସାନ ଘଟି ନଥିବା ବେଳେ ସିବିଏସ୍‌ଇ(କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ) ଅଧୀନରେ ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଖାତା ମୂଲ୍ୟାୟନ ବିଭ୍ରାଟ ଦେଶରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ସାମଗ୍ରିକ ଶିକ୍ଷା ବ୍ୟବସ୍ଥାକୁ ଘୂଣ ଖାଇ ଯାଇଥିବା ଅଭିଯୋଗ ମଧ୍ୟ ହେଉଛି। ଏଥିସହିତ କୋଟିକୋଟି ଭାରତୀୟ ଶିକ୍ଷାର୍ଥୀଙ୍କ ଭାଗ୍ୟ ଓ ଭବିଷ୍ୟତକୁ ନେଇ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିଛି। ସମୟୋପଯୋଗୀ ବିକାଶ ଆଳରେ ଗତ କିଛିବର୍ଷ ଧରି ଦେଶର ଶିକ୍ଷା ବ୍ୟବସ୍ଥାରେ ଚାଲିଥିବା ଅପରିଣାମଦର୍ଶୀ ପରୀକ୍ଷା ନିରୀକ୍ଷାର ନକାରାତ୍ମକ ପରିଣାମ ଏବେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଭୋଗୁଛନ୍ତି। କେଉଁଠି ପାଠ୍ୟକ୍ରମରେ ବ୍ୟାପକ ଓ ଅନାବଶ୍ୟକ ପରିବର୍ତ୍ତନ କରାଯାଉଛି ତ କେତେବେଳେ ପରୀକ୍ଷାରେ ଅବାନ୍ତର ବ୍ୟବସ୍ଥାମାନ ଖଞ୍ଜା ଯାଉଛି। ଏହାର ସଦ୍ୟତମ ଉଦାହରଣ ରୂପେ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଖାତା ମୂଲ୍ୟାୟନକୁ ନିଆଯାଇପାରେ।

ଚଳିତ ବର୍ଷ ଦ୍ୱାଦଶ ପରୀକ୍ଷା ଖାତା ମୂଲ୍ୟାୟନକୁ ଅନ୍‌ସ୍କ୍ରିନ୍ ମାର୍କିଂ(ଓଏସ୍‌ଏମ୍) କରିଦିଆଗଲା। ଏହି ପଦ୍ଧତିରେ ପରୀକ୍ଷା ଖାତାଗୁଡ଼ିକୁ ସ୍କାନ୍ କରି କମ୍ପ୍ୟୁଟରରେ ଅପ୍‌ଲୋଡ୍ କରାଯାଏ। ପରୀକ୍ଷକମାନେ ଉତ୍ତରଖାତାଗୁଡ଼ିକୁ ଆଉ ପ୍ରତ୍ୟକ୍ଷ ନ ପଢ଼ି କମ୍ପ୍ୟୁଟର ସ୍କ୍ରିନ୍‌ରେ ପଢ଼ି ମୂଲ୍ୟାୟନ କରନ୍ତି। ଏହାଦ୍ୱାରା ମୂଲ୍ୟାୟନ ସମୟ ତ ସଞ୍ଚିତ ହେଲା ନାହିଁ, ଅଧିକନ୍ତୁ ଡିଜିଟାଲ୍ କ୍ଷେତ୍ରରେ ଭାରତର ଅପାରଗତା ଓ ତ୍ରୁଟି ପୁଣି ଥରେ ପଦାକୁ ଆସିଲା। ଜଣେ ପରୀକ୍ଷାର୍ଥୀଙ୍କ ଉତ୍ତରଖାତାର କିଛି ଫର୍ଦ୍ଦ ଆଉ ଜଣେ ପରୀକ୍ଷାର୍ଥୀଙ୍କ ଖାତାରେ ଯୋଡ଼ି ହୋଇଗଲା ଏବଂ କେତେଜଣ ପରୀକ୍ଷାର୍ଥୀଙ୍କ ଉତ୍ତରଖାତାରୁ କିଛି ପୃଷ୍ଠା କମ୍ପ୍ୟୁଟର ସ୍କ୍ରିନ୍‌ରେ ଆଦୌ ନଥିଲା। ପୁଣି ଅନେକ ପରୀକ୍ଷା ଖାତାର ପୃଷ୍ଠାଗୁଡ଼ିକ କମ୍ପ୍ୟୁଟର ସ୍କ୍ରିନ୍‌ରେ ଏତେ ଅସ୍ୱଚ୍ଛ ଓ ଝାପ୍‌ସା ଥିଲା ଯେ ପଢ଼ିବା ସମ୍ଭବ ହେଉ ନଥିଲା। ସେହି ଅନୁଯାୟୀ ମୂଲ୍ୟାୟଙ୍କରେ ମଧ୍ୟ ବିଭ୍ରାଟ ସୃଷ୍ଟି ହେଲା। କେତେକ ପରୀକ୍ଷାର୍ଥୀଙ୍କ ନମ୍ବର ଅବିଶ୍ୱସନୀୟ ଭାବେ ହ୍ରାସ ପାଇଲା। ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପରୀକ୍ଷା ଖାତା ଦେଖିବାର ସୁଯୋଗ ମିଳିବା ପରେ ସେମାନେ ଓଏସ୍‌ଏମ୍‌ର ଏହି ବିଭ୍ରାଟ ବିଷୟରେ ଅଭିଯୋଗ କଲେ। ଅଭିଯୋଗ ଗୁରୁତର, ବିବାଦ ତୀବ୍ର ଓ ତ୍ରୁଟି ପ୍ରମାଣିତ ହେବା ପରେ କର୍ତ୍ତୃପକ୍ଷଙ୍କ ପାଖରେ ସଫେଇ ଦେବା ପାଇଁ ଆଉ ରାସ୍ତା ନଥିଲା। ଏବେ ପୁଣି ଥରେ ଖାତାଗୁଡ଼ିକୁ ସ୍କାନିଂ କରି ପୁନଃମୂଲ୍ୟାୟନ ହେବା ଆରମ୍ଭ ହୋଇଛି। ଏଥିରେ ସାମଗ୍ରିକ ଭାବେ କାହାର ଲାଭ ବା କ୍ଷତି ହେଲା ତାହାର ଉଲ୍ଲେଖ ଅନାବଶ୍ୟକ। ପରୀକ୍ଷକମାନେ ଦୁଇଦୁଇ ଥର ଖାତା ଦେଖିବାକୁ ପଡ଼ିଲା ଏବଂ ଅର୍ଥ ଓ ସମୟ ଅପଚୟ ଅଧିକ ହେବା କେବଳ ସାର ହେଲା।

ସମ୍ପୂର୍ଣ୍ଣ ପୂର୍ବପ୍ରସ୍ତୁତି ବିନା ଯୁଦ୍ଧକୁ ଡେଇଁପଡ଼ିଲେ ଯାହା ଅବସ୍ଥା ହୁଏ ତାହା ହିଁ ଭାରତରେ ଓଏସ୍‌ଏମ୍‌ରେ ହୋଇଛି। କେତେକ ବିକଶିତ ଦେଶରେ ଏଭଳି ବ୍ୟବସ୍ଥା ପ୍ରଚଳିତ ଥିବାରୁ ଭାରତର ଶିକ୍ଷା ମନ୍ତ୍ରଣାଳୟ ମଧ୍ୟ ତାହାକୁ ଅନୁକରଣ କରିବାରେ କିଛି ଅବାସ୍ତବତା ନାହିଁ। କିନ୍ତୁ ପର୍ଯ୍ୟାପ୍ତ ଭିତ୍ତିଭୂମି ବିନା କୌଣସି ଉନ୍ନତ ବ୍ୟବସ୍ଥାର ଅନୁକରଣ ତାହାକୁ ହନୁକରଣରେ ରୂପାନ୍ତରିତ କରିଦିଏ, ଯାହାର ସଦ୍ୟ ଉଦାହରଣ କେବଳ ଦେଖିବାକୁ ମିଳିଛି। ୨୦୧୪ରେ ଏଭଳି ପ୍ରୟାସ କରି ସିବିଏସ୍‌ଇ ବିଫଳ ହେବା ପରେ ଆଉ ସେ ସମ୍ପର୍କରେ ଅଧିକ ପରୀକ୍ଷା ନିରୀକ୍ଷା କରିବାର ଆବଶ୍ୟକତା ଥିବା ବୋଧହୁଏ ମନେ କଲା ନାହିଁ। ସିଧାସଳଖ ଦ୍ୱାଦଶ ବାର୍ଷିକ ପରୀକ୍ଷା ଖାତା ମୂଲ୍ୟାଙ୍କନ ପାଇଁ ଓଏସ୍‌ଏମ୍‌କୁ ଆପଣେଇ ନେଲା। ନିଜ ନାମ ପରିବର୍ତ୍ତନ କରିଥିବା ଏକ ବିବାଦୀୟ ସଂସ୍ଥାକୁ ଓଏସ୍‌ଏମ୍ ଦାୟିତ୍ୱ ଦିଆଯିବା ପଛରେ ସରକାରୀ ହାତ ଥିବା ନେଇ ଯେଉଁ ଅଭିଯୋଗ ହେଉଛି ତାହାର ପ୍ରମାଣ ଆମ ପାଖରେ ନାହିଁ। କିନ୍ତୁ ଏଭଳି ସମ୍ବେଦନଶୀଳ କ୍ଷେତ୍ରରେ ଅଧିକ ପରୀକ୍ଷା ନିରୀକ୍ଷା ବିନା କୌଣସି ପ୍ରୟୋଗ ଯେ ଅବାଞ୍ଛିତ - ଏହି ଶିକ୍ଷାକୁ କର୍ତ୍ତୃପକ୍ଷ ଓ ମନ୍ତ୍ରଣାଳୟ କେତେ ମନେ ରଖିବେ ତାହା ସେମାନଙ୍କ ଉପରେ ନିର୍ଭର କରେ।

ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଓଏସ୍‌ଏମ୍‌ରେ ଉତ୍ତରଖାତାଗୁଡ଼ିକୁ ସ୍କାନ କରିବା ଲାଗି ସିଲେଇ ଖୋଲିବାକୁ ପଡ଼େ। ୧୭ ଲକ୍ଷ ପରୀକ୍ଷାର୍ଥୀଙ୍କ ୯୮ ଲକ୍ଷ ଉତ୍ତରଖାତାର ୪୦ କୋଟି ପୃଷ୍ଠା ସ୍କାନିଂ କରିବା ସହଜସାଧ୍ୟ ବ୍ୟାପାର ନୁହେଁ। ଏହା ସମ୍ପୂର୍ଣ୍ଣ ରୂପେ ମାନବୀକୃତ ହୋଇଥିବାରୁ ଉଉତ୍ତରଖାତାର ପୃଷ୍ଠା ଓଲଟପାଲଟ କିମ୍ବା ହଜିଯିବାର ଆଶଙ୍କା ଅଧିକ। ପରୀକ୍ଷକଙ୍କ ଉପରେ ସତର୍କ ଦୃଷ୍ଟି ରଖିବା, ମୂଲ୍ୟାୟନକୁ ଅଧିକ ଉତ୍ତରଦାୟୀ କରିବା, ଆଞ୍ଚଳିକ ତାରତମ୍ୟ ହ୍ରାସ କରିବା ଏବଂ ମୋଟ ନମ୍ବର ମିଶାଣକୁ ତ୍ୱରାନ୍ୱିତ କରିବାରେ ଓଏସ୍‌ଏମ୍ ସହାୟକ ହେବ ବୋଲି କର୍ତ୍ତୃପକ୍ଷ କରୁଥିବା ଯୁକ୍ତି ଯେ ନିତାନ୍ତ ଅବାନ୍ତର ଥିଲା ତାହା ଏବେ ପ୍ରମାଣିତ ହୋଇଗଲା। ଚୂଡ଼ାନ୍ତ ମୂଲ୍ୟାୟନ ପୂର୍ବରୁ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ସରକାରୀ ଓ ଘରୋଇ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ନେଇ ଯେଉଁ ସ୍ୱଳ୍ପଅବଧି ବିଶିଷ୍ଟ ତାଲିମ୍ ଶିବିର ଅନୁଷ୍ଠିତ ହୋଇଥିଲା ସେଥିରେ ଓଏସ୍‌ଏମ୍ ପଦ୍ଧତି ଅନୁପଯୋଗୀ ଥିବା ଅଭିଯୋଗ ହୋଇଥିଲା। କିନ୍ତୁ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମତାମତକୁ ଅଣଦେଖା କରି କର୍ତ୍ତୃପକ୍ଷ ଚୂଡ଼ାନ୍ତ ପ୍ରୟୋଗ ପାଇଁ ପ୍ରସ୍ତୁତ ହୋଇଗଲେ। କର୍ତ୍ତୃପକ୍ଷ ଅନ୍ତତଃ ଆଉ କିଛିଦିନ ସମୟ ନେଇଥିଲେ ଆଜି ଏଭଳି ବିବାଦୀୟ ସ୍ଥିତି ସୃଷ୍ଟି ହୋଇ ନଥା'ନ୍ତା।

ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ଅନଭିଜ୍ଞତା ଓ ତଦାରଖର ଅଭାବ ଥିବା ବିଦେଶର ବିଶେଷଜ୍ଞମାନେ ମତ ଦେଇଛନ୍ତି। ଆଉ କିଛି ବିଶେଷଜ୍ଞ ବୈଷୟିକ ତ୍ରୁଟି ଦିଗକୁ ଇଙ୍ଗିତ କରିଛନ୍ତି। ତିନିଘଣ୍ଟା ଅବଧି ବିଶିଷ୍ଟ ପରୀକ୍ଷାର ଆରମ୍ଭରେ ଜଣେ ଛାତ୍ର କିମ୍ବା ଛାତ୍ରୀର ହସ୍ତାକ୍ଷରର ରୂପ ଓ ମାନ ଯାହା ଥାଏ ପରୀକ୍ଷା ଶେଷ ସମୟରେ ସେଥିରେ ଅନେକ ପରିବର୍ତ୍ତନ ହୋଇଯାଏ। ସେହିପରି ଗଣିତ, ପଦାର୍ଥ ବିଜ୍ଞାନ ଆଦି ବିଷୟରେ ଉତ୍ତରଖାତାଗୁଡ଼ିକ ପେନ୍‌ସିଲ୍ ଚିତ୍ର ଓ ଅଙ୍କନ ସମ୍ବଳିତ ଥାଏ। ବୈଷୟିକ ଜ୍ଞାନକୌଶଳ ଓ ଉପକରଣ ଅତ୍ୟାଧୁନିକ ଓ ଉନ୍ନତ ନ ହେଲେ ତାହା ଅବିକଳ କମ୍ପ୍ୟୁଟର ସ୍କ୍ରିନ୍‌ରେ ପ୍ରଦର୍ଶିତ ହୋଇପାରେ ନାହିଁ। ଏହାଛଡ଼ା ଘରୋଇ ବିଦ୍ୟାଳୟ ତୁଳନାରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ଭିତ୍ତିଭୂମି ସୁବିଧା ଏତେ ବିକଶିତ ଓ ଉନ୍ନତ ନଥିବାରୁ ଅପ୍‌ଲୋଡ୍ ବେଳେ ବିଭ୍ରାଟ ଓ ତାରତମ୍ୟ ସୃଷ୍ଟି ହେବାର ଆଶଙ୍କା ଅଧିକ। ଓଏସ୍‌ଏମ୍ କାର୍ଯ୍ୟକାରୀ ପୂର୍ବରୁ କର୍ତ୍ତୃପକ୍ଷ ଏହି ଦିଗଗୁଡ଼ିକୁ ଧ୍ୟାନ ଦେଇଥିଲେ ମୂଲ୍ୟାଙ୍କନ କସରତ ପୁଣି ଦୋହରାଇବାକୁ ପଡ଼ି ନଥା'ନ୍ତା କି ଦେଶବିଦେଶରେ ଭାରତର ଭାବମୂର୍ତ୍ତି ନିନ୍ଦିତ ହୋଇ ନ ଥା'ନ୍ତା।

ଆଧୁନିକ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟା ଅପରିହାର୍ଯ୍ୟ। କିନ୍ତୁ ଏହା ନିର୍ଦ୍ଦେଶାନୁଯାୟୀ କାର୍ଯ୍ୟ ସମ୍ପାଦନ କରୁଥିବାରୁ ମାନବୀକୃତ ଦକ୍ଷତା ଓ ସୃଜନଶୀଳତାର ସ୍ଥାନ ନେଇପାରିବ ନାହିଁ। ତେଣୁ ପ୍ରଯୁକ୍ତିବିଦ୍ୟାର ଉପଯୋଗ ସ୍ଥାନ-କାଳ-ପାତ୍ର ଆଦିକୁ ଦୃଷ୍ଟିରେ ରଖି କରିବା ବିଧେୟ। ବିଶେଷକରି ଚିକିତ୍ସା ଓ ପରୀକ୍ଷା ଭଳି ସମ୍ବେଦନଶୀଳ କ୍ଷେତ୍ରରେ ପରୀକ୍ଷା ନିରୀକ୍ଷା ଆଦୌ ଗ୍ରହଣୀୟ ନୁହେଁ। ଏ ଦିଗରେ ଆମେ ଅଧିକ ବିକଶିତ ହୋଇ ନଥିବାରୁ ଅନ୍ୟକୁ ଅନୁକରଣ କେବଳ ହନୁକରଣ ହେବା ସାର ହେବ, ଯାହା ଏବେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ମୂଲ୍ୟାଙ୍କନରେ ହୋଇଛି। ●



## ସମ୍ପାଦକୀୟ



ମୁଁ ଯେଉଁ 'ୱେବ୍ ଦୁନିଆ' ର ପରିକଳ୍ପନା କରିଥିଲି, ତାହା ଏପର୍ଯ୍ୟନ୍ତ ବାସ୍ତବ ରୂପ ନେଇନାହିଁ। ଏବେ ମଧ୍ୟ ଆମର ଭବିଷ୍ୟତ ଆମର ଅତୀତ ଅପେକ୍ଷା ବୃହଦାକାର ରୂପେ ଉଭା ହୋଇ ରହିଛି।
- ଟିମ୍ ବର୍ଣର୍ସ ଲୀ

# ଯୁବଶକ୍ତି: ସମ୍ଭାବନା ନା ଅପଚୟ?

**ପ୍ରକାଶ ମିଶ୍ର**

ଭାରତ ଏକ ଯୁବ ଦେଶ ବୋଲି ଆମେ ଗର୍ବ କରୁଛୁ। କିନ୍ତୁ ଏହି ଗର୍ବ ସେତେବେଳେ ଅର୍ଥପୂର୍ଣ୍ଣ ହୁଏ, ଯେତେବେଳେ ଯୁବସମାଜ ସଚେତନ, କୁଶଳୀ ଓ ଦିଗଦର୍ଶନ ପାଇ ଠିକ୍ ବାଟରେ ଚାଲନ୍ତି। ନହେଲେ ଏହି ଯୁବପିଢ଼ି ସୁଯୋଗ ନୁହେଁ, ବରଂ ସମସ୍ୟାରେ ପରିଣତ ହେବାର ଆଶଙ୍କା ରହିଥାଏ। ଆଜିର ପରିପ୍ରେକ୍ଷୀରେ ପ୍ରଶ୍ନ ହେଉଛି ଆମେ ଏହି ଯୁବଶକ୍ତିକୁ ଠିକ୍ ବାଟରେ ନେବା ପାଇଁ ସଠିକ୍ ଦିଗଦର୍ଶନ ଦେଉଛୁ ନା ତାହାକୁ ଅପଚୟ କରୁଛୁ?

ଆଜିର ଶିକ୍ଷାର ଚିତ୍ର ଏକ ବିରୋଧାଭାସ। ହାତରେ ଡିଗ୍ରୀ, କିନ୍ତୁ ମନରେ ଅନିଶ୍ଚିତତା। ଶିକ୍ଷା ବଢ଼ିଛି, କିନ୍ତୁ ଜୀବନର ସ୍ଥିରତା ବଢ଼ିନାହିଁ। ସାଧାରଣ ଶିକ୍ଷିତ ଯୁବକ ଓ ଯୁବତୀ ଆଜି ନିରାଶ ଓ ଭୟଭୀତ। ବାସ୍ତବ ଜୀବନରେ ପିଲାମାନଙ୍କୁ ଯେଉଁ କର୍ମକୌଶଳ ଦରକାର, ଯଥା ସମସ୍ୟା ସମାଧାନ କରିବା, ସମ୍ପର୍କ ଗଢ଼ିବା, ଦାୟିତ୍ୱ ନେବା ଇତ୍ୟାଦି, ସେଥିରେ ପାରମ୍ପରିକ ଶିକ୍ଷାର ଭୂମିକା ଅତ୍ୟନ୍ତ ସୀମିତ। ଆଜିର ଶିକ୍ଷା ଆମକୁ ଚାକିରି ପାଇଁ ପ୍ରସ୍ତୁତ କରୁଛି, କିନ୍ତୁ ଜୀବନ ପାଇଁ ନୁହେଁ। ଗ୍ରାମୀଣ ଅଞ୍ଚଳର ଚିତ୍ର ଆହୁରି ଚିନ୍ତାଜନକ। ମାତ୍ର ୫% ରୁ ୧୦% ପିଲା ଭଲ ପାଠ ପଢ଼ି ସହରର ପିଲାଙ୍କ ସହିତ ପ୍ରତିଯୋଗିତା କରିପାରୁଛନ୍ତି। ଏହି ନିରାଶାକୁ କିଛି ରାଜନୈତିକ ଶକ୍ତି ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରୁଛନ୍ତି। ଏମାନଙ୍କୁ 'କର୍ମୀ' ବୋଲି ନାମିତ କରାଯାଉଛି। ଏଥିରେ ସାମାନ୍ୟ କିଛି 'କର୍ମୀ' କିଛି ଫାଇଦା ପାଉଥିବା ବେଳେ ଅଧିକାଂଶ ବେକାର ଓ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି। କିନ୍ତୁ ଦୁଃଖର କଥା ଏମାନଙ୍କର ଭବିଷ୍ୟତ ବୋଲି କିଛି ନାହିଁ। ଅନେକ ସମୟରେ ରାଜନୀତିରେ ଏମାନଙ୍କୁ ଭୁଲ ଭାବରେ ବ୍ୟବହାର କରାଯାଉଛି।

ସରକାର ଏକ ପଟେ ନିଜକୁ ଯୁବମାନଙ୍କର ସରକାର ବୋଲି ପ୍ରଚାର କରୁଥିବା ବେଳେ ଅନ୍ୟ ପଟେ ଲଗାତାର ନୂତନ ମଦ ଦୋକାନକୁ ମଞ୍ଜୁରୀ ଦେଉଛନ୍ତି। ଏକ ପଟେ ବେରୋଜଗାରୀ ଓ ସକାରାତ୍ମକ କାର୍ଯ୍ୟର ଅଭାବ, ଅନ୍ୟ ପଟେ ସହଜରେ ମିଳୁଥିବା ନିଶାଦ୍ରବ୍ୟ ନିରାଶ ଯୁବପିଢ଼ିକୁ ଧୀରେ ଧୀରେ ବିପଥଗାମୀ କରୁଛି। ଏହା କେବଳ ବ୍ୟକ୍ତିଗତ ଭବିଷ୍ୟତକୁ ନୁହେଁ, ଦେଶର ଭବିଷ୍ୟତକୁ ମଧ୍ୟ ସଙ୍କଟରେ ପକାଉଛି। ସେହିଭଳି ଚରିତ୍ର ଗଢ଼ଣରେ ଖେଳକୁଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦଳୀୟ କାର୍ଯ୍ୟଦକ୍ଷତା ବିକାଶ ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ, ଯାହା ଏକାଠି କାମ କରିବା ଓ ପରସ୍ପର ସହଯୋଗରେ ସାଧାରଣ ଲକ୍ଷ୍ୟ ହାସଲ କରିବାରେ ସଫଳ ହେବା ପାଇଁ ଶିକ୍ଷା ଦିଏ। ଦଳୀୟ ଖେଳରେ ଜଣେ ଖେଳାଳି ଅନ୍ୟ ଖେଳାଳିଙ୍କ ଉପରେ ନିର୍ଭର କରିବା, ଦାୟିତ୍ୱ ନେବା, ବିରୋଧ ସମାଧାନ କରିବା ଓ ସଫଳତା-ବିଫଳତାକୁ ଏକାଠି ଅନୁଭବ କରିବା ଶିଖେ। ଖେଳ ଆମକୁ ଶିଖାଏ ଅନୁଶାସନ, ଦଳୀୟ କାର୍ଯ୍ୟ, ହାର ପରେ ପୁନଃ ଉଠିବାର ସାହସ ଓ ଶେଷ ପର୍ଯ୍ୟନ୍ତ ଲଢ଼ିବାର ମନୋଭାବ। ଏହି ଗୁଣଗୁଡ଼ିକ ଜୀବନର ସଫଳତାର ଭିତ୍ତି। କିନ୍ତୁ ଦୁଃଖର କଥା ଅଧିକାଂଶ ଅଭିଭାବକ ପିଲାଙ୍କୁ କେବଳ ପରୀକ୍ଷାରେ ଅଧିକ ନମ୍ବର ପାଇବାକୁ ଚାପ ଦେଉଛନ୍ତି। ଫଳରେ ପିଲା ଶିଶୁ ଅବସ୍ଥାରୁ ଯୁବା ହେବା ପର୍ଯ୍ୟନ୍ତ ପୁସ୍ତକ, ପାଠ ଓ ମୋବାଇଲ୍ ଛଡ଼ା ଅନ୍ୟ କିଛି ଜାଣିପାରୁନାହିଁ। ଏହାର ପରିଣାମରେ ନା ଶରୀର ସୁସ୍ଥ ରହୁଛି, ନା ମନ। ପାଠ ସହିତ ଭଲ ଖେଳି ରାଜ୍ୟ ଓ ଜାତୀୟସ୍ତରର ପ୍ରମାଣପତ୍ର ହାସଲ କଲେ ଏହା ଭବିଷ୍ୟତରେ ବହୁତ ସାହାଯ୍ୟକାରୀ ହୋଇପାରେ - ଏହି ଚିନ୍ତାଧାରା ଓ ସଚେତନତା ଆମ ସମାଜରେ ଅଭାବ ଅଛି।

ଓଡ଼ିଶାରେ ପର୍ଯ୍ୟାପ୍ତ ଶିଳ୍ପାନୁଷ୍ଠାନ ନଥିବାରୁ ଯୁବପିଢ଼ି ବାହାର ରାଜ୍ୟକୁ ପଳାୟନ କରୁଛନ୍ତି। ଅଶିକ୍ଷିତମାନେ ଦାଦନ ଶ୍ରମିକ ଭାବେ ଏବଂ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତମାନେ ଛୋଟ ଚାକିରିରେ ଖଟୁଛନ୍ତି। ସେମାନେ କେମିତି ପରିବେଶ ଓ ପରିସ୍ଥିତିରେ ଜୀବନଯାପନ କରୁଛନ୍ତି, ତାହା ଆଖିରେ ନ ଦେଖିଲେ ବୁଝିପାରିବା କଷ୍ଟକର। ପୁଣି କାମ ପାଇଁ ଆବଶ୍ୟକ ଦକ୍ଷତା ନଥିବାରୁ ପିଲାମାନଙ୍କର ଠିକ୍ ଭାବରେ କର୍ମସଂସ୍ଥାନ ହୋଇପାରୁନାହିଁ। ଯାହା ପଢ଼ାଯାଉଛି ଓ ଚାକିରିର ଆବଶ୍ୟକତା ମଧ୍ୟରେ ଅନେକ ଅନ୍ତର ରହିଛି। ଯେଉଁ ଚାକିରି ମିଳୁଛି, ସେଥିରେ ଦରମା ଅତ୍ୟନ୍ତ କମ୍। ଜଣେ ଇଞ୍ଜିନିୟର କିମ୍ବା ଏମ୍‌ବିଏ ପଢ଼ିଥିବା ପିଲା ଜଣେ ଶ୍ରମିକର ମାସିକ ଆୟଠାରୁ ମଧ୍ୟ କମ୍ ଦରମା ପାଉଛନ୍ତି ଏବଂ ବେଳେବେଳେ ମାଲିକମାନଙ୍କ ଦୁର୍ବ୍ୟବହାରର ସମ୍ମୁଖୀନ ହେଉଛନ୍ତି। ତେଣୁ ଆର୍ଥିକ ଅନଟନ ଓ ସମ୍ମାନହାନି ଯୋଗୁଁ ଯୁବସମାଜ ମାନସିକ ଚାପରେ ରହୁଛନ୍ତି। ଯେହେତୁ କମ୍ପାନୀ ସଂଖ୍ୟା ବହୁତ କମ୍, ପିଲାମାନେ ଯେଉଁଠି କିଛି ମିଳୁଛି ସେଠି ବର୍ଷ ବର୍ଷ ପଡ଼ି ରହୁଛନ୍ତି। ଯଦି ପ୍ରତିବାଦ କରନ୍ତି, ତେବେ ଗୋଟିଏ ଦିନରେ ମଧ୍ୟ ଚାକିରିରୁ ବାହାର କରିଦେବାର ଧମକ ମିଳୁଛି।

ଆଜି ଯେପରି ଯୁବପିଢ଼ି ଆଇପିଏଲ୍ ଓ ଟି-୨୦ ମ୍ୟାଚ୍‌କୁ ନେଇ ଅତ୍ୟଧିକ ଆସକ୍ତ ହେଉଛନ୍ତି, ସେଥିରେ ଚିନ୍ତାର କାରଣ ରହିଛି। ପୃଥିବୀର ପ୍ରାୟ ୧୯୫ଟି ଦେଶରୁ ମାତ୍ର ୧୫/୨୦ଟି ଦେଶରେ କ୍ରିକେଟ୍ ଖେଳାଯାଏ। ବିକଶିତ ଦେଶମାନେ କ୍ରିକେଟ୍ ଆସକ୍ତ ନୁହନ୍ତି। ଏଠାରେ ପ୍ରଶ୍ନ କ୍ରିକେଟର ନୁହେଁ, ସମୟର ସଠିକ ବ୍ୟବହାରର। ଯେଉଁମାନେ ଖେଳୁଛନ୍ତି, ସେମାନେ ପରିଶ୍ରମ ଦ୍ୱାରା ସଫଳତା ପାଉଛନ୍ତି ଏବଂ ଅସୀମ ଆର୍ଥିକ ସଫଳତା ଲାଭ କରୁଛନ୍ତି। କିନ୍ତୁ ଲକ୍ଷଲକ୍ଷ ଯୁବକ କେବଳ ଦର୍ଶକ ହୋଇ ନିଜ ସମୟ ଓ ଶକ୍ତି ନଷ୍ଟ କରୁଛନ୍ତି। ଯଦି ଖେଳ ଆମକୁ ଶାରୀରିକ ଓ ମାନସିକ ଭାବେ ସଶକ୍ତ କରେ, ସେହି ଖେଳ ଉପକାରୀ; କିନ୍ତୁ ଯଦି ତାହା କେବଳ ଆସକ୍ତି ହୋଇଯାଏ, ତେବେ ସେହିଥିରେ ଯୁବଶକ୍ତିର ଅପଚୟ ହେବା ସ୍ୱାଭାବିକ। ସେହିପରି ଧର୍ମ ଆମକୁ କର୍ମମୁଖୀ କରିବା ଉଚିତ୍, କିନ୍ତୁ ଯଦି ଏହା ଆମକୁ କର୍ମରୁ ଦୂରେଇ ନେଇଯାଏ, ତେବେ ଏହାର ଉଦ୍ଦେଶ୍ୟ ଅପୂର୍ଣ୍ଣ ରହିଯାଏ। ଆମେ ସମସ୍ତେ ଜାଣୁଛୁ ଗୀତା, ଭାଗବତ ଓ ବେଦ ଅସୀମ ଜ୍ଞାନର ଗଣ୍ଠାଘର। କିନ୍ତୁ ପ୍ରଶ୍ନ ହେଉଛି ଏହି ଜ୍ଞାନ ଆମ ଜୀବନରେ କେତେ ପରିବର୍ତ୍ତନ ଆଣୁଛି? ବୟସ୍କ ଲୋକମାନେ ଯୁବପିଢ଼ିକୁ ବିଭିନ୍ନ ଧାର୍ମିକ କାର୍ଯ୍ୟ, ହୋମ, ଯଜ୍ଞ, ପୂଜା, କୀର୍ତ୍ତନ ଇତ୍ୟାଦିରେ ବ୍ୟସ୍ତ ରଖୁଛନ୍ତି। ଏଥିରେ ଆଧ୍ୟାତ୍ମିକ ଉପଲବ୍ଧି କମ୍ ଏବଂ ଖାଇବା-ପିଇବା ଓ ଆମୋଦ-ପ୍ରମୋଦରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଆସ୍ଥା ଆମ ସଂସ୍କୃତିର ଅଂଶ। କିନ୍ତୁ ସମୟର ସଠିକ ବ୍ୟବହାର ମଧ୍ୟ ଆବଶ୍ୟକ। ଯେତେବେଳେ ଯୁବପିଢ଼ି କଠିନ ପରିଶ୍ରମ କରି ନିଜକୁ ପ୍ରତିଷ୍ଠା କରିବା ଦରକାର ସେତେବେଳେ ଏସବୁ କାର୍ଯ୍ୟ ସେଥିରେ ବାଧା ସୃଷ୍ଟି କରୁଛି।

ଆଜିର ଯୁବ ସମାଜ ପାଖରେ ସମୟ ଅଛି, ଶକ୍ତି ଅଛି, କିନ୍ତୁ ଦିଗ ନାହିଁ। ସ୍ମାର୍ଟଫୋନ୍ ଜ୍ଞାନର ଭଣ୍ଡାର, କିନ୍ତୁ ଏହାର ବ୍ୟବହାର ଅଧିକାଂଶ ସମୟରେ ମନୋରଞ୍ଜନରେ ସୀମିତ ରହିଯାଉଛି। ସର୍ଭେରୁ ଜଣାପଡ଼ିଛି ଯେ କେବଳ ୨୦% ଲୋକ ସ୍ମାର୍ଟଫୋନକୁ ଜ୍ଞାନ ଆହରଣ ପାଇଁ ବ୍ୟବହାର କରୁଛନ୍ତି। ଏହାର ପରିଣାମ ଯୁବଶକ୍ତି ଓ ସମୟର ଅପଚୟ। ଠିକ୍ ଭାବରେ ଦିଗଦର୍ଶନ ମିଳିଲେ ନିଜର ଏବଂ ଦେଶର ଭବିଷ୍ୟତ ଗଢ଼ିବାରେ ଏହି ଶକ୍ତିର ସଦୁପଯୋଗ ହୋଇପାରେ। ଆଉ ଏକ ପରିତାପର ବିଷୟ ହେଉଛି ଯୁବମାନଙ୍କର କୃଷି ପ୍ରତି ଅନାଗ୍ରହ। କେତେକ ମୁଷ୍ଟିମେୟ ଯୁବକ ଓ ଅଶିକ୍ଷିତ କିମ୍ବା ଅର୍ଦ୍ଧଶିକ୍ଷିତ ପିଲାମାନଙ୍କୁ ଛାଡ଼ିଦେଲେ କେହି କୃଷି କରିବାକୁ ଚାହୁନାହାନ୍ତି। ସହଜ ଭାବେ ଓ ଅଳ୍ପ ପରିଶ୍ରମରେ ରୋଜଗାର କରିବାରେ ସମସ୍ତଙ୍କ ଧ୍ୟାନ। ମାଗଣା ଚାଉଳ ମଧ୍ୟ ଏହାକୁ ଇନ୍ଧନ ଯୋଗାଉଛି। ବିଲରେ ଚାଷ କାମ କରିବାକୁ ଗୋଟିଏ ନିମ୍ନ ଧରଣର କାମ ବୋଲି ଧରାଯାଉଛି। ଚାଷ ଗୋଟିଏ ଏମିତି ବୃତ୍ତି, ଯେଉଁଥିରେ ଶାରୀରିକ ପରିଶ୍ରମ ଦ୍ୱାରା ଚାଷୀ ସୁସ୍ଥ ରହେ, ମାଟି ସହିତ ମାଟି ହୋଇ କାମ କରିବା ଦ୍ୱାରା ମାଟି ପ୍ରତି (ଦେଶ ପ୍ରତି) ଭଲପାଇବା ସୃଷ୍ଟି ହୁଏ। ମାଟିଠାରୁ ଦୂରେଇ ଯିବାରେ ମାଟିକୁ (ଦେଶକୁ) ବିକିବାରେ ମନରେ ଦ୍ୱିଧା ଆସେ ନାହିଁ। ଚାଷରେ ଲାଭ କମ୍ ହୋଇପାରେ, ଅନିଶ୍ଚିତତା ଥାଇପାରେ, କିନ୍ତୁ ମଞ୍ଜି ପକାଇବାଠାରୁ ଫସଲ କାଟିବା ପର୍ଯ୍ୟନ୍ତ ସବୁଦିନ ମନକୁ ଆନନ୍ଦ ଦେଇଥାଏ। ସର୍ବୋପରି ଚାଷୀର ସମୟ ଗଠନମୂଳକ କାମରେ ବ୍ୟୟ ହୁଏ। ଚାଷୀ କେବେ କ୍ଳାନ୍ତ କିମ୍ବା ବିରକ୍ତ ହୁଏନି କିମ୍ବା ଅତ୍ୟଧିକ ଲାଭ ପାଇଁ ଆସକ୍ତ ହୁଏନି, ଯାହା ପାଇଁ ସହରବାସୀଙ୍କ ତୁଳନାରେ ସେ ଅଧିକ ଶାନ୍ତିରେ ରୁହେ। କିନ୍ତୁ ମାଗଣା ଚାଉଳ ଯୁବ ପିଢ଼ିକୁ ମାନଙ୍କୁ ଚାଷଠାରୁ ଧୀରେ ଧୀରେ ଦୂରେଇ ନେଉଛି।

ତେଣୁ ଆମର କର୍ତ୍ତବ୍ୟ ସ୍ପଷ୍ଟ ଶିକ୍ଷାକୁ ଜୀବନ ସହିତ ଯୋଡ଼ିବା, ମାର୍କ ଠାରୁ ମାନବତାକୁ ଅଧିକ ମୂଲ୍ୟ ଦେବା, ଖେଳକୁ ଶିକ୍ଷାର ଅଂଶ କରିବା ଏବଂ ଯୁବଗୋଷ୍ଠୀକୁ ସଠିକ୍ ଦିଗଦର୍ଶନ ଦେବା। ଯୁବଶକ୍ତି ଏକ ଅସୀମ ସମ୍ଭାବନା। କିନ୍ତୁ ସେହି ସମ୍ଭାବନାକୁ ବାସ୍ତବ ଶକ୍ତିରେ ପରିଣତ କରିବା ପାଇଁ ଦିଗ, ସମନ୍ୱୟ ଓ ସଚେତନତା ଅତ୍ୟାବଶ୍ୟକ। ●

ଦାଣ୍ଡମୁକୁନ୍ଦପୁର(ପୁରୀ)
ମୋ: ୮୦୭୪୮ ୯୩୭୭୮

# ଚାକିରି: ଜୀବିକା ବନାମ ଜନସେବା!

**ବୈଷ୍ଣବ ମେହେର**

ଗତ ମାସରେ ଆମ ରାଜ୍ୟ ସରକାରଙ୍କ ତରଫରୁ ସାତଟି ବିଭାଗରେ ୪୬୨୩ ଜଣଙ୍କୁ ବିଭିନ୍ନ ପଦବୀରେ ନିଯୁକ୍ତି ଦିଆଯାଇଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ନିଯୁକ୍ତି ମେଳା ମାଧ୍ୟମରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ ସମୟରେ ଆମ ମୁଖ୍ୟମନ୍ତ୍ରୀ ସରକାରୀ ଚାକିରି କେବଳ ଏକ ଜୀବିକା ନୁହେଁ, ଏହା ଜନସାଧାରଣଙ୍କ ସେବା କରିବାର ଏକ ଅନନ୍ୟ ସୁଯୋଗ ବୋଲି କହି ନବନିଯୁକ୍ତଙ୍କୁ ସାଧାରଣ ଲୋକାଭିମୁଖୀ କରିବାର ପ୍ରୟାସ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଆଶାଭରା ଉତ୍ତମ ପରାମର୍ଶ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ। କଥା ହେଉଛି ଆମ ରାଜ୍ୟରେ ଜଣେ ସରକାରୀ ଚାକିରିଆ କେତେ ଦୂର ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ ବୋଲି ଆଶା କରାଯାଇପାରିବ? ତା'କୁ ମିଳୁଥିବା ଦରମା ତା'ର ପରିବାର ପ୍ରତିପୋଷଣ ପାଇଁ ଯଥେଷ୍ଟ ହୁଏ କି! ଯଦି ସାମ୍ପ୍ରତିକ ସମୟ ସହ ଖାପାଖୁଆଇ ଚଳିବା ଭଳି ଦରମା ଜଣେ ପାଉନାହିଁ ତେବେ ତା'କୁ ଦିଆଯାଇଥିବା ଦାୟିତ୍ୱକୁ ସେ ଜନସେବାରେ ଲଗାଇବ ବୋଲି ଆଶା କରିବା କେତେ ଦୂର ଯଥାର୍ଥ?

ଗତ କିଛିବର୍ଷ ହେଲା ପ୍ରାୟ ନିଯୁକ୍ତି ଠିକାରେ ଚାଲିଛି, ଠିକ ସମୟରେ ପଦୋନ୍ନତି ହେଉନାହିଁ, ପେନସନ ନାହିଁ କି ଅନ୍ୟ କୌଣସି ନିର୍ଭରଯୋଗ୍ୟ ଭବିଷ୍ୟନିଧି ବା ସୁବିଧା ସୁଯୋଗର ବ୍ୟବସ୍ଥା ମଧ୍ୟ ନାହିଁ। ଏପରି ସ୍ଥଳେ ସରକାରୀ ଚାକିରିଆମାନେ ନିଜ ଦାୟିତ୍ୱକୁ ସମାଜ ସେବା ଭାବୁଥିବେ ବୋଲି ବିଶ୍ୱାସ ହେଉନାହିଁ। ଅନେକ ପରିବାର ଅଛନ୍ତି, ଯେଉଁଠି ପିତାମାତାମାନେ ନିଜ ଜୀବନର କଷ୍ଟଉପାର୍ଜିତ ଲକ୍ଷାଧିକ ଅର୍ଥକୁ ନିଜ ପୁଅଝିଅଙ୍କ କ୍ୟାରିଅର ତିଆରିରେ ଖର୍ଚ୍ଚ କରିଦିଅନ୍ତି। ସେମାନଙ୍କ ଆଶା ସେମାନଙ୍କ ପୁଅଝିଅ ସରକାରୀ ଚାକିରି କଲା ପରେ ସେମାନଙ୍କ ସ୍ଥିତି ସୁଧୁରିଯିବ। ଏହି ଆଶାରେ ଅନେକ ପିତାମାତା ଧାରକରଜରେ ମଧ୍ୟ ବୁଡ଼ି ଯାନ୍ତି। ଆଶା ଅନୁରୂପ ଦରମା ଯଦି ନମିଳେ କିମ୍ବା ଚାକିରି ପରେ ଭବିଷ୍ୟତର ଆର୍ଥିକ ସୁରକ୍ଷା କିଛି ନରହେ, ତେବେ ସେମାନେ ନିରାଶ ହେବା ସ୍ୱାଭାବିକ।

ଦ୍ୱିତୀୟତଃ ଦୁର୍ଭାଗ୍ୟବଶତଃ ପରିବାରର କେହି ଯଦି କୌଣସି ଦୁରାରୋଗ୍ୟରେ ପୀଡ଼ିତ ହୁଅନ୍ତି ତେବେ କଥା ସରିଲା। ସବୁତକ ଦରମା ସେଠି ଶେଷ ହେବା ସହ ଧାରକରଜ ହେବା ଥୟ। ଏତଦବ୍ୟତୀତ ପରିବାରରେ ଭାଇଭଉଣୀ ପୁଅଝିଅ ଆଦିଙ୍କ ବିବାହ ବ୍ରତ ଆଦି ଖର୍ଚ୍ଚ ଚାକିରି ଉପରେ ହିଁ ପ୍ରାୟ ନିର୍ଭର କରେ। ବର୍ତ୍ତମାନର ସାମାଜିକ ରୀତିନୀତି ଅନୁଯାୟୀ ଏସବୁ ତୁଲାଇବା ବେଳକୁ ବର୍ତ୍ତମାନର ଦରମା ପଇସା ଯେ ସମୁଦ୍ରକୁ ଶଙ୍ଖେ ଏକଥା ଅନୁଭବୀ ହିଁ ଜାଣିପାରେ। ଏପରିସ୍ଥଳେ ଜଣେ ଚାକିରିଜୀବୀ ନିଜ ପଦବୀକୁ ଜନସେବା ଭାବେ ଗ୍ରହଣ କରନ୍ତୁ କହିବା କେବଳ ସଭାମଞ୍ଚର ଶୋଭା ପାଇଁ ଉଦ୍ଦିଷ୍ଟ ଶବ୍ଦ ବୋଲି ବୁଝିବାକୁ ହେବ। ବାସ୍ତବରେ ଯଦି ଆମେ ସେୟା ଚାହୁଁ ତେବେ ପ୍ରତି ଚାକିରିଆଙ୍କୁ ଉଚିତ ସମ୍ମାନର ସହ ବଞ୍ଚିବାର ଅଧିକାରକୁ ପ୍ରାଥମିକତା ଦେବା ଜରୁରୀ। ନହେଲେ ପୁରୁଣାଧାରାକୁ ଅନୁସରଣ କରି ଆଉ କିଛି ମାସ ପରେ ଏହି ନବନିଯୁକ୍ତ ଚାକିରିଆମାନେ ମଧ୍ୟ ରାଜଧାନୀ ରାଜରାସ୍ତାରେ ଦରମା ବୃଦ୍ଧି, ପେନସନ, ସ୍ୱାସ୍ଥ୍ୟବୀମା ଆଦି ଦାବି ନେଇ ଆନ୍ଦୋଳନ କରୁଥିବା ଦେଖିବାକୁ ମିଳିବା ବଡ଼ କଥା ନୁହଁ। ଅପରପକ୍ଷେ କହିବା ବାହୁଲ୍ୟ ଯେ ଯେଉଁମାନେ ସମାଜସେବାକୁ ମାଧ୍ୟମ କରି ଜନପ୍ରତିନିଧି ସାଜିଛନ୍ତି, ସେମାନେ ମୋଟାଅଙ୍କର ଦରମା ଦାବି କରୁଥିବା ସମସ୍ତେ ଜାଣନ୍ତି। ନିକଟ ଅତୀତରେ ଆମ ବିଧାନସଭାର ବିଧାୟକ ମନ୍ତ୍ରୀଙ୍କ ଯଥେଷ୍ଟ ଦରମା ସହ ପର୍ଯ୍ୟାପ୍ତ ଆନୁସଙ୍ଗିକ ସରକାରୀ ସୁବିଧା ସୁଯୋଗ ପ୍ରଦାନକୁ ନେଇ ସାରା ରାଜ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

ଦିନଥିଲା ମଣିଷ ବଞ୍ଚିବା ପାଇଁ ମୁଖ୍ୟତଃ ପେଟପୂରା ଖାଦ୍ୟ, ଶରୀର ପାଇଁ ଖଣ୍ଡିଏ ବସ୍ତ୍ର ଓ ମୁଣ୍ଡ ଗୁଞ୍ଜିବାକୁ ବାସଗୃହ ଭଳି ତିନୋଟି ମୌଳିକ ଆବଶ୍ୟକତା ଉପରେ ନିର୍ଭର କରୁଥିଲା। ଏଥିନିମନ୍ତେ ସାମାନ୍ୟ ଉପାର୍ଜନ ହିଁ ତା' ପାଇଁ ଯଥେଷ୍ଟ ଥିଲା। କିନ୍ତୁ ଧୀରେଧୀରେ ଯୁଗ ବଦଳିବା ସହ ବ୍ୟକ୍ତିର ଆବଶ୍ୟକତା ବଢ଼ି ଚାଲିଲା ଏବଂ ସଂପ୍ରତି ତାହା ଆକାଶଛୁଆଁ ହେଲାଣି। ମୂଳତଃ ଉପାର୍ଜନର ମାଧ୍ୟମ ହେଉଛି ବ୍ୟକ୍ତିର ଜୀବିକା। ବୃତ୍ତି ବା ଜୀବିକା କହିଲେ ବ୍ୟକ୍ତିର ଜୀବନ ସଂସାର ଚଳାଇବାକୁ ଅର୍ଥ ରୋଜଗାର କରିବାର ପଦ୍ଧତି ବା ପେଶା। ଏହି ଜୀବିକା ବ୍ୟକ୍ତି ଜୀବନର ଏମିତି ଏକ ଆବଶ୍ୟକୀୟ ମାର୍ଗ, ଯାହା କେବଳ ବଞ୍ଚିରହିବା ପାଇଁ ଅର୍ଥ ଯୋଗାଇ ନ ଥାଏ, ବରଂ ବ୍ୟକ୍ତିକୁ ସାମାଜିକ ପ୍ରତିଷ୍ଠା ଓ ଆତ୍ମସନ୍ତୋଷ ମଧ୍ୟ ଏଇଠୁ ମିଳେ। ସେଥିପାଇଁ ଘରେ ଛୁଆଟିଏ ଜନ୍ମ ହେବା ମାତ୍ରେ ବାପାମାଆ ତା'ର ଭବିଷ୍ୟତର ଜୀବିକାକୁ ନେଇ ସ୍ୱପ୍ନ ଦେଖିବା ସହ ରୂପରେଖ ତିଆରି କରିବା ଆରମ୍ଭ କରିଦିଅନ୍ତି।

ସେହିପରି ସମସ୍ତଙ୍କ ଚିନ୍ତା ଥାଏ ତାଙ୍କ ଜୀବିକାରେ ଯେମିତି ନିଶ୍ଚିତତା ରୁହେ। ତେଣୁ ସମସ୍ତଙ୍କ ଆଶା କେମିତି ସରକାରୀ ଚାକିରିଟିଏ ପାଇବେ। କାରଣ ଚାଷ, ବ୍ୟବସାୟ ହେଉ କି ଅନ୍ୟ କୌଣସି ବୃତ୍ତି ସେଠାରେ ଅର୍ଥ ଉପାର୍ଜନର କୌଣସି ନିର୍ଦ୍ଦିଷ୍ଟତା ନଥାଏ। ଅପରପକ୍ଷେ ସରକାରୀ ଚାକିରିରେ ମାସ ପୂରୁଣୁ ଧାର୍ଯ୍ୟ ଅର୍ଥରାଶି ଦରମା ଆକାରରେ ପାଇବା ସୁନିଶ୍ଚିତ ଥାଏ। ତେଣୁ ସମସ୍ତ ଚାକିରିଆ ନିଜ ଜୀବନ ସଂସାର ସୁରୁଖୁରୁରେ ଚଳିବା ନେଇ ନିଶ୍ଚିତ ତାଙ୍କ ଦରମା ଉପରେ ନିର୍ଭରଶୀଳ ରହନ୍ତି। ଅତଏବ ଚାକିରିଆଙ୍କ ପଦବୀ ହେଉଛି ସେମାନଙ୍କ ବୃତ୍ତି ବା ଜୀବିକା।

ତେଣୁ ଆମ କହିବାର କଥା ଯେ ଜନପ୍ରତିନିଧି ହୁଅନ୍ତୁ କିମ୍ବା ସରକାରୀ ଚାକିରିଆ, ଅତିକମରେ ସମସ୍ତଙ୍କ ସମ୍ମାନଜନକ ଚଳଣି ପାଇଁ ଆବଶ୍ୟକ ମାସିକ ପାଉଣା ବ୍ୟବସ୍ଥା ହେବା କଥା। ବର୍ତ୍ତମାନ ଓ ଭବିଷ୍ୟତ ସୁରକ୍ଷିତ ବୋଲି ନିଶ୍ଚିତତା ରହିଲେ ପ୍ରତିଟି ଜୀବିକା ସ୍ୱତଃପ୍ରବୃତ୍ତ ଭାବରେ ଜନସେବାରେ ପରିଣତ ହୋଇଯିବ। ନଚେତ ଜନସେବା ବି ଚାକିରିରେ ପରିଣତ ହୋଇଯିବାର ସମ୍ଭାବନା ଆସିଯିବ। ●

ସିନାପାଲି(ନୂଆପଡ଼ା)
ମୋ: ୯୭୭୭୭୫୩୯୩୫

# ଚିତା ଚୋରି ଓ ତକି ଖାଁ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ଇଏ ଓଡ଼ିଶା ଇତିହାସରେ ଦେବାଳୟ ଲୁଣ୍ଠନ ଓ ଦେବତାମାନଙ୍କୁ ଖଣ୍ଡିତ କରି ଅପଯଶ ଲାଭ କରିଥିବା ତକି ଖାଁ ନୁହେଁ। ଇଏ ଜଣେ ସାଧାରଣ ଅଭାବୀ ଗ୍ରାମବାସୀ ଥିଲା। ଗାଆଁରୁ ବିଭିନ୍ନ ସମୟରେ ତୀର୍ଥାଟନରେ ଯାଉଥିବା ଜଗନ୍ନାଥ ଭକ୍ତଙ୍କଠାରୁ ମହାପ୍ରଭୁଙ୍କ ମହିମା, ମନ୍ଦିର ଓ ବେଶ ଆଦି ବିଷୟରେ ସେ ଶୁଣୁଥିଲା। ସେ ଶୁଣିବାକୁ ପାଇଲା ଯେ ମହାପ୍ରଭୁ ସୁନାବେଶରେ ମହଣ ମହଣ ସୁନା ଅଳଙ୍କାରରେ ମଣ୍ଡିତ ହେଉଛନ୍ତି ଏବଂ ମନ୍ଦିରର ରତ୍ନଭଣ୍ଡାରରେ ଅମାପ ହୀରା, ଲୀଳା, ମୋତି, ମାଣିକ୍ୟ ସହ ମହଣ ମହଣ ସୁନା ଅଳଙ୍କାର ଗଚ୍ଛିତ ଅଛି। ମନ୍ଦବୁଦ୍ଧି ତକି ଖାଁ ଅନେକ ଥର ଚିନ୍ତା କରେ ଯେ ଯଦି ସେଥିରୁ ପୁଳାଏ ଚୋରି କରି ଆଣନ୍ତା, ସାତପୁରୁଷ ଭୋଗ କରନ୍ତେ। ରତ୍ନ ଭଣ୍ଡାରରୁ ଚୋରି କରିବା ପାଇଁ ଇଚ୍ଛା ଅତି ପ୍ରବଳ ହେବାରୁ ସେ ପୁରୀ ଯାଇ ଘର ବଖରେ ଭଡ଼ା ନେଇ ରହିଲା। ଚେହେରା ଗୋରା ତକତକ ଥିବାରୁ ସାଇ ପଡ଼ିଶା ତା'କୁ ଭଲ ଘରର ପିଲା ବୋଲି ଭାବୁଥିଲେ। ମଥାରେ ଚିତା ତିଳକ ଓ ବେକରେ ତୁଳସୀ ମାଳ ପକେଇବାରୁ ଯବନ ପିଲା ବୋଲି ସେ ଜଣା ପଡୁ ନ ଥିଲା। ଜଗନ୍ନାଥଙ୍କ ମହିମା ଆଲୋଚନା ହେଲେ ସେଠାରେ ବସି ମନ ଦେଇ ଶୁଣୁଥିଲା। ସବୁଦିନ ଶ୍ରୀମନ୍ଦିର ଯାଇ ଦେଉଳ କେତେବେଳେ ଖୋଲେ ଓ ବନ୍ଦ ହୁଏ, କେତେବେଳେ କୋଉ ନୀତି ହୁଏ, ମନ୍ଦିର ବନ୍ଦ କିଏ ଓ କିପରି କରନ୍ତି, ସବୁ କଥା ଜାଣିଲା।

ସମୟକ୍ରମେ ତା'ର ଜଣେ ଯାତ୍ରୀ ଗୁମାସ୍ତା ସହିତ ବନ୍ଧୁତା ହେଲା। ଗୁମାସ୍ତା ଦେଉଳର ସବୁ କଥା ଜାଣିଥିଲେ। ତାଙ୍କଠାରୁ ତକି ତା' ପାଇଁ ଆବଶ୍ୟକ ଟିକିନିଖି ତଥ୍ୟ ଯୋଗାଡ଼ କରେ। ଦିନେ ଦୁଇଜଣ ଗରୁଡ଼ସ୍ତମ୍ଭ ପାଖରୁ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ। ମହାପ୍ରଭୁ ତକିର ମନ କଥା ଜାଣିଥିବାରୁ ତା'କୁ ଉଗ୍ରନୃସିଂହ ରୂପରେ ଦର୍ଶନ ଦେଲେ- ପିଙ୍ଗଳ କେଶ, ବିରାଟ ମୁଖ ଗହ୍ୱର, ଚାରି ବିଶି ଦାନ୍ତ ପର୍ବତ ଶୃଙ୍ଗ ପରି ମୁଖ ଗହ୍ୱରରୁ ବାହାରକୁ ଆସିଥିଲେ। ଦୁଇଆଖିରୁ ଅଗ୍ନି ବର୍ଷା ହେଉଥିଲା। କୋଟିସୂର୍ଯ୍ୟଙ୍କଠାରୁ ତାଙ୍କର ତେଜ ଅଧିକ ଥିଲା। ତକିର ଆଖି ଜଳକା ହୋଇଗଲା। ତା' ପରେ ସେ ଦେଖିଲା ଯେ ଠାକୁର ତା' ଆଡ଼କୁ ଚାହିଁ ମୁରୁକି ମୁରୁକି ହସୁଥିଲେ। ସେ ନିଜକୁ ନିଜେ ବୁଝେଇ ଦେଲା ଯେ ଗୋଟେ କାଠର ଦିଅଁଙ୍କୁ ସେପରି ଦେଖିବା ତା' ମନର ଭ୍ରମ ଥିଲା। ତା' ପରେ ସେ ବନ୍ଧୁ ଗୁମାସ୍ତାଙ୍କୁ ରତ୍ନଭଣ୍ଡାର ବିଷୟରେ ପଚାରିଲା। ଗୁମାସ୍ତା କହିଲେ 'ସେ ଘରକୁ ପ୍ରଭୁ ଲୋକନାଥ ଜଗିଛନ୍ତି। ତା' ଭିତରେ ହଜାର ହଜାର ସାପ ଅଛନ୍ତି।' ତକି ଭାବିଲା- 'ମାଳିକ କାଠ, ଜଗୁଆଳୀ ପଥର, ଏଇମାନଙ୍କୁ ଏତେ ଡର କାହିଁକି?'

ସାହାଣ ମେଳା ଦର୍ଶନ ପାଇଁ କଳାହାଟ ଦୁଆର ଖୋଲିଲା। ପାଖ ଦର୍ଶନ ପାଇଁ ସମସ୍ତଙ୍କ ସହିତ ତକି ଓ ଗୁମାସ୍ତାଙ୍କ ମଧ୍ୟ ଭିତରକୁ ଗଲେ। ତିନିଠାକୁରଙ୍କ ମଥାରେ ତିନିଟା ଉଜ୍ଜ୍ୱଳ ଚିତା ଦେଖି ସେ ଭାବିଲା ଯେ ସେଇଥିରୁ ଗୋଟେ ଦିଟା କି ସୁବିଧା ହେଲେ ତିନିଟା ଯାକ ନେଇଗଲେ ତ କୋଟିପତି। ସେତେବେଳକୁ ଦେଉଳର ନୀତିକାନ୍ତି ବିଷୟରେ ତା'ର ଧାରଣା ହୋଇସାରି ଥିଲା। ତେଣୁ ସେ ଚିନ୍ତା କଲା ଯେ ଦିନେ ଦେଉଳ ବନ୍ଦ ହେବା ଆଗରୁ ତା' ଭିତରେ ଲୁଚି ରହିବ ଏବଂ ସମସ୍ତେ ଚାଲିଯିବା ପରେ ଚିତା ତିନୋଟି ନେଇ ପାଚେରି ଡେଇଁ ଚାଲିଯିବ। ଦିନେ ସେ ଓର ଉଣ୍ଡି ରତ୍ନବେଦୀ ପଛପଟେ ଲୁଚି ରହିଗଲା। ସେବକମାନେ ଚାଲିଯିବା ପରେ ତକି ରତ୍ନବେଦୀ ଉପରେ ଚଢ଼ି ପ୍ରଥମେ ବଡ଼ଠାକୁର ବଳଭଦ୍ରଙ୍କ କପାଳର ଚିତା ଆଡ଼କୁ ବଢ଼େଇବା ବେଳେ ଦେଖିଲା ଯେ ଶହଶହ ନାଗ ସାପ ତାଙ୍କ ମୁଣ୍ଡ ଉପରେ ରହି ଫଣା ଟେକି ଫୁତ୍କାର କରୁଥିଲେ। ଲୋଭ ତ ମଣିଷକୁ ଅନ୍ଧ କରିଦିଏ। ସେ ଆଲୁଅଟେ ଲଗେଇ ପୁଣି ଥରେ ଚେଷ୍ଟା କଲା। କିନ୍ତୁ ଶହଶହ ବିଷଧର ସାପ ବଡ଼ ଠାକୁରଙ୍କ ମସ୍ତକରୁ ବାହାରି ସାରା ପୋଖରୀଆରେ ବିଚରଣ କରୁଥିବା ଦେଖି ଚେତା ହରେଇ ସେଇଠି ପଡ଼ିଗଲା।

ପରଦିନ ସକାଳେ ଦେଉଳ ଫିଟା ପରେ ସେବକମାନେ ତକିକୁ ଚେତାଶୂନ୍ୟ ଅବସ୍ଥାରେ ପୋଖରିଆରେ ପଡ଼ିଥିବାର ଦେଖିଲେ। ନିସ୍ତୁକ ପିଟି ରାଜାଙ୍କ ଆଗରେ ହାଜର କଲେ। ତକିକୁ ଆଜୀବନ କାରାଦଣ୍ଡ ଆଦେଶ ଦିଆଗଲା। କିଛିମାସ ପରେ ସେ ଗଳିତ କୁଷ୍ଠ ରୋଗରେ ପୀଡ଼ିତ ହେବାରୁ କାରାମୁକ୍ତ କରିଦିଆଗଲା। ସେ ଶ୍ରୀକ୍ଷେତ୍ରରେ ବୁଲିବୁଲି ଭିକ ମାଗି ଖାଇଲା। ଦିନେ ସେ ସିଂହଦ୍ୱାର ପାଖରେ ଠିଆ ହୋଇ ନିଜ କଲା କର୍ମ ପାଇଁ ଅନୁତାପ କରି ମହାପ୍ରଭୁଙ୍କୁ ପ୍ରାର୍ଥନା କଲା। କ୍ଷମାସାଗର ମହାପ୍ରଭୁ ତା'କୁ କ୍ଷମା କରି ରୋଗମୁକ୍ତ କରିଦେଲେ। ସେ ତା'ର ବାକି ଜୀବନ କ୍ଷେତ୍ରବାସୀ ହୋଇ ଠାକୁରଙ୍କ ମହିମା ପ୍ରଚାରରେ ବିତେଇ ଦେଲା। ●

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସରକାରୀ ଗାଡ଼ିରେ କାଠ ଚାଲାଣ

# ରେଞ୍ଜରଙ୍କ ବିରୋଧରେ ଡିଏଫ୍‌ଓଙ୍କୁ ଭେଟିଲେ ୨୫ ଗ୍ରାମର ଲୋକେ

ଅନୁଗୋଳ,୨।୬(ସମିସ): ଅନୁଗୋଳ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ ଯୋଡୁମୁଁ ପ୍ରଗଣାର ୨୫ଟି ଗ୍ରାମର ଜନସାଧାରଣ ବିଭିନ୍ନ ସମସ୍ୟା ନେଇ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ)ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲିଣ୍ଡା ରେଞ୍ଜର ଲିଙ୍ଗରାଜ ଭୋଇ ଗତ ମେ' ୨୬ରେ



ସରକାରୀ ବୋଲେରୋ ଗାଡ଼ିରେ ଚୋରା ଶାଗୁଆନ କାଠ ନେଇ ନିଜ ଘର ରେଢ଼ାଖୋଲ ଯାଉଥିବା ବେଳେ ଜରପଡ଼ା ପୁଲିସ ହାତରେ ଧରାପଡ଼ିଥିଲେ। ମାତ୍ର କୌଣସି ବୈଧ ରସିଦ ଦେଖାଇ ନପାରିଲେ ମଧ୍ୟ ପୁଲିସ ତାଙ୍କୁ ଗିରଫ ନ କରି ଛାଡ଼ି ଦେଇଥିବାରୁ ସ୍ଥାନୀୟ ଲୋକେ ଓ ପରିବେଶବିତ୍‌ଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଅପରପକ୍ଷରେ, ଅଞ୍ଚଳରେ ହାତୀ ଓ ବାର୍‌ହାଙ୍କ ଉପଦ୍ରବ ଯୋଗୁଁ ଚାଷୀମାନେ ବ୍ୟାପକ କ୍ଷତି ସହୁଥିବା ବେଳେ ବନ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମୁତାବକ ସୋଲାର ବାଡ଼ କିମ୍ବା ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କରାଯାଉନାହିଁ। ଏନେଇ ଦୁର୍ଲଭ ସାହୁ, ପ୍ରଦୋଷ ସାହୁଙ୍କ ସମେତ ଶତାଧିକ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ଯେ, ୧୫ଦିନ ମଧ୍ୟରେ ହାତୀ ଉପଦ୍ରବର ସ୍ଥାୟୀ ପ୍ରତିକାର ଓ ଦୁର୍ନୀତିଗ୍ରସ୍ତ ରେଞ୍ଜରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆନଗଲେ ଆଗାମୀ ଦିନରେ ସେମାନେ ରେଞ୍ଜ ଅଫିସ ଘେରାଉ ସହ ରାଜରାସ୍ତାକୁ ଓହ୍ଲାଇବେ।

# ଅସଫଳ ହେବା ପରେ ନିଯୁକ୍ତି ପ୍ରକ୍ରିୟାକୁ ପ୍ରାର୍ଥୀ ଚ୍ୟାଲେଞ୍ଜ କରିପାରିବେ ନାହିଁ: ହାଇକୋର୍ଟ

କଟକ,୨।୬(ସମିସ): ନିଯୁକ୍ତି ପ୍ରକ୍ରିୟାର ସମସ୍ତ ନିୟମ ଓ ସର୍ତ୍ତାବଳୀକୁ ଗ୍ରହଣ କରି ସେଥିରେ ସ୍ୱେଚ୍ଛାକୃତ ଭାବେ ଅଂଶଗ୍ରହଣ କରିବା ପରେ, ଜଣେ ପ୍ରାର୍ଥୀ ଅସଫଳ ହେଲେ ପୁନର୍ବାର ସେହି ବିଜ୍ଞପ୍ତି କିମ୍ବା ଚୟନ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରିପାରିବେ ନାହିଁ ବୋଲି କହିଛନ୍ତି ହାଇକୋର୍ଟ। ଝସକେତନ ସାହୁ ଓ ଅନ୍ୟ ମାନଙ୍କ ତରଫରୁ ଦାୟର ସହକାରୀ ପ୍ରଫେସର ନିଯୁକ୍ତି ସମ୍ପର୍କିତ ଏକ ପୁନର୍ବିଚାର ଆବେଦନକୁ ଖାରଜ କରି ଏପରି ରାୟ ଦେଇଛନ୍ତି ଡ.ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ। ଆବେଦନକାରୀଙ୍କ ପକ୍ଷରୁ କୌଣସି ସ୍ପଷ୍ଟ କିମ୍ବା ପ୍ରତ୍ୟକ୍ଷ ନ୍ୟାୟିକ ତ୍ରୁଟି ପ୍ରମାଣିତ ହୋଇପାରି ନ ଥିବାରୁ, ହାଇକୋର୍ଟ ଏହି ପୁନର୍ବିଚାର ଆବେଦନକୁ ସମ୍ପୂର୍ଣ୍ଣ ଭାବେ ମୂଲ୍ୟହୀନ ଦର୍ଶାଇ ଖାରଜ କରିଛନ୍ତି। ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସସି) ପକ୍ଷରୁ ୨୦୨୧ ମସିହା ଜୁଲାଇ ୨୭ ତାରିଖରେ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଗୁଡ଼ିକରେ ଭୂଗୋଳ ବିଷୟ ସମେତ ବିଭିନ୍ନ ବିଭାଗରେ ସହକାରୀ ପ୍ରଫେସର (ଶିକ୍ଷକ ଶିକ୍ଷା) ଷ୍ଟେଜ୍-୧ ପଦବୀ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆବେଦନକାରୀ ଏହି ନିଯୁକ୍ତି ପ୍ରକ୍ରିୟାରେ ଭାଗ ନେଇଥିଲେ ମଧ୍ୟ ସଫଳ ହୋଇପାରିନଥିଲେ। ଏହାପରେ, ଚୟନ ହୋଇଥିବା ପ୍ରାର୍ଥୀ ମାନଙ୍କର ଏନସିଟିଇ ନିୟମାବଳୀ ଅନୁଯାୟୀ ଆବଶ୍ୟକୀୟ ଦ୍ୱିତୀୟ ସ୍ନାତକୋତ୍ତର ଯୋଗ୍ୟତା ନାହିଁ ବୋଲି ଦର୍ଶାଇ ସେମାନଙ୍କ ଚୟନକୁ ରଦ୍ଦ କରିବା ପାଇଁ ହାଇକୋର୍ଟରେ ଏକ ମାମଲା ଦାୟର ହୋଇଥିଲା। ହାଇକୋର୍ଟ ଗତ ୨୦୨୨ ସେପ୍ଟେମ୍ବର ୨୦ରେ ଏହି ଆବେଦନକୁ ଖାରଜ କରିଦେଇଥିଲେ। ରାୟର ପୁନର୍ବିଚାର ପାଇଁ ଆବେଦନକାରୀ ପୁଣି ଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।


8001/1/19/2627

**OFFICE OF THE DIVISIONAL FOREST OFFICER-CUM-WILDLIFE WARDEN, KORAPUT FOREST DIVISION, KORAPUT**

Phone No-8895976137, E-Mail : ID-dfo.koraput@odisha.gov.in

Memo No. **2983** /1F(Acctt.)

Dated, Koraput the **01st June, 2026.**

**CORRIGENDUM**

After Careful consideration by the competent authority the Tender Notice published vide this office memo No.2816, dated.19.05.2026 for Hiring of Vehicle in respect of Koraput Forest Division for the financial year 2026-27 (from 15.06.2026 onwards) has been modified in annexure-I of Serial No.3 may be read as **"Type of Vehicle (BS-VI compliant Diesel driven AC/Non-AC)"**.

**NB:- All other terms and condition published in the tender notice above however will remain unaltered as thereof in original application notice.**

Divisional Forest Officer,
Koraput Forest Division.

OIPR-8001/8067/1/26-27/0004


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଦା ହେଲେ...

ଏପରିକି କେତେକ ଖାତାରେ ଅନେକ ଅଂଶ ଆଦୌ ଦେଖାଯାଉନଥିଲା। ସିବିଏସଇର ଅନଲାଇନ୍ ସେବା ପାଇବା ମଧ୍ୟ କଷ୍ଟକର ହୋଇପଡ଼ିଥିଲା। ଏହାକୁ ନେଇ ପରୀକ୍ଷାର୍ଥୀ ଏବଂ ସେମାନଙ୍କର ଅଭିଭାବକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଓଏସ୍‌ଏମ୍ ପାଇଁ ଯେଉଁ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା ତାହାକୁ ନେଇ ପ୍ରଶ୍ନ ଉଠିଥିଲା।

ଉଲ୍ଲେଖଯୋଗ୍ୟ ଯେ ଓଏସ୍‌ଏମ୍ ବ୍ୟବସ୍ଥାରେ ପରୀକ୍ଷାର୍ଥୀମାନଙ୍କର ଉତ୍ତର ଖାତାର ସ୍କାନିଂ କରାଯିବା ପରେ ଏହାକୁ କଂପ୍ୟୁଟରରେ ଅପଲୋଡ୍ କରାଯାଏ। ଏଥିରେ ପରୀକ୍ଷାର୍ଥୀଙ୍କ ସଂପର୍କରେ ସୂଚନାକୁ ଗୁପ୍ତ ରଖାଯାଉଥିବା ବେଳେ ଖାତାର ସ୍କାନିଂ କପି ଦେଖି ଶିକ୍ଷକ ମାର୍କ ଦିଅନ୍ତି। ଏହା ହେଉଛି ଡିଜିଟାଲ ମୂଲ୍ୟାୟନ ବ୍ୟବସ୍ଥା। ତେବେ କଂପ୍ୟୁଟରରେ ସ୍କାନ୍ କପିଗୁଡ଼ିକ ଭଲ ଦେଖାଯାଉନଥିବାରୁ ପିଲାମାନେ ଭଲ ମାର୍କ ପାଇବାରୁ ବଞ୍ଚିତ ହୋଇଥିଲେ। ଅନେକ ପରୀକ୍ଷାର୍ଥୀଙ୍କ ଉତ୍ତର ଖାତାରେ ଅଦଳବଦଳ ହୋଇଥିବାରୁ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିଲା।

### ପୁଣି ବଢ଼ିଲା...

ପ୍ରକାଶଥାଉକି ଗତ ମେ' ୧୫ ତାରିଖରେ ପରିବହନ ବିଭାଗ ପକ୍ଷରୁ ବସ୍ ଭଡ଼ା ବୃଦ୍ଧି କରାଯାଇଥିଲା। ଗୋଟିଏପଟେ, କେବଳ ଡିଜେଲ ଦରବୃଦ୍ଧି ପାଇଁ ପରିବହନ ପ୍ରାଧିକରଣ ପକ୍ଷରୁ ଅଟୋମେଟିକ୍ ମେକାନିଜିମ୍ ଅନୁସାରେ ବସ୍ ଭଡ଼ା ବୃଦ୍ଧି କରାଯାଇଥିଲା ବେଳେ ବାକି ୧୨ଟି ମାପଦଣ୍ଡ ଆଧାରରେ ବସ୍ ଭଡ଼ା ବୃଦ୍ଧି ନିଷ୍ପତ୍ତି ଏବେ ବି ଝୁଲୁଛି। ନିକଟରେ ସମସ୍ତ ୧୩ଟି ମାପଦଣ୍ଡକୁ ଦୃଷ୍ଟିରେ ରଖି ଭଡ଼ା ବଢ଼ାଇବା ପାଇଁ ବସ୍ ମାଲିକ ସଂଘ ସରକାରଙ୍କୁ ଦାବି ଜଣାଇଥିଲା। ଏପରିକି, ୧୦ଦିନ ଭିତରେ ନିଷ୍ପତ୍ତି ନ ନେଲେ, ବସ୍ ଚଳାଚଳ ବନ୍ଦ କରିବାକୁ ପଛାଇବେ ନାହିଁ ବୋଲି ସଂଘ ଚେତାବନୀ ଦେଇଥିଲା। ବିଗତ ୬ ବର୍ଷ ହେବ, ଏହି ସବୁ ମାପଦଣ୍ଡକୁ ବିଚାରକୁ ନିଆଯାଇ ନାହିଁ। ଫଳରେ ବସ୍ ମାଲିକମାନେ ଏବେ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଶେଷଥର ପାଇଁ ୨୦୨୧ ମସିହାରେ ଏହି ସମସ୍ତ ୧୩ଟି ମାପଦଣ୍ଡ ଆଧାରରେ ଭଡ଼ା ବୃଦ୍ଧି କରାଯାଇଥିଲା। ଡିଜେଲ ସହ ଲୁବ୍ରିକାଣ୍ଟ, କର୍ମଚାରୀଙ୍କ ଦରମା, ଟାୟାର, ବ୍ୟାଟେରି, ବୀମା, ଟୋଲ୍ ଓ ପାର୍କିଂ ଫି, ଋଣ ବାବଦ ସୁଧ ଓ ଅନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ଆଦି ବୃଦ୍ଧିକୁ ଦୃଷ୍ଟିରେ ରଖି ଭଡ଼ା ବଢ଼ାଇବା ପାଇଁ ଦାବି କରାଯାଇଥିଲା।

ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁଙ୍କ କହିବାନୁସାରେ, ସରକାର ଗୋଟିଏ ମାପଦଣ୍ଡ କଥା ବିଚାର କରି ବାକି ୧୨ଟି ମାପଦଣ୍ଡକୁ ଭୁଲି ଯାଇଛନ୍ତି। ଆସନ୍ତା ୫ ତାରିଖରେ ମାଲିକ ସଂଘ ସହ ସରକାରଙ୍କ ବୈଠକ ରହିଛି। ଉକ୍ତ ବୈଠକ ପରେ ସଂଘ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।

### ଆଜିଠୁ ବ୍ରିକ୍ସ...

ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିବେ। ଚଳିତ ବର୍ଷର ବୈଠକ "ନୂତନତା, ସହଯୋଗ ଏବଂ ସ୍ଥାୟିତ୍ୱ ମାଧ୍ୟମରେ ବିପର୍ଯ୍ୟୟ ସହନଶୀଳତାର ବିକାଶ' ବିଷୟବସ୍ତୁ ଉପରେ ଆଧାରିତ। ବିପର୍ଯ୍ୟୟ ପରିଚାଳନା ପାଇଁ ପାଣ୍ଠି ଯୋଗାଣ, ସ୍ଥାନୀୟ ସମୁଦାୟଭିତ୍ତିକ ସତର୍କ ସୂଚନା ପ୍ରଣାଳୀ, ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଏବଂ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ଜ୍ଞାନ ଆଦାନପ୍ରଦାନ ଉପରେ ଏଠାରେ ବିସ୍ତୃତ ଆଲୋଚନା କରାଯିବ।

ଏହା ଓଡ଼ିଶା ପାଇଁ ଏକ ବଡ଼ ସମ୍ମାନ। ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା, ଆଗୁଆ ସ୍ଥାନାନ୍ତରଣ ରଣନୀତି ଏବଂ ଶୂନ୍ୟ ଜୀବନହାନୀ ନୀତି ପାଇଁ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲ୍‌କୁ ଜାତିସଂଘ ସମେତ ସାରା ବିଶ୍ୱ ପ୍ରଶଂସା କରିଛି। ଓଡ଼ିଶାର ଏହି ଅପ୍ରତିଦ୍ୱନ୍ଦ୍ୱୀ ସଫଳତାକୁ ସ୍ୱୀକୃତି ଦେଇ ଭାରତ ସରକାର ଏହି ବୈଠକ ପାଇଁ ପୁରୀକୁ ଚୟନ କରିଛନ୍ତି। ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପ୍ରାକୃତିକ ବିପର୍ଯ୍ୟୟ ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ବିଶ୍ୱର ପ୍ରମୁଖ ଅର୍ଥନୀତିଗୁଡ଼ିକ ମଧ୍ୟରେ ଏହି ସହଯୋଗ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ତିନି ଦିନିଆ ବୈଠକର ନିର୍ଯାସ ଆଗାମୀ ଦିନରେ ବ୍ରିକ୍ସର ଶୀର୍ଷ ସମ୍ମିଳନୀ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବ। ଏହି ହାଇ-ପ୍ରୋଫାଇଲ୍ ଇଭେଣ୍ଟକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ସହର ପୁରୀରେ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି। ମଙ୍ଗଳବାର ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ସମ୍ମିଳନୀସ୍ଥଳ ତାଜ୍ ହୋଟେଲକୁ ଯାଇ ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ସିସିଟିଭି ନଜରରେ ରହିବ ସମ୍ପୂର୍ଣ୍ଣ ସହର। ଏହି ବିଶ୍ୱସ୍ତରୀୟ ସମ୍ମିଳନୀ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବଳୟରେ ରହିଛି ପୁରୀ ସହର।

ସୁରକ୍ଷା ଦୃଷ୍ଟିକୋଣରୁ ପ୍ରଥମ ସ୍ତରରେ ଓଡ଼ିଶା ପୁଲିସ, ଦ୍ୱିତୀୟରେ ସ୍ୱତନ୍ତ୍ର ସୁରକ୍ଷା ଗ୍ରୁପ୍ ଏବଂ ତୃତୀୟସ୍ତରରେ କେନ୍ଦ୍ରୀୟବାହିନୀ ମୁତୟନ ରହିବେ। ପୁରୀ ସହରର ସମସ୍ତ ପ୍ରବେଶ ପଥ, ମୁଖ୍ୟ ରାସ୍ତା, ହୋଟେଲର ସମ୍ମିଳନୀ ସ୍ଥଳକୁ ସିସିଟିଭି ବଳୟ ମଧ୍ୟରେ ରଖାଯାଇଛି। ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରୁଥିବାବେଳେ ବୋମା ନିଷ୍କ୍ରିୟକାରୀ ଦଳ ଓ ଡଗ୍ ସ୍କ୍ୱାଡ୍ ମଧ୍ୟ ସୁରକ୍ଷା ଦାୟିତ୍ୱରେ ମୁତୟନ ରହିଛନ୍ତି। ବ୍ରିକ୍ସ ରାଷ୍ଟ୍ର ସମୂହର ପ୍ରତିନିଧିଙ୍କ କୋଣାର୍କ, ଚନ୍ଦ୍ରଭାଗା ଓ ସାତପଡ଼ା ଗସ୍ତ କାର୍ଯ୍ୟକ୍ରମ ରହିଥିବାବେଳେ ସେଠାରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ଡିଜିପିଙ୍କ ଏହି ଗସ୍ତ ସମୟରେ କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାୟକ, ଏସ୍‌ପି ପ୍ରତୀକ୍ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ଆସିବେ ରାଷ୍ଟ୍ରପତି...

ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା, ସଭାରେ ଯୋଗଦେଉଥିବା ସାଧାରଣ ଲୋକଙ୍କ ପାଇଁ ସୁବିଧା, ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେହେତୁ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି ତେଣୁ ଏହି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ଆୟୋଜନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରି ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହି ଅବସରରେ ଓଡ଼ିଶା ପାଇଁ ଅନେକ ଗୁଡିଏ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯିବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିସନର ଡି.କେ. ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

### ଘଟଣାସ୍ଥଳରେ ଏନ୍‌ଏଚ୍‌ଆର୍‌ସି...

କ୍ୱାର୍ଟର ଡ୍ୟୁଟିରେ ଥିବା ଦୁଇ ଜଣ ଗାର୍ଡ, ଦୁଇ ଜଣ ଜିଆର୍‌ପି କନଷ୍ଟେବଲଙ୍କଠାରୁ ଏଡ଼ିଜିଙ୍କ ସହ ସୌମ୍ୟଙ୍କ ସମ୍ପର୍କ, ଜିମ୍‌ରେ ତାଲିମ୍, ଘରୋଇ ସେବା ଆଦି ସମ୍ପର୍କରେ ମଧ୍ୟ ପଚରାଉଚରା କରାଯାଇଥିବା ଜଣାପଡ଼ିଛି। ସେହିପରି ଜଣେ ଏନ୍‌ଏଚ୍‌ଆର୍‌ସି ନିକଟରେ ହାଜର ହୋଇଥିବା ଜିଆର୍‌ପି ଡିଏସପିଙ୍କୁ ପଚରାଉଚରା ହୋଇଛି। ଆସନ୍ତାକାଲି ମଧ୍ୟ ଏ ସମ୍ପର୍କରେ ଆଉ କିଛି ଲୋକ ଓ ପୁଲିସ, ଜିଆର୍‌ପି କର୍ମଚାରୀଙ୍କୁ ପଚରାଉଚରା ହୋଇପାରେ ବୋଲି ଏହି ସୂତ୍ରରୁ ଜଣାପଡ଼ିଛି। ସୌମ୍ୟଙ୍କୁ ବ୍ୟକ୍ତିଗତ କାମରେ ଏଡିଜି ନିୟୋଜିତ କରିଥିବା ମା' କବିତା କରିଥିବା ଅଭିଯୋଗର ମଧ୍ୟ ଅନୁସନ୍ଧାନ ହୋଇପାରେ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ଗୁରୁବାର କ୍ରାଇମବ୍ରାଞ୍ଚ ଟିମ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ବେଣୁପୁର ଗାଁର ପ୍ରଦୀପ ମଙ୍ଗରାଜ ଓରଫ ଦୀପୁକୁ ଢେଙ୍କାନାଳରୁ ଗିରଫ କରିଛି। ସୌମ୍ୟଙ୍କୁ ଆକ୍ରମଣରେ ପ୍ରଦୀପର ହାତ ଥିବା ତଦନ୍ତରୁ ସ୍ପଷ୍ଟ ବୋଲି କ୍ରାଇମବ୍ରାଞ୍ଚ ସୂଚନା ଦେଇଛି। ସେ ସୌମ୍ୟଙ୍କୁ ଚପଲରେ ନିସ୍ତୁକ ମାଡ଼ ପିଟିଥିଲା। ଅଭିଯୁକ୍ତ ପ୍ରଦୀପକୁ କୋର୍ଟଚାଲାଣ କରାଯାଇଥିଲା। ହେଲେ ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୌମ୍ୟ ହତ୍ୟା ମାମଲାରେ ମୋଟ୍ ଗିରଫଦାରୀ ସଂଖ୍ୟା ଏବେ ୧୮ କୁ ବୃଦ୍ଧି ପାଇଛି।

### ୧୫ ଦିନରେ ରିପୋର୍ଟ...

ଅଭିଯୋଗ ହୋଇଛି। ଏହି ଦୁଇଟି କାର୍ଯ୍ୟ କେବଳ ଅପରାଧିକ ଅପରାଧ ନୁହେଁ, ବରଂ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ମୌଳିକ ଅଧିକାରର ସ୍ପଷ୍ଟ ଉଲ୍ଲଂଘନ। ହେପାଜତରେ ନିର୍ଯାତନା ସମ୍ବିଧାନର ଧାରା ୨୧ ଦ୍ୱାରା ପ୍ରଦତ୍ତ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତା ଅଧିକାରର ଘୋର ବିରୋଧୀ। ସୁପ୍ରିମକୋର୍ଟ ମଧ୍ୟ ବାରମ୍ବାର ହେପାଜତରେ ମୃତ୍ୟୁ ଓ ନିର୍ଯାତନାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏହାର ତଦନ୍ତ କରି ୧୫ ଦିନ ମଧ୍ୟରେ ରିପୋର୍ଟ ପଠାଇବାକୁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ମାମଲାରେ ଏନଏଚ୍‌ଆର୍‌ସି ଗଞ୍ଜାମ ଜିଲ୍ଲାପାଳ, ଏସ୍‌ପିଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି।

### 'ମୁହଁ ଖୋଲିଲେ ପୁଲିସ...

ଚାପିଦେବା ପାଇଁ କମିସନରେଟ୍ ପୁଲିସ ଯେଉଁ 'ଦୁର୍ଘଟଣା କାହାଣୀ' ଆଣିଥିଲା, ତାହା ଉପରେ ଶାଶୂ ମିନତି ସାହୁ ଏକାଧିକ ଓଲଟା ତୀକ୍ଷ୍ଣ ପ୍ରଶ୍ନ ବାଣ ଛାଡ଼ିଛନ୍ତି। ସେ ସିଧାସଳଖ ପ୍ରଶ୍ନ କରିଛନ୍ତି ଯେ, ଜ୍ୱାଇଁର କୌଣସି ପ୍ରକାର ସଡ଼କ ଦୁର୍ଘଟଣା ହୋଇନାହିଁ, ସେ ପ୍ରଥମରୁ ହିଁ ବାରଙ୍ଗ ଥାନା ପୁଲିସର ହେପାଜତରେ ଥିଲେ; ତେବେ ସେ କଡ଼ା ପହରା ଭିତରୁ ବାଇକ୍‌ରେ ବାହାରକୁ ଗଲେ କେମିତି ଏବଂ ତାଙ୍କର ଦୁର୍ଘଟଣା ଘଟିଲା କେମିତି? ଯଦି ପୁଲିସ କହିବା ଅନୁଯାୟୀ ଏହା କେବଳ ଏକ ସାଧାରଣ ସଡ଼କ ଦୁର୍ଘଟଣା ଥିଲା, ତେବେ ରାକେଶଙ୍କୁ ଥାନା ଭିତରେ ସେହିଭଳି ବର୍ବରୋଚିତ ଭାବେ ଥାର୍ଡ ଡିଗ୍ରୀ ନିର୍ଯାତନା ଦିଆଗଲା କାହିଁକି? କେବଳ ସେତିକି ନୁହେଁ, ଯଦି ପୁଲିସ ନିର୍ଦ୍ଦୋଷ ଏବଂ ଘଟଣାଟି ଦୁର୍ଘଟଣା, ତେବେ ବାରଙ୍ଗ ଥାନାର ବଡ଼ବାବୁ ଅର୍ଥାତ୍ ଥାନା ଅଧିକାରୀଙ୍କୁ ତରବରିଆ ଭାବେ ସେଠାରୁ ବଦଳି କରାଗଲା କାହିଁକି ବୋଲି ପ୍ରଶ୍ନ କରି ସେ ପ୍ରଶାସନକୁ କାଠଗଡ଼ାକୁ ଟାଣିଛନ୍ତି। ଜ୍ୱାଇଁକୁ ପ୍ରଥମେ ଥାନା ଭିତରେ ନିର୍ଦ୍ଦୟ ଭାବେ ପିଟିପିଟି ଅଧମରା କରାଗଲା ଏବଂ ଏବେ ନିଜ ଚଉକି ବଞ୍ଚାଇବା ପାଇଁ ପୁଲିସ ମିଛରେ ଏହାକୁ ଏକ ଆକ୍ସିଡେଣ୍ଟର ରୂପ ଦେଉଛି, ଯାହା ସମ୍ପୂର୍ଣ୍ଣ ରୂପେ ଭିତ୍ତିହୀନ ବୋଲି ସେ ଦାବି କରିଛନ୍ତି।

ଏହି ସମଗ୍ର ହରଡ଼ଘଣା ମାମଲା ପଛରେ ଥିବା ଏକ ପୂର୍ବ ବଡ଼ ରହସ୍ୟଜନକ ବିବାଦ ଉପରୁ ମଧ୍ୟ ଶାଶୂ ଆଜି ପରଦା ହଟାଇଛନ୍ତି। ସେ କହିଛନ୍ତି ଯେ, ପୂର୍ବରୁ ପୁଲିସ ଯେଉଁ ମୃତଦେହକୁ ଉଦ୍ଧାର କରି ତାଙ୍କ ଝିଅର ବୋଲି କହୁଥିଲା, ସେ ସେତେବେଳେ ପ୍ରଥମରୁ ହିଁ ସ୍ପଷ୍ଟ ଭାବେ ମନା କରିଥିଲେ ଯେ ଉକ୍ତ ମୃତଦେହ ତାଙ୍କ ଝିଅର ନୁହେଁ। ପୁଲିସ ଜବରଦସ୍ତି ମାମଲାକୁ ରଫାଦଫା କରିବାକୁ ଚେଷ୍ଟା କରୁଥିବା ବେଳେ, ସେହି ଘଟଣାର ପ୍ରକୃତ ସତ୍ୟତା ଜାଣିବା ପାଇଁ ସେ ଏବେ ମଧ୍ୟ ଝିଅର "ଡିଏନ୍‌ଏ ଟେଷ୍ଟ' କରାଯାଉ ବୋଲି ଦୃଢ଼ ଦାବି କରିଛନ୍ତି। ବର୍ତ୍ତମାନ ଏଚ୍‌ଆର୍‌ପିସିର ସ୍ୱତନ୍ତ୍ର ଟିମ୍ ଏହି ସମ୍ପୂର୍ଣ୍ଣ ହାଇପ୍ରୋଫାଇଲ୍ ମାମଲାର ଯାଞ୍ଚ କରୁଥିବା ବେଳେ ଏବଂ ପୀଡ଼ିତଙ୍କ ପରିବାର ପକ୍ଷରୁ ପୁଲିସର ମିଛ କାହାଣୀ ବିରୋଧରେ ଏଭଳି ସଙ୍ଗୀନ ବୟାନ ସାମ୍ନାକୁ ଆସିବା ପରେ କମିସନରେଟ୍ ପୁଲିସ ସମ୍ପୂର୍ଣ୍ଣ ଅଡୁଆରେ ପଡ଼ିଯାଇଛି।


**ZILLA SWASTHYA SAMITI, NAYAGARH**

*(Department of Health & FW, Govt. of Odisha)*

Advertisement No.: 1254 / DPMUNGR    Date: 01/06/2026

**ADVERTISEMENT / NOTICE**    10001/215/2627

Walk-In-Interview for the contractual employees of National Health Mission (NHM), already engaged and continuing in the following posts under OSH & FW Society in other districts of Odisha and are desiring to be posted in Nayagarh district against the vacancies as mentioned below.

| Sl. No. | Name of the Post | Vacancy | Date of Walk-In-Interview: |
|---|---|---|---|
| 01 | Psychiatric Nurse | 01 | Walk-in-interview on 12.06.2026 at 10.00 AM |
| 02 | Dental Technician | 01 | |
| 03 | Physiotherapist (IPU) | 01 | |
| 04 | Ophthalmic Asst. | 03 | |
| 05 | Immunisation Computer Asst. (ICA) | 01 | |
| 06 | Pharmacist & Logistic Asst (PLA) | 01 | |
| 07 | Social Worker (DEIC) | 01 | |

Interested in-house candidates of NHM only are requested to attend the Walk-In-Interview with the prescribed format along with the original NOC and experience certificate issued by the concerned CDM & PHO and all original certificates in support of age, qualification, experience, registration & others etc. with one set of self attested xerox copy for submission. Selection shall be made on the highest length of incumbency in the same post under the OSH&FW Society. The application format, general information and instruction & other details can be obtained from the district website https://nayagarh.odisha.gov.in. The candidate should attend the Walk-In-Interview at the DTU, O/o CDM & PHO, Nayagarh on the date mentioned above. The candidates are requested to register their names from 10.00 AM to 12.00 Noon, failing which their candidature shall not be considered. Vacancies shown above are provisional and may change during the time of posting. Incomplete application in any form is liable for rejection. The undersigned reserves the right to accept/reject any/all application and modify/cancel the advertisement without assigning any reason thereof. Status of the selection process will be web hosted in the District website and no personal query will be entertained. No TA/DA shall be admissible for attending the said Walk-In-Interview.

Sd/-
CDM & PHO, Nayagarh

OIPR-10001/10050/1/26-27/0003

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAGATSINGHPUR**
**DISTRICT PROGRAMME MANAGEMENT UNIT (DPMU)**
**NATIONAL HEALTH MISSION (NHM)**

**Expression of Interest**    10001/213/2627

No. 1674    Date: 01/06/2026

Sealed EOIs are invited from interested eligible organizations (private Health Care Providers for Extention of Healthcare (Super Speciality) facility through Engagement of Private Technical Service provider /Hospitals to Provide Super/Specialist Services at Kujang & Atharabanki CHC of Jagatsinghpur District, funded under CSR by IOCL in PPP mode.

The eligible criteria, the terms of reference and the formats for submission of bids are available in Jagatsingpur district website, i.e. www.jagatsinghpur.odisha.gov.in. The tender should reach to the undersigned on or before **08/06/2026** till **5 PM** through speed post / regd. Post / courier only. The authority reserves all the rights to cancel or reject the any or all EOIs without assigning any reason thereof.

Sd/- CDMO-Cum-District Mission Director,
Jagatsinghpur

OIPR-10001/10043/1/26-27/0004

**OFFICE OF THE MUNICIPAL COUNCIL, ANANDAPUR**

Letter No. 2031    Date: 30.05.2026

**QUOTATION CALL NOTICE**    13001/731/2627

The Executive Officer, Anandapur Municipality invites sealed quotations from reputed Consultancy Firms/Agencies having valid registration, GST Certificate and experience in preparation of Detailed Project Reports (DPRs), Architectural Planning, Estimation, Design and Project Consultancy Services for different developmental works under Anandapur Municipality.

The interested Consultancy Firms/Agencies are requested to submit their quotations along with required credentials, PAN Card, GST Registration Certificate, Experience Certificates and Financial Proposal within the stipulated period. Detailed terms and conditions shall be available on the Municipality website i.e. http://www.anandapurmunicipality.in

The consultancy charges shall be governed as per Finance Department guidelines and applicable Government norms as prescribed in Finance Department Circular regarding consultancy charges.

**Scope of Work:**

1. Building Construction Works
2. Road & Drainage Projects
3. Water Supply & Sanitation Projects
4. Electrical Installation Works
5. Public Utility Infrastructure Works
6. Urban Beautification and other Municipal Development Projects

Sd/- Executive Officer
Anandapur Municipality

OIPR-13001/13049/1/26-27/0004



यूनियन बैंक ऑफ इंडिया Union Bank of India

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**ଆଚାର୍ଯ୍ୟ ବିହାର ଶାଖା**
ଓକାକ୍ ଟାୱାର, ଆଚାର୍ଯ୍ୟ ବିହାର,
ଭୁବନେଶ୍ୱର-୭୫୧୦୧୩, ମୋ.: ୯୦୦୨୯୨୪୪୦୮

**ଗାଡ଼ି ନିଲାମ ନୋଟିସ୍**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଚାର୍ଯ୍ୟ ବିହାର ଶାଖା ଦ୍ୱାରା ଦଖଲ ନିଆଯାଇଥିବା ନିମ୍ନଲିଖିତ ଗାଡ଼ିକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଚାର୍ଯ୍ୟ ବିହାର ଶାଖା, ଓକାକ୍ ଟାୱାର, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର-୭୫୧୦୧୩ ଠାରେ ତା.୨୨.୦୬.୨୦୨୬ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ସର୍ବସାଧାରଣରେ ନିଲାମ କରାଯିବ।

| କ୍ରି. ନଂ. | ଶାଖାର ନାମ | ଋଣଗ୍ରହୀତାଙ୍କ ନାମ | ଗାଡ଼ିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା |
|---|---|---|---|---|
| ୧. | ଆଚାର୍ଯ୍ୟ ବିହାର ଶାଖା | ଶ୍ରୀ ବିଶ୍ୱଜିତ୍ ମହାନ୍ତି | HYUNDAI I20 SPORTZ(O)1.2 KAPPA MT, Regd. No.: OD02CN8957, Engine No.: G4LFPV331993, Chassis No.: MALBH512LPM271436 | ଟ.୫,୧୦,୦୦୦/- (ଜିଏସ୍‌ଟି ବ୍ୟତୀତ) / ଟ.୫୧,୦୦୦/- |

ଗାଡ଼ି ଯାଞ୍ଚ କରିବାର ତାରିଖ ଓ ସମୟ: ଭବ୍ୟ ୟାର୍ଡ, ରେବତୀ ନଗର, ଶିଶୁପାଳଗଡ, ଭୁବନେଶ୍ୱର ଠାରେ ତା.୨୦.୦୬.୨୦୨୬ରିଖ ସୁଦ୍ଧା ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ସମୟ ମଧ୍ୟରେ

ନିୟମ ଏବଂ ସର୍ତ୍ତାବଳୀ:

୧. ଗାଡ଼ି "ଯେଉଁଠାରେ ଯେପରି ଅଛି", "ସେଠାରେ ଯାହା ଅଛି" ଏବଂ "ବିନା ଆଇନଗତ ସହାୟତା" ଭିତ୍ତିରେ ୱାରେଣ୍ଟି ଏବଂ ଇଣ୍ଡେମିନିଟିକ୍ ବିନା ବିକ୍ରୟ କରାଯିବ।
୨. ବିକ୍ରୟ ମୂଲ୍ୟ ନିମିତ୍ତ ପ୍ରଯୁଜ୍ୟ ଜିଏସ୍‌ଟି ସଫଳ ନିଲାମଧାରୀଙ୍କ ଦ୍ୱାରା ବହନ କରାଯିବ।
୩. ଆଗ୍ରହୀ କ୍ରେତାମାନେ ସେମାନଙ୍କର ପ୍ରସ୍ତାବ ମୁଦ ଲଫାପାରେ ରଖି ଲଫାପା ଉପରେ "ଗାଡ଼ି ନଂ............ କ୍ରୟ ନିମନ୍ତେ କୋଟେସନ୍" ଉଲ୍ଲେଖ କରି ତତ୍‌ସହିତ ସଂରକ୍ଷିତ ମୂଲ୍ୟର ୧୦% ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ପୃଥକ୍ ଲଫାପାରେ "ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ" ସପକ୍ଷରେ ଡ୍ର କରାଯାଇ ଏବଂ ଭୁବନେଶ୍ୱରକୁ ପେଠ ଦର୍ଶାଇ ନିମ୍ନସ୍ୱାକ୍ଷରକାରୀଙ୍କ ଉପରଦର୍ଶିତ ଠିକଣାରେ ତା.୨୦.୦୬.୨୦୨୬ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରିବା ଆବଶ୍ୟକ।
୪. ନିର୍ଦ୍ଦିଷ୍ଟ ଗାଡ଼ିର ଟେଣ୍ଡରଗୁଡ଼ିକ ସମସ୍ତ ଟେଣ୍ଡରଦାତାଙ୍କ ଉପସ୍ଥିତିରେ ଖୋଲାଯିବ ଏବଂ ନିଲାମ ପାଇଁ ସର୍ବୋଚ୍ଚ ବିଡ୍‌କୁ ଫ୍ଲୋର୍ ପ୍ରାଇସ୍ ଭାବେ ବିବେଚନା କରାଯିବ।
୫. ସଂରକ୍ଷିତ ମୂଲ୍ୟ ଠାରୁ କମ୍ ମୂଲ୍ୟର ପ୍ରସ୍ତାବର ଟେଣ୍ଡରକୁ ଗ୍ରହଣ କରାଯିବ ନାହିଁ।
୬. ସଫଳ ନିଲାମଧାରୀଙ୍କୁ ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ଚୂଡ଼ାନ୍ତ ନିଲାମ ରାଶିର ୨୫% ସଙ୍ଗେ ସଙ୍ଗେ ଜମା କରିବାକୁ ପଡ଼ିବ ଏବଂ ଅବଶିଷ୍ଟ ରାଶି ନିଲାମ ତାରିଖ ଠାରୁ ୭ଦିନ ମଧ୍ୟରେ ଜମା କରିବାକୁ ପଡ଼ିବ।
୭. ଯଦି ବିଡ୍ ରାଶିର ୨୫% (ଅମାନତ ରାଶି ବାଦ୍ ଦେଇ) ନିଲାମ ତାରିଖ ଦିନ ଏବଂ/କିମ୍ବା ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ୭୫% ବିଡ୍ ରାଶି ପେଠ କରିବାକୁ ବିଫଳ ହୁଅନ୍ତି, ତେବେ ନିମ୍ନସ୍ୱାକ୍ଷରକାରୀଙ୍କ ସ୍ୱତନ୍ତ୍ର କ୍ଷମତା ବଳରେ ପୂର୍ବରୁ ଜମା ହୋଇଥିବା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ରାଶିକୁ ବାଜ୍ୟାପ୍ତି କରାଯିବ।
୮. ଟେଣ୍ଡର ଥରେ ଦାଖଲ ହେବା ପରେ ନିଲାମ ସମ୍ପୂର୍ଣ୍ଣ ନହେବା ଯାଏଁ କୌଣସି ପ୍ରକାରେ ଫେରସ୍ତ କରାଯିବ ନାହିଁ।
୯. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବଗୁଡ଼ିକୁ ଗ୍ରହଣ/ପ୍ରତ୍ୟାଖ୍ୟାନ/ପରିବର୍ତ୍ତନ କରିବାର ଅଧିକାର ସଂରକ୍ଷିତ ରଖିଅଛି। ସମସ୍ତ ପ୍ରସଙ୍ଗରେ ବ୍ୟାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ।
୧୦. ଯେଉଁମାନେ କେବଳ ଅମାନତ ରାଶି ଦାଖଲ କରିଛନ୍ତି ସେମାନଙ୍କୁ ଟେଣ୍ଡର ତଥା ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ।
୧୧. ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନିମନ୍ତେ ଏହା ଏକ ନୋଟିସ୍ ଭାବେ ବିବେଚନା କରାଯିବ।
୧୨. ଅନ୍ୟ କୌଣସି ସୂଚନା ପାଇଁ ଇଚ୍ଛୁକ ନିଲାମଧାରୀମାନେ ଶାଖା ମୁଖ୍ୟ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଚାର୍ଯ୍ୟ ବିହାର ଶାଖା, ଫୋନ୍ ନଂ.: ୯୦୦୨୯୨୪୪୦୮ଙ୍କ ସହ ଯୋଗାଯୋଗ କରନ୍ତୁ।
୧୩. ଗାଡ଼ି ସମ୍ବନ୍ଧୀୟ ସମସ୍ତ ବୈଧାନିକ ଦେୟ / ଅଣ-ବୈଧାନିକ ଦେୟ / ବକେୟା ଦେୟ ଯଦି କିଛି ଥାଏ, ତାହା ସଫଳ ନିଲାମଧାରୀଙ୍କ ଦ୍ୱାରା ବହନ କରାଯିବ।
୧୪. ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ www.unionbankofindia.bank.in ଦେଖନ୍ତୁ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୨.୦୬.୨୦୨୬    କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**GOVERNMENT OF ODISHA**
**PANCHAYAT SAMITI: NARAYANPATNA**
**P.R. & PWD DEPARTMENT, ODISHA**
**E-Mail ID: ori-narayanpatna@nic.in**
**Letter No. 1340 /2026/TCN.01/2026-27, Dated: 02.06.2026**

**NOTICE INVITING TENDER**

**Bid Identification No. 01 of 2026-27 of B.D.O. Narayanpatna**

Bid documents consisting of specification, Bill of Quantity and Tender Call Notice can be seen in the Government website: **http://tendersodisha.gov.in/nicgep/app**

| Sl. No. | Name of the Work | Amount Put to Tender (Rs.) | Class of Contractor | Cost of Tender Paper (Rs.) | E.M.D. (Rs.) | Period of Completion |
|---|---|---|---|---|---|---|
| 1 | Construction of Additional Classroom at Narayanpatna-A PS | 14,35,118/- | "C" & "D" | 6,000/- | 14,500/- | 6 Months |
| 2 | Construction of Additional Classroom at Jogipallur PS | 14,35,118/- | "C" & "D" | 6,000/- | 14,500/- | 6 Months |
| 3 | Construction of Additional Classroom at Odipentha PS | 14,35,118/- | "C" & "D" | 6,000/- | 14,500/- | 6 Months |
| 4 | Construction of Additional Classroom at Godraguda PS | 14,37,247/- | "C" & "D" | 6,000/- | 14,500/- | 6 Months |
| 5 | Construction of Additional Classroom at KodalBorigi PS | 9,08,888/- | "C" & "D" | 6,000/- | 9,000/- | 6 Months |
| 6 | Construction of Additional Classroom at Naktipadar PS | 14,45,788/- | "C" & "D" | 6,000/- | 14,500/- | 6 Months |
| 7 | Construction of Additional Classroom at Lowkesla PS | 14,45,374/- | "C" & "D" | 6,000/- | 14,500/- | 6 Months |

**07 (Seven) Nos. Works only**

| | |
|---|---|
| Tender documents available on website | Can be downloaded from **www.tendersodisha.gov.in** |
| Bid documents available date & time | From **06.06.2026 at 11.00 Hours** to **25.06.2026 up to 17.30 Hours** |
| Bid clarification period | **06.06.2026 to 25.06.2026** during office hours |
| Offline documents received through Speed Post / Registered Post | From **06.06.2026 at 17.30 Hours** to **30.06.2026 at 11.00 Hours** |
| Date, time & venue of opening of bid online | **01.07.2026 at 11.00 Hours,** Office of the Block Development Officer, Panchayat Samiti, Narayanpatna |
| Offline documents shall be opened in presence of participating bidders in chamber of BDO, Narayanpatna | **01.07.2026 at 11.00 Hours onwards** |
| If stipulation arises the tender will be decided through Lottery System | **01.07.2026 at 15.30 Hours,** Office of the Block Development Officer, Panchayat Samiti, Narayanpatna |

**Block Development Officer, Narayanpatna**

## କାଳବୈଶାଖୀ କ୍ଷତିଗ୍ରସ୍ତ ତହସିଲର ଦ୍ୱାରସ୍ଥ

ଶଗଡ଼ା, ୨।୬(ସମିସ): କଣ୍ଟମାଳ ବ୍ଲକ ଲମ୍ବସରୀ ପଞ୍ଚାୟତର ବଳମତୁମ୍ବା, ବେହେରାପଡ଼ା, ସାନଝାରମୁଣ୍ଡା, ମାର୍ଡୋଲ, ଟୁରିଦେଉଲ ଆଦି ଗ୍ରାମର ଅନେକ ଲୋକଙ୍କ ଘର ଗୁରୁବାର ହୋଇଥିବା କାଳ ବୈଶାଖୀ ପବନରେ ସମ୍ପୂର୍ଣ ନଷ୍ଟ ହୋଇ ଯାଇଛି। ଲମ୍ବସରୀ ଆମ୍ବେଦକର ସେବା ପରିଷଦର ସାଧାରଣ ସମ୍ପାଦକ ମନିତ ଭୋଇନାଙ୍କ ନେତୃତ୍ୱରେ ଅନେକ ଗ୍ରାମବାସୀ ଆଜି କଣ୍ଟାମାଳ ତହସିଲ ଅଫିସକୁ ଯାଇଥିଲେ। ଉଜୁଡି ଯାଇଥିବା ଘର ପାଇଁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଅତିରିକ୍ତ ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇ ଥିବା ହେତୁ ଲୋକଙ୍କୁ ଗଛ ତଳେ ମୁଣ୍ଡ ଗୁଞ୍ଜିବାକୁ ପଡୁଛି। ରାଜସ୍ୱ କର୍ମଚାରୀ ତଦନ୍ତ କରିଥିଲେ ହେଁ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳି ନାହିଁ। ଗ୍ରାମବାସୀ ପ୍ରଚଣ୍ଡ ଖରାରେ ହନ୍ତସନ୍ତ ହେଉଛନ୍ତି। ଦୁଃଖ ଓ ପରିତାପର ବିଷୟ ଯେ କ୍ଷତିଗ୍ରସ୍ତ ପରିବାର କୌଣସି ଆବାସ ଗୃହ ପାଇନାହାନ୍ତି। ଏହି ପରିବାରକୁ ଯଦି ପ୍ରଶାସନ ତରଫରୁ କୌଣସି ସୁବିଧା ସୁଯୋଗ ନ ମିଳେ ଧାରଣା ଦେବେ ବୋଲି କଡା ଚେତାବନୀ ଦେଇଛନ୍ତି।



## ଲକ୍ଷ୍ମୀସାଗର ଜବରଦଖଲ କରିବାକୁ ଚକ୍ରାନ୍ତ

ମନମୁଣ୍ଡା, ୨।୬(ସମିସ)

କଣ୍ଟାମାଳ ବ୍ଲକ ବରଗୋଛା ପଞ୍ଚାୟତ ସଦର ମହକୁମାରେ ଥିବା ଲକ୍ଷ୍ମୀ ସାଗର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ବନ୍ଧ) ଭିତରେ କେତେକ ବ୍ୟକ୍ତି ବିଲ ପ୍ରସ୍ତୁତ କରିବା ପାଇଁ ଚକ୍ରାନ୍ତ କରିଛନ୍ତି। ଏଥିଲାଗି ଜେସିବି ଏବଂ ଟ୍ରାକ୍ଟର ସାହାଯ୍ୟରେ ମାଟି ଖୋଳିବା ଆରମ୍ଭ କରାଯାଇଛି। ସାମାଜିକ ଗଣମାଧ୍ୟମରେ ଏହାର ଫଟୋ, ଭିଡିଓ ଭାଇରାଲ ହୋଇଛି। କାଳେ ବିଭାଗ ତରଫରୁ ପ୍ରକଳ୍ପରୁ ମାଟି, ପଙ୍କ ଉଦ୍ଧାର କରାଯାଉଥିବ ଭାବି ଏମଆଇ ସହକାରୀ ଯନ୍ତ୍ରୀ ଧରଣୀ କିଶନଙ୍କୁ ପଚାରିବାରୁ ବିଭାଗ ତରଫରୁ କୌଣସି କାମ କରାଯାଉ ନ ଥିବା କହିଥିଲେ। ଲୋକମାନେ ବିଲ କରିବା ପାଇଁ ପ୍ରସ୍ତୁତି କାମ ଆରମ୍ଭ କରାଯାଉଥିବା ଶୁଣିବାକୁ ମିଳୁଛି ବୋଲି ତାଙ୍କୁ ପଚାରିବାରୁ ସେ ଜାଣି ନାହାନ୍ତି। ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଥିଲେ। ବରଗୋଛା, ଖଜୁରୋଜ, ମୁଣ୍ଡାପଡ଼ା, ଚମରାବାହାଲ, ବଡଦେହୁରିପାଲି ମୌଜାର ପ୍ରାୟ ୧୦୦ ଏକର ପରିମିତରୁ ଅଧିକ ଜମିକୁ ନେଇ ଏହି ପ୍ରକଳ୍ପ ରହିଛି। ଏଥିରୁ ଚାଷ ପାଇଁ ଜଳସେଚନ କରାଯାଇଥାଏ। କିଛି ବର୍ଷ ହେବ ଏହି ସାଗରରୁ ମାଟି ତଥା ପଙ୍କ ଉଦ୍ଧାର କରାଯାଇନି; ଯାହାକି ନିହାତି ଆବଶ୍ୟକତା ରହିଛି ସାଗରର ବହୁ ପରିମିତ ଜାଗା ଶୁଖିଲା ପଡ଼ିଛି। ଏହାର ସୁଯୋଗ ନେଇ ମାଫିଆ ବିଲ ପ୍ରସ୍ତୁତି କରି ଜବରଦଖଲ କରିବାକୁ ଚକ୍ରାନ୍ତ ଚଳାଇଛନ୍ତି। ଅନ୍ୟପକ୍ଷେ ପୂର୍ବରୁ ଏଠାରେ ଯେତେ ପରିମାଣ ଜଳ ରହୁଥିଲା ଏବେ ତାହା ରହୁ ନାହିଁ। ଏହାଫଳରେ ପ୍ରକଳ୍ପ ଯେଉଁ ଉଦ୍ଦେଶ୍ୟରେ କରାଯାଇଛି ତାହା ଫଳପ୍ରଦ ହେଉନାହିଁ।



## ବିଇଓଙ୍କୁ ସମ୍ବର୍ଦ୍ଧନା ଜଣାଇଲା ପ୍ରାଥମିକ ଶିକ୍ଷକ ସଂଘ



ବୌଦ୍ଧ, ୨।୬ (ସମିସ): ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନଙ୍କ ଅନୁଗୁଳ ଜିଲ୍ଲା ଛେଣ୍ଡିପଦାକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ବଦଳି ହୋଇଛି। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନସନ ଯୋଜନା ଭୁକ୍ତ) ର ସଭାପତି ରାଜକୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିନିଧି ଦଳ ଆଜି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ପହଞ୍ଚି ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇ ଅଛନ୍ତି। ଏହି ଅବସରରେ କାର୍ଯ୍ୟାଳୟର କିରାଣୀ ସୁଧୀର ବେହେରାଙ୍କ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ବଦଳି ଏବଂ ପ୍ରବୀଣ ରଞ୍ଜନ ସେଠୀଙ୍କ ସରସରା ହାଇସ୍କୁଲରୁ ବୌଦ୍ଧ ବିଇଓ ଅଫିସକୁ ବଦଳି ହୋଇ ଯୋଗଦାନ କରିଥିବାରୁ ସଂଘ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶମ୍ଭୁ ଗିରି, ବ୍ଲକ ଉପସଭାପତି ଅଶୋକ ଘିବେଲା, ସମ୍ପାଦକ ଉତ୍ତମ ନାଏକ, ସଦସ୍ୟ ସୁଶାନ୍ତ କୁମାର ସାହୁ, ମୋହନ କରଡ଼ିଆ, ରଞ୍ଜିତା ମିଶ୍ର, କାତ୍ୟାୟିନୀ ପାଢ଼ୀ, ସୁଧା ହୋତା, ସୁଶୀଲ ବାରିକ, ସନତ ବାରିକ, ରମାକାନ୍ତ ବେହେରା, ସ୍ୱାଧୀନ ପ୍ରଧାନ, ଦେବେନ୍ଦ୍ର ହାତୀ, ଗଜେନ୍ଦ୍ର ମହାଲିକ, ସୁରେନ୍ଦ୍ର ମାଝୀ, ସନ୍ତୋଷ ମଲ୍ଲିକ, ଚିତ୍ତରଞ୍ଜନ ସାହୁ, ଉମେଶ ମେହେର, ଜୟରାମ ମେହେର, କେଶବ ମେହେର, ବାସୁଦେବ ଗହୀର ପ୍ରମୁଖ ଉପସ୍ଥିତ ଥିଲେ।

## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



ମନମୁଣ୍ଡା, ୨।୬(ସମିସ): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ, -୫ ଖାରବେଳ ନଗର, ଭୁବନେଶ୍ୱର, ଜୋନାଲ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଅନିତା ମେହେର (ପ୍ରଧାନ ଶିକ୍ଷୟିତ୍ରୀ, ଦମାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବ୍ଲକ କଣ୍ଟାମାଳ)ଙ୍କ ଆବାସିକ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଣ୍ଟାମାଳ ବିଇଓ ଅଶୋଭ ରଞ୍ଜନ ମାଳି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସୋନପୁର, ଗଞ୍ଜାମ, ଅଞ୍ଚଳରୁ ଶିକ୍ଷକମାନେ ଏଥିରେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ଲିମୁଚରଣ ସିରା, ଯଶୋବନ୍ତ ନାରାୟଣ ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା, ବୈଷ୍ଣବ ଦୁରିଆ, ଦେବଦତ୍ତ ମେହେର, ହରେକୃଷ୍ଣ ଗୌଡ଼, ନୀଳକଣ୍ଠ ବେହେରା, ସନ୍ତୋଷ ଚୌଧୁରୀ ପ୍ରମୁଖ ଯୋଗଦେଇ ପୁରୁଣା ପେନସନ, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ବେତନ କମିଶନଙ୍କ ସହ ଆଲୋଚନା, ଶିକ୍ଷକ ବର୍ଗିକରଣକୁ ବନ୍ଦ କରିବା, ପ୍ରତ୍ୟକ ଶିକ୍ଷକଙ୍କୁ ମର୍ଯ୍ୟଦା ପ୍ରଦାନ, ଶିକ୍ଷକଙ୍କୁ ଇନ୍ସୁରାନ୍ସ ପ୍ରଦାନ, ଅଣଶିକ୍ଷା କାର୍ଯ୍ୟରୁ ଶିକ୍ଷକଙ୍କୁ ବିରତି, ଶିକ୍ଷା ଓ ଶିକ୍ଷୟତ୍ତନର ବିକାଶ ଆଦି ଉପରେ ଆଲୋଚନା କରିଥିଲେ। ଶିକ୍ଷକ ନେତା ରଞ୍ଜୁ ଅମାତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସୁଶୀଲ ପ୍ରଧାନ, ବଲଭଦ୍ର ବିଶ୍ୱାଳ, ପବିତ୍ର ସାହୁ, ରବିନାରାୟଣ ପ୍ରଧାନ, ମହେଶ ସେଠି, ସୁବଳ ସାହୁ ପ୍ରଶାନ୍ତ ମିଶ୍ର, ଗିରିଶ ତ୍ରିପାଠୀ ଭାଗ୍ୟଶିନୀ ମିଶ୍ର, ଦିଲ୍ଲୀପ ସାହୁ, ସୁଦାମ ଦିଶିରି ପ୍ରମୁଖ ଯୋଗ ଦେଇ ମତବ୍ୟକ୍ତ କରିଥିଲେ। ଶିକ୍ଷକ ନେତା ଉମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍ସର୍ଗୀକୃତ ସେବା ପାଇଁ କୃତଜ୍ଞତା ଜଣାଇଲେ ଜିଲ୍ଲାପାଳ

ତରଭା, ୨।୬(ସମିସ): ସୋନପୁର ସହରରେ ତାଣ୍ଡବ ରଚିଥିବା ଝଡ ବାତ୍ୟାରେ ନିଜ ଜୀବନକୁ ବାଜି ଲଗାଇ ଉତ୍ସର୍ଗୀକୃତ ସେବା ପ୍ରଦାନ କରିଥିବା ଅଗ୍ନିଶମ, ପୌର ପରିଷଦ, ବିଦ୍ୟୁତ୍ ବିଭାଗ ଓ ପୋଲିସ ବିଭାଗ ସମେତ ଜିଲ୍ଲା ତଥା ପଡ଼ୋଶୀ ଜିଲ୍ଲାର ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ ଓ ବିଭିନ୍ନ ସମାଜସେବୀ ସଙ୍ଗଠନକୁ ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ଏସ୍‌ପି ଶ୍ରୀ ନାରାୟଣ ନାୟକ କୃତଜ୍ଞତା ଜ୍ଞାପନ କରିଛନ୍ତି। ସମସ୍ତ ବିଭାଗର ଯୋଦ୍ଧା, ସମାଜସେବୀ ସଙ୍ଗଠନ ଏବଂ ସମାଜସେବୀ ଗୋବିନ୍ଦ ମହାରଣାଙ୍କୁ ଜିଲ୍ଲା ପ୍ରସାଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହାସହ ଜିଲ୍ଲାପାଳଙ୍କ ବାସଭବନର କାର୍ଯ୍ୟାଳୟରେ ଆପ୍ୟାୟିତ କରାଯାଇଛି। ପ୍ରଶାସନିକ ଅଧିକାରଙ୍କ ସହ ସମସ୍ତେ ମିଶି କାଳବୈଶାଖୀର ୩ ଦିନ ଭିତରେ ସୃଷ୍ଟି ହୋଇଥିବା ଅସୁବିଧାର ସମାଧାନ କରିଥିବାରୁ ସମସ୍ତ ଯୋଦ୍ଧାଙ୍କୁ ଜିଲ୍ଲାକାଳ ଧନ୍ୟବାଦ ଜଣାଇଛନ୍ତି। ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଉପ ଜିଲ୍ଲାପାଳ ଡ. ସୌମ୍ୟାରୂପା ରଥ, ବିଡ଼ିଓ ପ୍ରତୀକ କର ଏବଂ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି କୃତଜ୍ଞତା ଜ୍ଞାପନ କରିଥିଲେ। ସୂଚନାଯୋଗ୍ୟ, ଗତ ୨୮ ତାରିଖ ସନ୍ଧ୍ୟା ପ୍ରାୟ ୮ଟାରେ ସୋନପୁର ସହରରେ କାଳବୈଶାଖୀ ହୋଇଥିଲା। ଚାହୁଁ ଚାହୁଁ କିଛି ସମୟ ଭିତରେ ସବୁ ଛାରଖାର୍ ହୋଇଯାଇଥିଲା। ଶହ ଶହ ଗଛ ଭାଙ୍ଗି ଯାଇଥିଲା। ବାଇକ ଉଡି ଯାଇଥିଲା। ଟିଣ ଛାତ ଉଡିଯିବା ସହ ଭାଙ୍ଗି ଯାଇଥିଲା। ଶହ ଶହ ଲାଇଟ୍ ପୋଲ୍ ଢଳି ପଡ଼ିଥିଲା। ଜିଲ୍ଲା ପ୍ରଶାସନ ତଥା ଅଗ୍ନିଶମ ବାହିନୀ, ଟାଟା ପାୱାର ଓ ପୌର ବିଭାଗର ଶହ ଶହ କର୍ମଚାରୀଙ୍କ ଅକ୍ଲାନ୍ତ ପରିଶ୍ରମ ପରେ ସୁଧାର ଆସିଛି।



## ସୁବର୍ଣ୍ଣପୁରରେ ଏସ୍ଆଇଆର୍ ସଚେତନତା ରଥ ଶୁଭାରମ୍ଭ



ତରଭା, ୨।୬(ସମିସ): ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ସମ୍ପର୍କିତ ଜନସଚେତନତା କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ ଓ ପ୍ରଭାବଶାଳୀ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ସୁବର୍ଣ୍ଣପୁର ଜିଲ୍ଲାରେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ସୁବର୍ଣ୍ଣପୁରର ଜିଲ୍ଲାପାଳ ଡ. ନୃପରାଜ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ ଉପସ୍ଥିତ ରହି ସବୁଜ ପତାକା ଦେଖାଇବା ପୂର୍ବକ ଏହି ସଚେତନତା ରଥର ଶୁଭାରମ୍ଭ କରିଥିଲେ। ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ କାର୍ଯ୍ୟକ୍ରମ ଅଧୀନ ମତଦାତା ତାଲିକାର ସଠିକତା ସୁନିଶ୍ଚିତ କରିବା ପାଇଁ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ ଅତ୍ୟନ୍ତ ଆବଶ୍ୟକ। ଏହି ଲକ୍ଷ୍ୟ ରଖି ଶୁଭାରମ୍ଭ ହୋଇଥିବା ସଚେତନତା ରଥ ଜିଲ୍ଲାର ବିଭିନ୍ନ ବ୍ଲକ ଓ ଗ୍ରାମାଞ୍ଚଳ ପରିଭ୍ରମଣ କରି ମତଦାତା ତାଲିକା ସଂଶୋଧନ ସମ୍ପର୍କିତ ସୂଚନା ପ୍ରଦାନ କରିବ। ଏହା ମାଧ୍ୟମରେ ମତଦାତା ତାଲିକା ସଂଶୋଧନ କାର୍ଯ୍ୟରେ ସକ୍ରିୟ ସହଯୋଗ ପାଇଁ ଲୋକଙ୍କୁ ଆହ୍ୱାନ କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ କାର୍ଯ୍ୟକ୍ରମରେ ସହଯୋଗ କରି ଏକ ନିର୍ଭୁଲ୍ ମତଦାତା ତାଲିକା ପ୍ରସ୍ତୁତିରେ ନିଜର ସକ୍ରିୟ ଭୂମିକା ନିର୍ବାହ କରିବାକୁ ଅନୁରୋଧ କରାଯାଇଛି।

## ବୌଦ୍ଧ ନୂତନ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟଭାର ଗ୍ରହଣ

ବୌଦ୍ଧ, ୨।୬(ସମିସ): ବୌଦ୍ଧ ଜିଲ୍ଲାର ନୂତନ ଆରକ୍ଷୀ ଅଧୀକ୍ଷକ ଭାବେ ଭାରତୀୟ ପୁଲିସ ସେବାର ଅଧିକାରୀ କୁଲଦୀପ୍ ମୀନା କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଆଜି ଆରକ୍ଷୀ ଅଧୀକ୍ଷକ ଶ୍ରୀ ମୀନା କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯିବା ସହ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଶ୍ରୀ ମୀନା ବିଦାୟୀ ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଥିଲେ। ବୌଦ୍ଧ ଜିଲ୍ଲା ପୁଲିସର ସମସ୍ତ ଅଧିକାରୀ ଓ ବିଭିନ୍ନ ଥାନାର ଭାରପ୍ରାପ୍ତ ଅଧିକାରୀ ଶ୍ରୀ ମୀନାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।



## ଜିଲ୍ଲା କ୍ରିକେଟ ସଂଘର ସାଧାରଣ ପରିଷଦ ବୈଠକ




ବୌଦ୍ଧ, ୨।୬ (ସମିସ): ବୌଦ୍ଧ ଜିଲ୍ଲା କ୍ରିକେଟ୍ ସଙ୍ଘର ସାଧାରଣ ପରିଷଦ ବୈଠକ ଜିଲ୍ଲା ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କ୍ରିକେଟ ସଙ୍ଘର ସଭାପତି ନିରଞ୍ଜନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଯୋଗ ଦେଇଥିଲେ। ଗତ ସାଧାରଣ ପରିଷଦ ବୈଠକରେ ପାରିତ ପ୍ରସ୍ତାବ ଏହି ବୈଠକରେ ଦୃଢ଼ୀକରଣ କରାଯାଇଥିଲା। ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଯୁଗଳ କିଶୋର ସାମଲ ସ୍ୱାଗତ ସମ୍ଭାଷଣ ପୂର୍ବକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଭବେଶ ଯୋଶୀ ଆୟବ୍ୟୟ ବିବରଣୀ ଓ ବଜେଟ୍ ଉପସ୍ଥାପନ କରିଥିଲେ। ବରିଷ୍ଠ ସଦସ୍ୟ ପ୍ରଦୀପ ମହାନ୍ତି, ସୁଶୀଳ ପଟ୍ଟନାୟକ, ତୃପ୍ତିରଞ୍ଜନ ଦାନୀ, ଦିବ୍ୟଶଙ୍କର ରାଉତ, ବସନ୍ତ ଖଟୁଆ ପ୍ରମୁଖ ବୌଦ୍ଧ ଜିଲ୍ଲାରେ କ୍ରିକେଟ୍ ଭିତ୍ତିଭୂମିର ବିକାଶ ପାଇଁ ପ୍ରତିଷ୍ଠା ହୋଇଥିବା ଏକାଡେମୀର ସୁପରିଚାଳନା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଜିଲ୍ଲାର ଅନ୍ୟାନ୍ୟ ସ୍ଥାନରେ କ୍ରିକେଟ ଅଭ୍ୟାସ ପାଇଁ ଭିତ୍ତିଭୂମି ସୃଷ୍ଟି କରିବା ପାଇଁ ମଧ୍ୟ ଆଲୋଚନା ହୋଇଥିଲା। ଉପସଭାପତି ବରିଷ୍ଠ ସଦସ୍ୟ ଲମ୍ବୋଦର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ମନଇଚ୍ଛା ଖୋଲୁଛି ଦପଲା ଆର୍ଆଇ ଅଫିସ୍

- ଠିକ୍ ସମୟରେ ଆସୁ ନାହାନ୍ତି ଅଧିକାରୀ
- କ୍ଷେତ୍ର ପରିଦର୍ଶନ ଆଳରେ ଅନୁପସ୍ଥିତ
- ଅପେକ୍ଷା କରି ଲୋକେ ନିରାଶ

ଶଗଡ଼ା, ୨।୬(ସମିସ): କଣ୍ଟାମାଳ ବ୍ଲକ ଦପଲା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ମନଇଚ୍ଛା ଖୋଲୁଛି। ଅଧିକାଂଶ ସମୟରେ ଗେଟ୍‌ରେ ତାଲା ଝୁଲୁଛି। ସରକାରଙ୍କ ନିୟମ ଅନୁସାରେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସମସ୍ତ ସରକାରୀ ଅଫିସ ସକାଳୁଆ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି; ହେଲେ ସରକାରଙ୍କ ନିୟମକୁ ସିଧାସଳଖ ଉଲ୍ଲଂଘନ କରାଯାଉଛି। ସକାଳ ୭ଟାରେ ଅନେକ ଲୋକ ଆସି ସାଢେ ୯ ପର୍ଯ୍ୟନ୍ତ ଅପେକ୍ଷା କରୁଛନ୍ତି; ହେଲେ କାର୍ଯ୍ୟାଳୟ ଖୋଲୁ ନ ଥିବାରୁ ଲୋକେ ନିରାଶ ହୋଇ ଫେରି ଯାଉଛନ୍ତି। ଲୋକେ ଦୂରଦୂରାନ୍ତରୁ ଆସି କାମ ନ ହେବାରୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏହି ଆରଆଇ ଅଫିସରେ ୪ ଜଣ କର୍ମଚାରୀ ଅଛନ୍ତି। ଆଜି ସାଢେ ୯ଟଶ ପର୍ଯ୍ୟନ୍ତ କୌଣସି ଜଣେ ବି କର୍ମଚାରୀ ଉପସ୍ଥିତ ନ ଥିବା ଦେଖିବାକୁ ମିଳିଥିଲା। ଆର୍ଆଇ ମଧ୍ୟ ଅନୁପସ୍ଥିତ ଥିଲେ। ବାଧ୍ୟ ହୋଇ ବିଭିନ୍ନ କାମରେ ଆସିଥିବା ଲୋକେ ଫେରି ଯାଇଥିଲେ। ତେବେ ଏ ନେଇ ଆର୍ଆଇ ସ୍ୱାତି ସ୍ୱାଗତିକା ନାୟକଙ୍କୁ ପଚାରିବାରୁ କ୍ଷେତ୍ର ପରିଦର୍ଶନରେ ଯାଇଥିବାରୁ ଅଫିସ ଖୋଲା ଯାଇ ନ ଥିଲା ବୋଲି କହି ସଫେଇ ଦେଇଛନ୍ତି।

## ୨ ମାସ ହେଲା ଭତ୍ତା ଅପେକ୍ଷାରେ ୬୧୪୫ ହିତାଧିକାରୀ

- ଏନ୍ଏସିର ୩୧୧ ହିତାଧିକାରୀ ମଧ୍ୟ ଭତ୍ତା ପାଇ ନାହାନ୍ତି।

**ତରଭା ବ୍ଲକ**

ତରଭା, ୨।୬(ସମିସ): ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ଜାତୀୟ ସାମାଜିକ ସହାୟତା ଯୋଜନା ଅନ୍ତର୍ଭୁକ୍ତ ତରଭା ବ୍ଲକ ଓ ଏନଏସିର ବୃଦ୍ଧ, ବିଧବା ଓ ଭିନ୍ନକ୍ଷମ ହିତାଧିକାରୀଙ୍କୁ ୨ ମାସ ହେଲା ଭତ୍ତା ଟଙ୍କା ମିଳିନାହିଁ। ଏହା ଫଳରେ ସେମାନେ ହନ୍ତସନ୍ତ ହେଉଥିବା ତଥା ନାନା ସମସ୍ୟା ଦେଇ ଗତି କରୁଛନ୍ତି। ତରଭା ବ୍ଲକ ଅଧୀନ ୨୧ ପଞ୍ଚାୟତରେ ୭୮୦୭ ହିତାଧିକାରୀ ବର୍ତ୍ତମାନ ମଧୁବାବୁ ପେନସନ ଯୋଜନାରେ ନଗଦ ଆକାରରେ ମାସିକ ଭତ୍ତା ପାଉଛନ୍ତି; କିନ୍ତୁ ଡିବିଟି ମାଧ୍ୟମରେ ୬୧୪୫ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସେମାନଙ୍କ ଏପ୍ରିଲ ଓ ମେ ମାସର ଭତ୍ତା ରାଶି ଆସିନାହିଁ। ସେହିପରି ତରଭା ଏନଏସିରେ ୯୮୬ଜଣ ହିତାଧିକାରୀ ମଧୁବାବୁ ପେନସନ ଯୋଜନାରେ ନଗଦ ଆକାରରେ ମାସିକ ଭତ୍ତା ପାଉଛନ୍ତି; କିନ୍ତୁ ଡିବିଟି ମାଧ୍ୟମରେ ୩୧୧ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ୨ ମାସର ଭତ୍ତା ପଡ଼ିନାହିଁ। ସେମାନେ ବ୍ୟାଙ୍କକୁ ଆସି ଟଙ୍କା ନ ପାଇ ନିରାଶରେ ଫେରୁଛନ୍ତି। ଏନେଇ ପ୍ରତ୍ୟେକ ଗାଁରେ ହିତାଧିକାରୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଡିବିଟି ମାଧ୍ୟମରେ ବ୍ୟାଙ୍କ ଖାତାରେ ପଡୁଥିବା ଭତ୍ତା ଟଙ୍କା ଉଠାଇବା ପାଇଁ ଗ୍ରାମରୁ ଗାଡ଼ି ଭଡା କରି ଆସି ବ୍ୟାଙ୍କରୁ ନିରାଶରେ ଫେରୁଛନ୍ତି। ଏହି ହିତାଧିକାରୀମାନେ ଗରିବ ଶ୍ରେଣୀର ହୋଇଥିବାରୁ ଏହି ଭତ୍ତା ଟଙ୍କାରେ ନିଜର ଦୈନନ୍ଦିନ ତେଲ ଲୁଣ ଖର୍ଚ୍ଚ ତୁଲାଉଛନ୍ତି। ଆଉ କିଛି ହିତାଧିକାରୀ ନିଜ ଔଷଧ ଖର୍ଚ୍ଚ ତୁଲାଉଛନ୍ତି। ଏଭଳି ସ୍ଥିତିରେ ୨ ମାସର ଭତ୍ତା ମିଳି ନ ଥିବାରୁ ସମ୍ପୃକ୍ତ ହିତାଧିକାରୀମାନେ ଅତି ଦୟନୀୟ ଅବସ୍ଥାରେ ଦିନ ଅତିବାହିତ କରୁଛନ୍ତି।

## କମଳପୁର-କଲୋନୀ ସାହି ରାସ୍ତା ପାଇଁ ଡିମାର୍କେସନ

ହରଭଙ୍ଗା, ୨।୬(ସମିସ): ହରଭଙ୍ଗା ବ୍ଲକ ପୁରୁଣାକଟକ ପଞ୍ଚାୟତ କମଳପୁରରୁ କଲୋନୀ ସାହିକୁ ସ୍ଥାୟୀ ରାସ୍ତା ନିର୍ମାଣ କରିବାକୁ ଦୀର୍ଘ ବର୍ଷ ଧରି ଦାବି ହୋଇ ଆସୁଛି। ବହୁ ବର୍ଷ ଧରି ରାସ୍ତା ବିବାଦ ରହିଛି। ଶେଷରେ ଅବଶ୍ୟ ଏହାର ସମାଧାନ ହୋଇଛି। ବିଡିଓ ବିଜୟ ପ୍ରଧାନ, ଅତିରିକ୍ତ ତହସିଲଦାର, ପୁରୁଣାକଟକ ରାଜସ୍ୱ ନିରୀକ୍ଷକ ଶରତ ବେହେରା ଏବଂ ପୁଲିସ ବାହିନୀ ମିଳିତ ଉଦ୍ୟମରେ କମଳପୁର-ରଙ୍ଗାମାଟିଆ ରାସ୍ତାର ଡିମାର୍କେସନ କରାଯାଇଛି। ବିଡିଓଙ୍କ ସୂଚନା ଅନୁଯାୟୀ, ଅଳ୍ପଦିନ ମଧ୍ୟରେ ସରକାରୀ ଅନୁଦାନରେ ରାସ୍ତା ନିର୍ମାଣ କାମ ଆରମ୍ଭ ହେବ। ସୂଚନାଯୋଗ୍ୟ, ରାସ୍ତା ଅଭାବରୁ ସ୍ଥାନୀୟ ବସ୍ତିବାସିନ୍ଦା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ସାହିବାସୀ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଘଟଣାକୁ ଗୁରୁତର ସହ ନେଇ ତୁରନ୍ତ ରାସ୍ତା ଡିମାର୍କେସନ ପୂର୍ବକ ବସ୍ତିବାସୀଙ୍କୁ ରାସ୍ତା ସୁବିଧା ଲାଗି ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷେ ଗତ ୨୩ ତାରିଖରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ କମଳପୁର ରଙ୍ଗାମାଟିଆ ବସ୍ତି ପରିଦର୍ଶନ କରିବା ଅବସରରେ ଏହି ସମସ୍ୟା ନେଇ ଅବଗତ ହୋଇଥିଲେ। ଏହାପରେ ସେ ମଧ୍ୟ ଅତି ଶୀଘ୍ର ରାସ୍ତା ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କଲୋନୀ ସାହିର କ୍ଷୀରସିନ୍ଧୁ ଦୀପ, ଶ୍ରୀଧର ବେହେରା, ପ୍ରଦୀପ ମହାନନ୍ଦିଆ, ଅରୁଣ ମହାନନ୍ଦିଆ, ନାରାୟଣ ବେହେରା, ଅଶୋକ ବେହେରା, ଅସିନ ପୋଢ଼, ସୁଶୀଳ ହଂସ, ଉପେନ୍ଦ୍ର ହଂସ ଓ ସାମ୍ବରୁ ବେହେରା ପ୍ରମୁଖ ସ୍ଥାନୀୟ ବିଧାୟକଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜଣାଇଛନ୍ତି।

## ତେଲନଦୀରୁ ବାଲି ଚୋରାଚାଲାଣ: ପ୍ରଶାସନ ଚୁପ୍

ଶଗଡ଼ା, ୨।୬(ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକରେ ଦୀର୍ଘ ୬୦ କିଲୋମିଟର ଦେଇ ପ୍ରବାହିତ ତେଲନଦୀ କଣ୍ଟାମାଳ ବ୍ଲକ ଓ ସୋନପୁର ବ୍ଲକର କିଛି ଗାଁ ଗୁଡ଼ିକର ଜୀବନ ରେଖା କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ଏହି ଦୁଇ ବ୍ଲକର ତେଲନଦୀ କୂଳରେ ଥିବା ଗାଁଗୁଡ଼ିକର ତେଲନଦୀ ଘାଟରୁ ବାଲି ମାଫିଆମାନେ ବୁଲଡୋଜର ସାହାଯ୍ୟରେ ଟ୍ରାକ୍ଟର, ହାଇୱାରେ ପ୍ରତିଦିନ ଶହ ଶହ ଟ୍ରିପ୍ ବାଲି ନ ଘୋଡାଇ ରାସ୍ତାରେ ଅତି ଦ୍ରୁତ ଗତିରେ ବେଫିକର ଭାବେ ନେବା ଆଣିବା କରୁଛନ୍ତି। ଏହାଫଳରେ ରାସ୍ତାରେ ଗୁଣ୍ଡ ଉଡି ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ତେଲନଦୀ ଉପରେ ବାଲି ମାଫିଆଙ୍କ ନଜର ପଡ଼ିଛି। ଦୈନନ୍ଦିନ ଏଠାରୁ ଶହ ଶହ ଟ୍ରିପ୍ ବାଲି ଚୋରାଚାଲାଣ ହେଉଛି। ବାଲି ଚୋରାଚାଲାଣ ହେବା ଯୋଗୁଁ ତେଲନଦୀର ଶଯ୍ୟା ନଷ୍ଟ ହେବା ସହ ଅନେକ ଖାଲଖମା ସୃଷ୍ଟି ହେଉଛି। ବେଆଇନ ବାଲି ଚାଲାଣ ଯୋଗୁଁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ହେଉଛି। ପ୍ରଶାସନ ଲୋକ ଦେଖାଣିଆ ଚଢ଼ଉ କରୁଛି। କିଛି ଜରିମାନା ଆଦାୟ କରି ଛାଡ଼ି ଦେଉଛି। ଏପରିକି ସୁବର୍ଣ୍ଣପୁର ଜିଲ୍ଲା ସଦର ବ୍ଲକ ହରଡଖୋଲ ପଞ୍ଚାୟତ (ବୈଦ୍ୟନାଥ) ଛତାପିପଲ ଘାଟରୁ ବାଲି ଚୋରାଚାଲାଣ ହୋଇ ହାଇୱା ସାହାଯ୍ୟରେ କଣ୍ଟାମାଳ ପଟକୁ ଯାଉଥିବା ଦେଖିବାକୁ ମିଳିଛି। ଏହାଫଳରେ ଗବଯୋର-ବୈଦ୍ୟନାଥ ଉପରେ ନିର୍ମାଣ ହୋଇଥିବା ସେତୁ ରାସ୍ତାର ଗବଯୋର ପଟର ଆପ୍ରୋଚ ରାସ୍ତା ଦବି ଯାଇଥିବା ଅଭିଯୋଗ ହୋଇଛି। ଏହି ସେତୁ ଉପରେ ଆବଶ୍ୟକତା ପରିମାଣରୁ ଅଧିକ ଓଜନ ବାଲି ହାଇୱା ଗାଡ଼ିରେ ଯାଉଥିବାରୁ ଅଳ୍ପ ଦିନ ମଧ୍ୟରେ ସେତୁଟି ଭାଙ୍ଗିଯିବାର ଆଶଙ୍କା ରହିଥିବା ସେତୁ ନିର୍ମାଣ ଦାୟିତ୍ୱରେ ଥିବା ଜଣେ କର୍ମଚାରୀ କହିଛନ୍ତି। ଦୀର୍ଘ ବର୍ଷ ହେବ ନଦୀରୁ ବାଲି ଚୋରାଚାଲାଣ ହେଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ବିଜୁ ପକ୍କା ଘର କିମ୍ବା ଆବାସ ଘର ନିର୍ମାଣ ପାଇଁ ସାଧାରଣ ଲୋକେ ଚଢ଼ା ଦରରେ ବାଲି ଆଣୁଥିବା ଅଭିଯୋଗ କରିଛନ୍ତି। ଅନେକ ବାଲିଘାଟ ଟେଣ୍ଡର ହୋଇ ନ ଥିବାବେଳେ ମାଫିଆମାନେ ବେଧଡକ ବାଲି ଚୋରାଚାଲାଣ କରୁଛନ୍ତି। ଲିଜ୍ ହୋଇଥିବା ସ୍ଥାନରେ ବିନା ରସିଦରେ ଆବଶ୍ୟକ ବାଲି ଉଠାଇବା ପରିବର୍ତ୍ତେ ଅଧିକ ବାଲି ଉଠୁଛି। ଏହା ଫଳରେ ପ୍ରଶାସନ ରାଜସ୍ୱ ହରାଇବା ସହ ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ତେବେ ଏ ସମ୍ପର୍କରେ ଜିଲ୍ଲା ଖଣି ଅଧିକାରୀ ଦିବ୍ୟଜ୍ୟୋତି ବେହେରାଙ୍କୁ ପଚାରିବାରୁ ସବୁ ଠିକ୍ ଠାକ୍ ଥିବା କହିଛନ୍ତି।

## କଳାକାରମାନେ ସମାଜର ଅମୂଲ୍ୟ ସମ୍ପଦ



ବୌଦ୍ଧ, ୨।୬(ସମିସ): ବୌଦ୍ଧ ଓ ହରଭଙ୍ଗା ବ୍ଲକ କଳା ଓ ସଂସ୍କୃତି ସଂଘର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ କଳାକାର ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର କଳା, ସଂସ୍କୃତି ଓ ଲୋକ ପରମ୍ପରାର ସୁରକ୍ଷା, ସଂରକ୍ଷଣ ଏବଂ ପ୍ରସାର କ୍ଷେତ୍ରରେ କଳାକାରଙ୍କ ଅବଦାନ ଅତୁଳନୀୟ। ସେମାନେ ଜିଲ୍ଲାର ଗୌରବ। କଳାକାରମାନେ ସମାଜର ଅମୂଲ୍ୟ ସମ୍ପଦ ବୋଲି ମତ ପ୍ରକାଶ ପାଇଛି। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ସଭାପତିତ୍ୱ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ସମାରୋହରେ ଜିଲ୍ଲାର ପ୍ରତିଷ୍ଠିତ କଳାକାର ଏବଂ ଶିଶୁ ଚିତ୍ରକର ସ୍ୱସ୍ତିକ ସୁଚିନ୍ତନ୍ ପ୍ରଧାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା କଳା ଓ ସଂସ୍କୃତି ଅଧିକାରୀ ଅଙ୍କିତା ସାହୁ, ତହସିଲଦାର ଅନିତା ସାହୁ, ହରଭଙ୍ଗା ବ୍ଲକ କଳା ଓ ସଂସ୍କୃତି ସଂଘର ଉପ-ସଭାପତି ବୈକୁଣ୍ଠ ମହାକୁଡ଼ ଏବଂ ବୌଦ୍ଧ ବ୍ଲକ କଳା ଓ ସଂସ୍କୃତି ସଂଘର ଉପ-ସଭାପତି ସ୍ୱାଧୀନ ପରିଡ଼ା ଯୋଗ ଦେଇଥିଲେ। କଳାକାର ଚନ୍ଦ୍ରକାନ୍ତ ନାୟକ ସଂଯୋଜନା କରିଥିବା ବେଳେ ସଂସ୍କୃତ ଶିକ୍ଷକ ତଥା ପାଲାଗୁରୁ କୃଷ୍ଣ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଇଦ୍‌ଗାହ ପଡ଼ିଆ ପାଚେରି ଭାଙ୍ଗିବା ପାଇଁ ୪୮ ଘଣ୍ଟାର ମହଲତ

## ପ୍ରଶାସନ ପକ୍ଷରୁ ଉଚ୍ଛେଦ ଚେତାବନୀ





ରାଉରକେଲା,୨।୬(ସମିସ)

ସ୍ଥାନୀୟ ପ୍ଲାଣ୍ଟସାଇଟ୍ ଥାନା ଅଧୀନ ମହତାବରୋଡ୍ ସ୍ଥିତ ଇଦଗାହ ପଡ଼ିଆକୁ ଅକ୍ତିଆର କରିବା ପାଇଁ ନିର୍ମାଣ କରାଯାଉଥିବା ବିଭାଗୀୟ ପାଚେରିକୁ ନିଜେ ନିଜେ ଭାଙ୍ଗି ନେବା ପାଇଁ ମୁସଲମାନ ସମ୍ପ୍ରଦାୟକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ୪୮ ଘଣ୍ଟା ମହଲତ ଦିଆଯାଇଛି । ଯଦି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେମାନେ ଉକ୍ତ ବେଆଇନ ପାଚେରିକୁ ଉଚ୍ଛେଦ ନ କରନ୍ତି, ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ନିର୍ମାଣାଧୀନ ବେଆଇନ ପାଚେରିକୁ ଭାଙ୍ଗି ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ଜାରି ଏକ ନୋଟିସରେ ଚେତାବନୀ ଦିଆଯାଇଛି ।

ସୂଚନାଯୋଗ୍ୟ ଯେ ପ୍ଲାଣ୍ଟସାଇଟ୍ ଥାନା ଅଧୀନ ମହତାବରୋଡ୍‌ସ୍ଥିତ ଇଦଗାହ ପଡିଆରେ ଇଦପର୍ବ ପାଳନବେଳେ ସାମୂହିକ ନମାଜପାଠ ପାଇଁ ମୁସଲମାନ ସମ୍ପ୍ରଦାୟଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ୧୯୮୨ ମସିହାରୁ ଉକ୍ତ ପଡିଆରେ ସେମାନେ ସାମୂହିକ ନମାଜ ପାଠ କରି ଆସୁଥିବା ବେଳେ ୧୯୯୩ ମସିହାରେ ଉକ୍ତ ପଡ଼ିଆକୁ ଅକ୍ତିଆର କରିବା ପାଇଁ ସେମାନେ ପ୍ରୟାସ କରିବାରୁ ବିବାଦ ହୋଇଥିଲା । ଯାହାକୁ ନେଇ ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି । ପରେ ଉକ୍ତ ପଡ଼ିଆରେ ପ୍ରଶାସନଠାରୁ ଅନୁମତି ନେଇ ନମାଜ ପାଠ କରି ପାରିବେ ବୋଲି କୁହାଯାଇଥିଲା । ସେହିଦିନ ଠାରୁ ଉକ୍ତ ପଡ଼ିଆରେ ସାମୂହିକ ନମାଜ ପାଠ ହୋଇ ଆସୁଥିଲା । ତେବେ ଗତ ଦୁଇଦିନ ପୂର୍ବେ ହଠାତ ଉକ୍ତ ପଡିଆକୁ ନିଜ ଅକ୍ତିଆରକୁ ନେବାପାଇଁ ପଡ଼ିଆ ସୀମାରେ ପାଚେରି ନିର୍ମାଣ କରାଯିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ସୀମା ପାଚେରି ନିର୍ମାଣକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଉଚ୍ଚବାଚ ପରେ ପରିସ୍ଥିତି ସମ୍ବେଦନଶୀଳ ହୋଇଥିଲା । ଯାହାକୁ ନେଇ ଉଗ୍ର ପରିସ୍ଥିତି ସୃଷ୍ଟି ହୋଇଥିଲା । ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ପ୍ଲାଣ୍ଟସାଇଟ୍ ଥାନା ପୁଲିସର ସମୟୋଚିତ ପଦକ୍ଷେପ ଯୋଗୁଁ ପାଚେରି ନିର୍ମାଣ କାର୍ଯ୍ୟ ଅଧାରୁ ବନ୍ଦ କରିଦିଆ ଯାଇଥିଲା । ତେବେ ପ୍ରଶାସନ ପକ୍ଷରୁ କାଗଜପତ୍ର ମଗାଯିବାରୁ ମୁସଲମାନ ସମ୍ପ୍ରଦାୟ କୌଣସି ବୈଧ କାଗଜପତ୍ର ଦେଖାଇ ପାରି ନ ଥିଲେ । ସେପଟେ ରାଉରକେଲା ତହସିଲପକ୍ଷରୁ ଜମିର ମାଲିକାନା ନେଇ ଯାଞ୍ଚ ପରେ ଉକ୍ତ ଜମି ଆରଏସପିର ବୋଲି ଜଣାପଡ଼ିଥିଲା । ଏବଂ ଆରଏସପି ମଧ୍ୟ ଉକ୍ତ ଜମିକୁ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗକୁ ଫେରାଇ ଦେଇଥିବା ସୂଚନା ମିଳିଛି । ସୁତରାଂ ବର୍ତ୍ତମାନ ଉକ୍ତ ଜମିର ମାଲିକ ହେଉଛନ୍ତି ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ । ତେଣୁ ଉକ୍ତ ଜମିକୁ ବେଆଇନ ଭାବେ କାହାକୁ ଅକ୍ତିଆର କରିବାକୁ ଦିଆଯିବ ନାହିଁ ବୋଲି କହିଛନ୍ତି ବିଜେପିର ବରିଷ୍ଠ ନେତା ତଥା ରାଜ୍ୟ ସମ୍ପାଦକ ଧୀରେନ ସେନାପତି କହିଛନ୍ତି । ଉକ୍ତ ନିର୍ମାଣାଧୀନ ବେଆଇନ ପାଚେରିକୁ ତୁରନ୍ତ ଉଚ୍ଛେଦ କରିବା ପାଇଁ ଧିରେନ ସେନାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି ।

ସେପଟେ ଉକ୍ତ ବିବାଦୀୟ ଜମିର ମାଲିକାନାକୁ କେନ୍ଦ୍ର କରି ଦୀର୍ଘ ଦିନ ଧରି ବିବାଦ ଲାଗି ରହିଛି । ଓରାମ ପଡ଼ାର ବାସିନ୍ଦା ମାଙ୍ଗରା ଓରାମ ଦାବି କରିଛନ୍ତି ଯେ ପ୍ରାୟ ୨ ଏକର ୯ ଡେସିମିଲ ପରିମିତ ଏହି ଜମି ତାଙ୍କର ପୈତୃକ ସମ୍ପତ୍ତି । ଏହି ଜମିକୁ ବେଆଇନ ଭାବରେ ଦଖଲ କରାଯାଇଛି ଏବଂ ସେ ଏବଂ ତାଙ୍କ ପରିବାର ବହୁ ଦଶନ୍ଧି ଧରି ଏହା ଉପରେ ଆଇନଗତ ଲଢ଼େଇ ଲଢୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ମାଙ୍ଗରା ଓରାମ କହିଛନ୍ତି ଯେ ମାମଲାଟି ୧୯୯୪ ମସିହାରୁ କୋର୍ଟରେ ବିଚାରାଧୀନ ରହିଛି । ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଏହି ପାଚେରି ନିର୍ମାଣକୁ ପ୍ରତିବାଦ କରାଯାଇ ଆଦିବାସୀ ସମ୍ପ୍ରଦାୟ ପକ୍ଷରୁ ମାଙ୍ଗରା ଓରାମ, ବିଜୟ ଓରାମ ଏବଂ ଅଜୟ ଓରାମଙ୍କ ସମେତ ବହୁ ସଂଖ୍ୟାରେ ଆଦିବାସୀ ଉକ୍ତ ସ୍ଥାନରେ ଏକତ୍ରିତ ହୋଇଥିଲେ । ବିଭିନ୍ନ ହିନ୍ଦୁ ସଂଗଠନ ସହିତ ଜଡିତ କର୍ମୀମାନେ ମଧ୍ୟ ଏକଜୁଟ ହୋଇ ପ୍ରତିବାଦରେ ସାମିଲ ହୋଇଥିଲେ । ଏପରିକି ନିୟମିତ ଭାବରେ ଜମିରେ ମିନି ଟ୍ରକ୍ ପାର୍କିଂ କରୁଥିବା ଡ୍ରାଇଭରମାନେ ମଧ୍ୟ ନିର୍ମାଣକୁ ବିରୋଧ କରିଥିଲେ ।

● ଅସ୍ତ୍ରୋପଚାରବେଳେ ମହିଳାଙ୍କ ଗୁପ୍ତାଙ୍ଗ ପୋଡ଼ିବା ଘଟଣା

## କ୍ଷମା ମାଗିଲେ ଡାକ୍ତର

ରାଉରକେଲା,୨।୬(ସମିସ): ସୁନ୍ଦରଗଡ଼ ସହରର ଏକ ନର୍ସିଂହୋମ୍‌ରେ ଜଣେ ମହିଳାଙ୍କ ପ୍ରସବ ପାଇଁ ଅସ୍ତ୍ରୋପଚାର ବେଳେ ଡାକ୍ତରଙ୍କ ସାଂଘାତିକ ତ୍ରୁଟି ଯୋଗୁଁ ମହିଳାଙ୍କ ସମ୍ବେଦନଶୀଳ ଅଙ୍ଗ ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା । ଏହି ଘଟଣାରେ ସମ୍ପୃକ୍ତ ଡାକ୍ତର କ୍ଷମା ମାଗିଥିବା ସୂଚନା ମିଳିଛି ।ସୂଚନା ମୁତାବକ ସୁନ୍ଦରଗଡ଼ ସହର ନୂଆପଡ଼ା ଅଞ୍ଚଳର ଆଶିଷ କୁମାର ପଣ୍ଡାଙ୍କ ପତ୍ନୀ ସୋନାଲି ଶତପଥୀଙ୍କ ଏପ୍ରିଲ ୨୦ ତାରିଖରେ ପ୍ରସବ ବେଦନା ହେବାରୁ ସୋନାଲି ସୁନ୍ଦରଗଡ଼ ଏମ୍‌ସିଏଚ୍‌ର ଡା. ପୁଷ୍ପମିତ୍ର ଭିତିରିଆଙ୍କ ପରାମର୍ଶ ନେଇଥିଲେ । ଡାକ୍ତର ତାଙ୍କୁ ତୁରନ୍ତ ଏକ ଘରୋଇ ନର୍ସିଂହୋମ୍‌କୁ ପଠାଇଥିଲେ । ସେଠାରେ ଅନ୍ୟଜଣେ ଡାକ୍ତରଙ୍କ ସହ ଡା.ଭିତିରିଆ ଅସ୍ତ୍ରୋପଚାର କରି ପ୍ରସବ କରାଇଥିଲେ । ତେବେ ଅସ୍ତ୍ରୋପଚାର ବେଳେ କଟର୍ ମେସିନରୁ ତାଙ୍କ ତଳିପେଟ ଓ ସମ୍ବେଦନଶୀଳ ଅଙ୍ଗ ଗୁରୁତର ଭାବେ ପୋଡ଼ି ଯାଇଥିଲା । କିନ୍ତୁ ଏ ବିଷୟରେ ରୋଗୀଙ୍କୁ ନ ଜଣାଇ ତାଙ୍କୁ ଡିସଚାର୍ଜ କରିଦିଆ ଯାଇଥିଲା । ଘରକୁ ଫେରିବା ପରେ ମହିଳାଙ୍କର ପ୍ରବଳ ପୋଡ଼ାଜଳା ହେବାରୁ ସେ ପୁଣି ଡାକ୍ତରଙ୍କ ପାଖକୁ ଯାଇଥିଲେ । ଡାକ୍ତର କେବଳ ଡ୍ରେସିଂ ଓ ଔଷଧ ଦେଇ ଛାଡ଼ିଥିଲେ । ଯନ୍ତ୍ରଣା ନ କମିବାରୁ ବ୍ୟାଣ୍ଡେଜ୍ ଖୋଲିବା ପରେ ପୂରା ଅଙ୍ଗ ପୋଡ଼ି ଯାଇଥିବା ଦେଖିବାକୁ ପାଇଥିଲେ । ଏହାପରେ ସେ ଡାକ୍ତରଙ୍କୁ ପଚାରିବାରୁ ସେ ତାଙ୍କ ତ୍ରୁଟି ସ୍ୱୀକାର କରିବା ସହ ଏଥିପାଇଁ ତାଙ୍କୁ କ୍ଷମା ମାଗିଥିଲେ । ଏନେଇ ସୋନାଲିଙ୍କ ସ୍ୱାମୀ ଆଶିଷ ଟାଉନ ଥାନାରେ ଏତଲା ଦେଇଥିଲେ, ଯାହାର ତଦନ୍ତ କରୁଛି ପୁଲିସ । ସେପଟେ ଘଟଣାର ତଦନ୍ତ କରୁଥିବା ଅଧିକାରୀ ଡା. ଶିବାଶିଷ ମହାରଣା କହିଛନ୍ତି, ପୀଡିତାଙ୍କ ସମ୍ବେଦନଶୀଳ ଅଙ୍ଗ ଗୁରୁତର ଭାବେ ପୋଡ଼ି ଯାଇଛି, ଯାହା ସୁସ୍ଥ ହେବା ପାଇଁ ବହୁ ଦିନ ଲାଗିବ । ପୀଡ଼ିତା ସୋନାଲି ଏବେ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ପୀଡ଼ିତା ଓ ତାଙ୍କ ପରିବାର ଡାକ୍ତରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଓ ନ୍ୟାୟ ଦାବି କରିଛନ୍ତି ।

## ଆଦର୍ଶ ଯୁବ ପରିଷଦର ନୂତନ କର୍ମକର୍ତ୍ତା ଚୟନ

ରାଉରକେଲା,୨।୬(ସମିସ): ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଆଦର୍ଶ ଯୁବ ପରିଷଦ' ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ଏହି ଅନୁଯାୟୀ ନୂତନ କମିଟିର ସଭାପତି ଭବେ ବରଦା ପ୍ରସନ୍ନ ଦାସ ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ସୁଧାଂଶୁ ଶେଖର ରାଉତ, ଉପସଭାପତି ସିଦ୍ଧାର୍ଥ ଦ୍ୱିବେଦୀ, ସାଧାରଣ ସମ୍ପାଦକ ସତ୍ୟସୁନ୍ଦର ପାତ୍ର, ଯୁଗ୍ମ ସମ୍ପାଦକ ଅର୍ଚ୍ଚନା ସାହୁ, ଉମେଶ ଚନ୍ଦ୍ର ଷଡ଼ଙ୍ଗୀ, ସାଙ୍ଗଠନିକ ସମ୍ପାଦକ ସସ୍ମିତା ଦାସ, ସାଂସ୍କୃତିକ ସମ୍ପାଦକ ସରୋଜ ଷଡ଼ଙ୍ଗୀ, ଶିକ୍ଷା ସମ୍ପାଦକ ଧନଞ୍ଜୟ ଦଣ୍ଡପାଟ, କ୍ରୀଡ଼ା ସମ୍ପାଦକ ସୁନନ୍ଦା ପାତ୍ର, ଆଇଟି ସମ୍ପାଦକ ଅଂଶୁମାନ ପାତ୍ର, କୋଷାଧ୍ୟକ୍ଷ ସୌମ୍ୟରଞ୍ଜନ ଭାଲା, ହିସାବ ନିରୀକ୍ଷକ ଶୈଳେନ୍ଦ୍ର ରାଉତ, ଆଇନ୍ ଉପଦେଷ୍ଟା ଦୀପକ ରଞ୍ଜନ ଦାସ, ସଂଯୋଜକ ମନୋଜ ନାୟକ, ସହ-ସଂଯୋଜକ ବିଘ୍ନେଶ୍ୱର କବି, କାର୍ଯ୍ୟାଳୟ ସମ୍ପାଦକ ଭାବେ ସୁଚିତ୍ରା ପାଣି ଓ ବନଲତା ବେହେରା ପ୍ରମୁଖ ମନୋନୀତ ହୋଇଥିବା ସୂଚନା ମିଳିଛି । ସେହିପରି ଶେଷ ବଘାର, ଲଳିତ ମହାରଣା, ଅଜିତା ପ୍ରଧାନ, ଅଞ୍ଜଳି ବେହେରା, ଦୈତାରୀ ସାହୁ, ସୁରେନ୍ଦ୍ର ସ୍ୱାଇଁଙ୍କ ସମେତ ଅନ୍ୟମାନେ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପରିଷଦର ତାର ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହ ୧୨ତମ ରାଜ୍ୟସ୍ତରୀୟ ରଜ ମଉଜ-୨୦୨୬ ଚଳିତ ମାସ ୭, ୧୦ ଓ ୧୨ ତାରିଖରେ ଆନୁଷ୍ଠାନିକ ଭାବେ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।

## ଆର୍‌ଏସ୍‌ପି ଇଆରଡବ୍ଲ୍ୟୁ ପାଇପ୍ ପ୍ଲାଣ୍ଟ ପକ୍ଷରୁ ଉତ୍କୃଷ୍ଟ ପ୍ରଦର୍ଶନ

ରାଉରକେଲା,୨।୬(ସମିସ):ରାଉରକେଲା ଇସ୍ପାତ କାରଖାନାର ଇଲେକ୍ଟ୍ରିକ୍ ରେଜିଷ୍ଟାନ୍ସ ୱେଲ୍ଡେଡ୍ ପାଇପ୍ ପ୍ଲାଣ୍ଟ (ଇଆରଡବ୍ଲ୍ୟୁ) ଉଲ୍ଲେଖନୀୟ ପ୍ରଦର୍ଶନ ସହିତ ଆର୍ଥିକ ବର୍ଷ ୨୦୨୫-୨୬ର ସମାପ୍ତି କରି ଉତ୍ପାଦ ବିକାଶ ଏବଂ ବଜାର ସମ୍ପ୍ରସାରଣ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି । ଏହି ୟୁନିଟ୍ ୧୨ ବର୍ଷର ବ୍ୟବଧାନ ପରେ ଏପିଆଇ ଗ୍ରେଡ୍ ପାଇପ୍ ଉତ୍ପାଦନର ଏକ ଐତିହାସିକ ପୁନରୁଦ୍ଧାର ହାସଲ କରିଛି । ମାତ୍ର ୭ ଦିନ ମଧ୍ୟରେ ପ୍ରାୟ ୮.୨ କିଲୋମିଟରର ଏପିଆଇ ୫ଏଲ ଆକ୍ସ-୫୨ ପିଏସ୍‌ଏଲ୍-୧ ପାଇପ୍ ସଫଳତାର ସହ ଉତ୍ପାଦନ ଓ ପ୍ରେରଣ କରିଛି । ଏହି ଉତ୍ପାଦନ ପ୍ରକ୍ରିୟା ପ୍ରାୟ ୯୯%ର ଚମତ୍କାର ଉତ୍ପାଦନ କ୍ଷମତା ଏବଂ ୮୦% ରୁ ଅଧିକ ନିର୍ଦ୍ଦିଷ୍ଟ-ଲମ୍ବ ଅନୁପାଳନ ପ୍ରଦାନ କରିଛି, ଯାହା ପ୍ରାୟ ୧୧୧.୫ ଲକ୍ଷ ଟଙ୍କାର ଆର୍ଥିକ ଲାଭ ଆଣିଦେଇଛି । ଏହି ସଫଳତା ନୂତନ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିଛି ଏବଂ ପ୍ରାୟ ୨୧୨ ଲକ୍ଷ ଟଙ୍କାର ଲାଭ ପ୍ରଦାନ କରିଛି । ପ୍ଲାଣ୍ଟ ଓପିଜିସିଏଲକୁ ପ୍ରାୟ ୮ କିଲୋମିଟରର ୪୦୬.୪ ମିମି ୧୨ ମିମି ଏଫ.ଇ -୪୧୦ ପାଇପ୍ ଯୋଗାଇ ନିଜର ବୃହତ-ବ୍ୟାସ୍ ବିଶିଷ୍ଟ ପାଇପ ଲାଇନ କ୍ଷମତାକୁ ଆହୁରି ମଜଭୁତ କରିଛି, ଯାହା ଉଚ୍ଚ ଗଭୀରତାରୁ ବ୍ୟାସ ଅନୁପାତ ପ୍ରୟୋଗ ପାଇଁ କଠୋର ଗୁଣବତ୍ତା ନିୟନ୍ତ୍ରଣ ଆବଶ୍ୟକତାକୁ ପୂରଣ କରିଛି । ଏହି ଯୋଗାଣ ଅର୍ଡର ପ୍ରାୟ ୧୮୫ ଲକ୍ଷଟଙ୍କାର ଆର୍ଥିକ ଲାଭ ଆଣିଦେଇଛି । ତିନୋଟି ପ୍ରମୁଖ ପଦକ୍ଷେପରୁ ମିଳିଥିବା ମିଳିତ ଆର୍ଥିକ ଲାଭର ପରିମାଣ ପ୍ରାୟ ୫୦୮.୫ ଲକ୍ଷ ଟଙ୍କା ଅଟେ । ଏହି ସମସ୍ତ ରଣନୀତିକ ବିକାଶ ସହିତ, ରାଉରକେଲା ଇସ୍ପାତ କାରଖାନା ସମଗ୍ର ଭାରତରେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ଜାତୀୟବିକାଶ ପ୍ରକଳ୍ପଗୁଡ଼ିକ ପାଇଁ ଉନ୍ନତ ଷ୍ଟିଲ୍ ପାଇପ୍ ଉତ୍ପାଦର ଏକ ପସନ୍ଦଯୋଗ୍ୟ ଯୋଗାଣକାରୀ ଭାବରେ ନିଜକୁ ସ୍ଥାପିତ କରିବା ଜାରି ରଖିଛି ।

## ରଘୁନାଥପଲ୍ଲୀ କ୍ଷେତ୍ରରେ ମନ୍ କି ବାତ୍ କାର୍ଯ୍ୟକ୍ରମ

ରାଉରକେଲା,୨।୬(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମକୁ ଏଲ୍‌ଇଡି ମାଧ୍ୟମରେ ଶୁଣିବା ପାଇଁ ସେକ୍ଟର-୧୮ ସ୍ଥିତ ଉପହାର ହଲ୍‌ରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କ ଆୟୋଜନରେ ଏହି କ୍ଷେତ୍ରର ନେତୃବୃନ୍ଦ ଓ କର୍ମୀ ଏକତ୍ରିତ ହୋଇଥିଲେ । ଆକାଶବାଣୀ ଜରିଆରେ ପୂର୍ବାହ୍ନ ୧୧ଟା ସମୟରେ ପ୍ରଚାରିତ ହେବାମାତ୍ରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଯୋଗ ଦେଇଥିଲେ । ମନ କି ବାତରେ ପ୍ରଧାନମନ୍ତ୍ରୀ ମୋଦୀ ଭାରତର କ୍ରୀଡ଼ା କ୍ଷେତ୍ରର ସଫଳତା ଏବଂ ଦକ୍ଷତା ବିଷୟରେ ଆଲୋଚନା କରିଥିଲେ । ସେ ଦେଶୀୟ ପାନୀୟ, ଜ୍ଞାନ ଭାରତମ୍ ଅଭିଯାନ, ଖଗୋଳ ବିଜ୍ଞାନ, ଗଙ୍ଗା ଡଲଫିନ୍ ସଂରକ୍ଷଣ, ସ୍ୱଚ୍ଛତା ଏବଂ ଦାନର ଗୁରୁତ୍ୱ ପରି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ମଧ୍ୟ ମତ ପ୍ରକାଶ କରିଥିଲେ । ରାଜ୍ୟ ସମ୍ପାଦକ ରାମ ଚନ୍ଦ୍ର ହାଁସଦା, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ, ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା, ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଜିଲ୍ଲା ଉପସଭାପତି ସତ୍ୟପ୍ରିୟ ସାହୁ, ଜିଲ୍ଲା ସମ୍ପାଦକ ସନ୍ତୋଷ ବିରାଟ, ଜିଲ୍ଲା ସମ୍ପାଦିକା ନମ୍ରତା ବାଗ, ବରିଷ୍ଠ ନେତା ମୁରଲୀ ଗୌଡ଼ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।



## ଦିନରେ କୃଷକ ବଜାର; ରାତିରେ ନିଶାସକ୍ତଙ୍କ ଆଡ୍ଡା





ପୁଲିସ ଓ ପ୍ରଶାସନ ନିଦାବିଷ୍ଟୁ

ବଣାଇଁ,୨।୬(ସମିସ): ବଣାଇଁ ଅଞ୍ଚଳର କୃଷକମାନଙ୍କ ହିତ ପାଇଁ ପୁରୁଣା ଡେଲି ମାର୍କେଟଠାରେ ଆରଏମ୍‌ସି ପକ୍ଷରୁ ୬ଟି ଦୋକାନ ଘର ନିର୍ମାଣ କରି ପରବର୍ତ୍ତୀ ସମୟରେ ତଞ୍ଚକତା କରି ବ୍ୟବସାୟୀମାନଙ୍କୁ ଟେକି ଦେଇଥିଲା ଆର୍‌ଏମ୍‌ସି । ଫଳରେ କୃଷକମାନେ ଖରା ବର୍ଷାରେ ରାସ୍ତାକଡ଼ରେ ବସି ନିଜର କୃଷିଜାତ ଦ୍ରବ୍ୟ ବିକ୍ରି କରିବାକୁ ବାଧ୍ୟ ହୋଇଥିଲେ । ପରେ କୃଷକ ବଜାର ପାଇଁ ଦାବି ଜୋରହେବାରୁ କଚେରି ଛକ ନିକଟରେ ଦୁଇଟି ପିଣ୍ଡି ସହ ଉପରେ ସେଡ ନିର୍ମାଣ ହୋଇ କୃଷକ ବଜାର ଉଦ୍‌ଘାଟିତ ହୋଇଥିଲା । । କିନ୍ତୁ ସେହି କୃଷକ ବଜାର ଏବେ ମଦୁଆଙ୍କ ଆ‡ାସ୍ଥଳୀ ପାଲଟିଛି । ରାତି ହେବାମାତ୍ରେ ନିକଟ ମଦଦୋକାନରୁ ମଦକିଣି ବଜାର ପିଣ୍ଡି ଉପରେ ବସି ମଦ୍ୟପାନ କରୁଛନ୍ତି । ଯାହାଫଳରେ କୃଷକ ବଜାର ଏବେ ଅସାମାଜିକଙ୍କ ଆ‡ାସ୍ଥଳୀ ପାଲଟିଥିବା ଦେଖିବାକୁ ମିଳିଛି । ପୁଲିସ କିମ୍ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ କୃଷକ ବଜାର ସମେତ ପାଠାଗାର ନିକଟରେ ମଦୁଆମାନେ ନିର୍ବିଘ୍ନରେ ଏସବୁ ଅସାମାଜିକ କାର୍ଯ୍ୟକଳାପ କରୁଛନ୍ତି । ରାତି ହେବାମାତ୍ରେ ଏଠାରେ ମଦୁଆଙ୍କ ଭିଡ଼ ଜମୁଛି । ମଦବେପାର ଭଲ ହେଉଥିବାରୁ ଦୋକାନୀ ମଧ୍ୟ ସେମାନଙ୍କୁ ବାରଣ କରୁନାହାନ୍ତି । ଯାହା ଫଳରେ ରାତିରେ ଏସବୁ ଅଞ୍ଚଳରେ ଲୋକେ ସୁରକ୍ଷିତ ମଣୁନାହାନ୍ତି । ଆଗଭଳି ଚାଷୀ ମାନେ ଆସୁନଥିବାରୁ କୃଷକ ବଜାର ଏବେ ଖାଁ ଖାଁ ଲାଗୁଛି । ଫଳରେ ତାଜା ପନିପରିବା ଗଣ୍ଡେ ପାଇବାକୁ ବଣାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି । ତା ସହିତ ବିଦେଶୀ ମଦ ଦୋକାନ ନିକଟରୁ ମାତ୍ର ୨୦୦ ମିଟର ଦୂରତାରେ ସରକାରୀ ବାଳିକା ବିଦ୍ୟାଳୟ ରହିଛି । ଛାତ୍ରଛାତ୍ରୀମାନେ ସ୍କୁଲ ଯିବା ଆସିବା କରିବା ସମୟରେ ମଦୁଆଙ୍କ ସାମ୍ନାସାମ୍ନି ହୋଇ ସଂକୋଚ ମନେ କରୁଛନ୍ତି । ଏନେଇ ଏହି ମଦଦୋକାନ ସ୍ଥାନାନ୍ତର କରିବା ପାଇଁ ଅନେକଥର ଦାବି ହୋଇ ଆସୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କୌଣସି ଧ୍ୟାନ ଦେଉ ନ ଥିବାରୁ ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି ହେଉଛି । ତେଣୁ ସ୍ଥାନୀୟ କୃଷକମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର କରିବା ପାଇଁ ଜନସାଧାରଣରେ ଦାବି ହେଉଛି ।

## ପୁଲିସ ଆସୋସିଏସନ୍ ତରଫରୁ ସ୍ୱାସ୍ଥ୍ୟ ଶିବିର




ରାଉରକେଲା,୨।୬(ସମିସ): ଅବସରପ୍ରାପ୍ତ ପୁଲିସ ଅଫିସର୍ସ ଆସୋସିଏସନ ରାଉରକେଲା ତରଫରୁ ସାଧାରଣ ସମ୍ପାଦକ ଡ.ସୁମନ ଦତ୍ତଙ୍କ ନେତୃତ୍ୱରେ ହୃଦରୋଗର ନିରାକରଣ ଓ ଚିକିତ୍ସା ସମ୍ବନ୍ଧୀୟ ଏକ ସ୍ୱାସ୍ଥ୍ୟ ଶିବିର ଛେଣ୍ଡ ଥାନା ପରିସରରେ ଥିବା ବରିଷ୍ଠ ନାଗରିକ ସହାୟତା କେନ୍ଦ୍ରରେ ଅନୁଷ୍ଠିତ ହୋଇଛି । ମୁମ୍ବାଇର ଜଗତ ଜୀବନ ରାମ ରେଳବାଇ ହସ୍ପିଟାଲର କାର୍ଡିଓଲୋଜିଷ୍ଟ ବିଭାଗର ନିର୍ଦ୍ଦେଶକ ଡା. ସୁଶୀଲ କୁମାର ରାଉଳ ଏହି ଶିବିରରେ ଯୋଗଦେଇ ହୃଦଘାତର କାରଣ, ସେହି ସମୟରେ ପ୍ରାଥମିକ ଚିକିତ୍ସା, ତାର ନିରାକରଣ ବିଷୟରେ ଉଦାହରଣ ଦେଇଥିଲେ । ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପର୍ସନାଲ ବିଭାଗର ମୁଖ୍ୟ ଶିବାଶିଷ ତ୍ରିପାଠୀଙ୍କ ସହ ଅନ୍ୟାନ୍ୟ ମେଡିକାଲ ଷ୍ଟାଫମାନେ ଏହି ଶିବିରରେ ରକ୍ତ ପରୀକ୍ଷା, ଇସିଜି, ଓଜନ, ରକ୍ତଚାପ ଆଦି ମାପିବା ସହ ଡାକ୍ତରଙ୍କୁ ଚିକିତ୍ସାରେ ସହାୟତା କରିଥିଲେ ।

ଡା. ଶିଶିର କୁମାର ରାଉଳ ଆମ ପୁଲିସ ପରିବାରର ସଦସ୍ୟ ହୋଇଥିଲା ବେଳେ ଛେଣ୍ଡରେ ତାଙ୍କର ବଡ଼ଭାଇ ଅବସରପ୍ରାପ୍ତ ପୁଲିସ ଅଫିସର ଖଗେଶ୍ୱର ରାଉଳ ସପରିବାର ରହୁଛନ୍ତି । ବରିଷ୍ଠ ନାଗରିକ ସହାୟତା କେନ୍ଦ୍ରର ସଭାପତି ମହେନ୍ଦ୍ର ମହାନ୍ତି, ଗିରିଜା ଗୋସ୍ୱାମୀ, ଏସଆଇ ମହେନ୍ଦ୍ର ସାହୁ ଓ ଅନ୍ୟମାନେ ଶିବିର ପରିଚାଳନାରେ ସହାୟତା କରିଥିଲେ । ଶିବିରରେ ଆସୋସିସନର ସଭାପତି ବିଶ୍ୱମୋହନ ପଟ୍ଟନାୟକ ଯୋଗ ଦେଇ ଡା ରାଉଳଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ଆହୁରି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିବା ପାଇଁ ଆହ୍ୱାନ ଦେଇଥିଲେ । ଆସୋସିଏସନ ତରଫରୁ ଡ଼ା ରାଉଳଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା ।

ଆସୋସିଏସନର ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ସାହୁ, ଖଗେଶ୍ୱର ରାଉଳ, ସୁବାସ ବିଶ୍ୱାଳ, ଗୟାଧର ବାରିକ, ଆଦିକନ୍ଦ ନାୟକ, ଖଗେଶ୍ୱର ବାରିକ ସହାୟତା କରିଥିଲେ । ବରିଷ୍ଠ ନାଗରିକ ସଂଘର ସମ୍ପାଦକ ବିଜୟ ବରାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆର୍‌ଆଇକେକେଏସ୍‌ର ଗଣ ବିକ୍ଷୋଭ

ରାଉରକେଲା, ୨।୬(ସମିସ)




ବିଭିନ୍ନ ଦାବିନେଇ ଆରଆଇକେକେଏସ୍ ପକ୍ଷରୁ ଭାରତୀୟ ମଜଦୁର ସଂଘରର ଅଖିଳ ଭାରତୀୟ ନେତା ତଥା ଇସ୍ପାତ ସହ ପ୍ରଭାରୀ ହିମାଂଶୁ ବଳଙ୍କ ନେତୃତ୍ୱରେ ଗଣ ବିକ୍ଷୋଭ ହୋଇଥିଲା । ବିଗତ କିଛିମାସ ଧରି ଆରଏସପିର ଉତ୍ପାଦନ, ଉତ୍ପାଦକତା, ଲାଭ ସବୁଥିରେ ଅଗ୍ରଗତି କରିଥିଲେ ମଧ ଏହାର ପ୍ରତିକାର ପ୍ରଭାବ ଆରଏସ୍‌ପି କର୍ମଚାରୀଙ୍କ ଉପରେ ପଡ଼ିଛି ବୋଲି ନେତୃବୃନ୍ଦ ଅଭିଯୋଗ କରିଥିଲେ । ସେମାନଙ୍କର ଅଭିଯୋଗ ମୁତାବକ ଆର୍‌ଏସ୍‌ପି ପ୍ରଗତି କରୁଥିବାବେଳେ କର୍ମଚାରୀଙ୍କୁ ଅଧିକ ସୁବିଧା ସୁଯୋଗ ମିଳିବା ପରିବର୍ତ୍ତେ ସେମାନଙ୍କର ହକ୍ ଛିଣ୍ଡାଇ ନିଆଯାଉଛି । ପ୍ରତିଦିନ ଶ୍ରମିକର କିଛି ନା କିଛି ମିଳୁଥିବା ସୁବିଧାକୁ କାଟି ଦିଆଯାଉଛି ଓ କର୍ମଚାରୀଙ୍କ ସନ୍ତାନସନ୍ତତିଙ୍କ ପାଇଁ ଉଦ୍ଦିଷ୍ଟ ସ୍କୁଲକୁ ଘରୋଇକରଣ କରି ପିଲାଙ୍କର ସ୍କୁଲ ଫି'କୁ ୪୦ ଗୁଣ ବୃଦ୍ଧି କରି କରାଯାଇଛି । ଆଇଜିଏଚ୍‌ରେ ରୋଗୀଙ୍କ ମିଲ୍‌କୁ ୧୪ ଗୁଣ ବୃଦ୍ଧି କରାଯାଇଛି । ମାଗଣା ଥିବା ଭୋକେସନାଲ ଟ୍ରେନିଂ ଫି'କୁ ମାସକୁ ୧୫୦୦ ଟଙ୍କା କରାଯାଇଛି । ଲାଇସେନ୍ସ ଆଧାରରେ ଜରାଜୀର୍ଣ୍ଣ ଘରକୁ ନେଇଥିବା ଅବସରପ୍ରାପ୍ତ କର୍ମଚାରୀମାନେ ସମ୍ପ୍ରସାରଣ କରିଥିବାରୁ ତାକୁ ଉଚ୍ଛେଦ ପାଇଁ କର୍ତ୍ତୃପକ୍ଷଙ୍କ ନୋଟିସ ଜାରି କରିବା ଅଗଣତାନ୍ତ୍ରିକ । କ୍ୱାର୍ଟର୍ସ ଛାତରୁ ପାଣି ଗଳୁଥିବା ବେଳେ ମେଣ୍ଟେନାନ୍ସ କରାଯାଉନି । କିଛିଦିନ ତଳେ ୨୩ ଜଣ ଟାଉନସିପର କର୍ମଚାରୀଙ୍କୁ ପ୍ଲାଣ୍ଟ ଭିତରକୁ ବଦଳି କରା ଯାଇଛି । ସେପଟେ ଶ୍ରମିକର ୩୯ ମାସର ଝାଳ ବୁହା ଧନ ଏରିୟରକୁ କର୍ତ୍ତୃପକ୍ଷ ଦେବା ନାଁ ଧରୁ ନାହାଁନ୍ତି । ବର୍ଣ୍ଣ ଆଇଏଲ ଆଣ୍ଡଡିରେ ଟ୍ରେନିଂରେ ଚାଲିଥିବା ମିଲ୍‌କୁ ବନ୍ଦ କରିଦିଆଯାଇଛି ।

ଏହି ଗଣ ବିକ୍ଷୋଭରେ ଭାରତୀୟ ମଜଦୁର ସଂଘର ସୁନ୍ଦରଗଡ଼ ଜିଲ୍ଲା ପ୍ରଭାରୀ ରାଜେନ୍ଦ୍ର ନାଥ ମହନ୍ତ , ଆରଆଇକେକେଏସର ଅଧ୍ୟକ୍ଷ ପ୍ରଦୋଷ ପଣ୍ଡା, ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟା ସମିତା ମିଶ୍ର, ରଞ୍ଜିତା ଜେନା, ରିତାରାଣୀ ସ୍ୱାଇଁ, ଅନୁଆରୀ ବେଗମ, ସଞ୍ଜୀବ ପତି, ମାନସ ଦାସ, ଉମାକାନ୍ତ ସାମଲ, ରାଜେଶ ଦାସ, ପ୍ରଦୀପ ସାହୁ, ଅମର ଯୈସ୍ୱଲ, ଲଳିତ ସୁନ୍ଦର ଜେନା, ବିକାଶ ପ୍ରଧାନ, ଶ୍ରୀଧର ବେହେରା, ସମର ମହନ୍ତ, ଜନକର ସେଠୀ, ଦୀପକ କୁମାର, ପିନାକୀ ମହାନ୍ତି, ଶ୍ରୀଧର ବିଦ୍ଧାଣି, ନିରଞ୍ଜନ ପଟେଲ, ସୁଶୀଲ ସେଠୀ, ତ୍ରିଲୋଚନ ନାୟକ, ସୁଭାଷ ପାଢ଼ୀ, କାଳିଚରଣ ଦାସ, ସୁକାନ୍ତ ଦାସ, ଦୀନବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ୫ରେ ବକ୍ସିଂ ଖେଳାଳି ଚୟନ

ରାଉରକେଲା,୨।୬(ସମିସ):ସୁନ୍ଦରଗଡ଼ର ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଭବାନୀଭବନ ଖେଳ ପଡ଼ିଆରେ ଜୁନ୍ ୫ ତାରିଖ ସକାଳ ୮ ଟାରେ ସୁନ୍ଦରଗଡ଼ ଜିଲ୍ଲା ଉପକନିଷ୍ଠ ବର୍ଗର ଉଭୟ ପୁଅ ଏବଂ ଝିଅଙ୍କର ବକ୍ସିଂ ଖେଳ ପାଇଁ ଚୟନ ପ୍ରକ୍ରିୟା ହେବ । ଏନେଇ ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ପ୍ରଭାତ ଭୋଳ ସୂଚନା ଦେଇଛନ୍ତି । ଖେଳାଳିମାନେ ତାଙ୍କର ଜନ୍ମଗତ ପ୍ରମାଣପତ୍ର, ଆଧାରକାର୍ଡ, ଦୁଇଟି ପାସପୋର୍ଟ ଫୋଟୋ ଓ ଫିଟନେସ୍ ସାର୍ଟିଫିକେଟ ସାଙ୍ଗରେ ଆଣିବାକୁ କୁହାଯାଇଛି । ସେମାନଙ୍କ ବୟସ ୧ ଜାନୁଆରୀ ୨୦୧୨ରୁ ୩୧ ଡିସେମ୍ବର ୨୦୧୩ ମଧ୍ୟରେ ହୋଇଥିବା ଉଚିତ୍ । ସୂଚନାଯୋଗ୍ୟ ଯେ ମନୋନୀତ ଜିଲ୍ଲା ଦଳ ଜୁନ୍ ୮ ଓ ୯ ତାରିଖ ଦିନ ରାଉରକେଲା ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ହେବାକୁ ଥିବା ରାଜ୍ୟସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ଭାଗନେବେ ।

ADMISSION OPEN FOR 2026-27
LOWEST COURSE FEE, BEST RESULT
SRI RAM HIGHER SECONDARY SCHOOL
+2 ARTS
Just Pay 5000/- & Take Admission
Contact: 9777369838 9861284719
SRI RAM SCHOOL & COLLEGE OF NURSING
ANM GNM & BSc. Nursing
Contact:9438671719, 9556245445
SOHELA, DIST.- BARGARH (ODISHA), PH: 9437393719
STIPEND FOR ST/SC & OBC STUDENTS

## ଶ୍ରେୟନେବାକୁ ଲୋକାର୍ପିତ ପ୍ରକଳ୍ପକୁ ପୁଣି ଉନ୍ମୋଚନ : ଦୀପାଳି



ଝାରସୁଗୁଡ଼ା,୨।୬(ସମିସ): ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଦ୍ୱାରା ସୋମବାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନକୁ ନେଇ ବିବାଦ ଦେଖିବାକୁ ମିଳିଛି। ଉଦ୍‌ଘାଟନ କରାଯାଇଥିବା ପ୍ରକଳ୍ପ ଗୁଡ଼ିକରେ ୨୦୨୫ ଡିସେମ୍ବର ୨୦ ତାରିଖ ରହିଥିବାବେଳେ ରାଜ୍ୟ ପୂର୍ତ୍ତ ଓ ନିର୍ମାଣ ବିଭାଗ ପକ୍ଷରୁ ନିର୍ମିତ ମଧ୍ୟ ହୋଇ ସାରିଥିବା ଏବଂ ପୂର୍ବରୁ ଲୋକାର୍ପିତ ପ୍ରକଳ୍ପଗୁଡ଼ିକୁ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ପୁନର୍ବାର ଶନିବାର ଉନ୍ମୋଚନ କରିଛନ୍ତି। ଏହା ଝାରସୁଗୁଡ଼ାର ଜନସାଧାରଣଙ୍କ ସହିତ ଏହା ପ୍ରତାରଣା ବୋଲି ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ କହିଛନ୍ତି। ଏହା ଝାରସୁଗୁଡ଼ାର ଜନସାଧାରଣଙ୍କ ସହ ସିଧାସଳଖ ଧୋକାବାଜି ଓ ପ୍ରତାରଣା ବୋଲି ସେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ; ସୋମବାର ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଦ୍ୱାରା କୋଲାବିରା ବ୍ଲକର ବିଭିନ୍ନ ରାସ୍ତା ତଥା ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକ ଉଦ୍‌ଘାଟିତ ହୋଇଥିଲା। ଦିପାଳୀ ଦାସ କହିଛନ୍ତି ୨୦୨୫ ଡିସେମ୍ବର ୨୦ ତାରିଖରେ ଏହି ପ୍ରକଳ୍ପ ଗୁଡ଼ିକ ଲୋକାର୍ପିତ ହୋଇସାରିଥିବା ଫଳକରେ ଉଲ୍ଲେଖ ରହିଛି।

ବିଗତ ଦୁଇବର୍ଷ ମଧ୍ୟରେ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ କୌଣସି ନୂତନ ଜନମଙ୍ଗଳକାରୀ ପ୍ରକଳ୍ପ କିମ୍ବା ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଯେଉଁ ସବୁ କାର୍ଯ୍ୟ ପୂର୍ବରୁ ରାଜ୍ୟ ପୂର୍ତ୍ତ ଓ ନିର୍ମାଣ ବିଭାଗ ପକ୍ଷରୁ ସମ୍ପନ୍ନ ହୋଇସାରିଛି, ତାହାକୁ ହିଁ ନିଜର ବୋଲି ଦେଖାଇ ବିଧାୟକ ବାହାବା ନେବାକୁ ଚେଷ୍ଟା କରୁଛନ୍ତି। ପୂର୍ବରୁ ଲୋକାର୍ପିତ ପ୍ରକଳ୍ପକୁ ପୁଣିଥରେ ଉନ୍ମୋଚନ କରି ଜନସାଧାରଣଙ୍କ ଟିକସ ଟଙ୍କାରେ ଆଡ଼ମ୍ବରପୂର୍ଣ୍ଣ ଉତ୍ସବ ପାଳନ କରିବା ଝାରସୁଗୁଡ଼ା ବିଧାୟକଙ୍କ ଏକ ରାଜନୈତିକ ଦେଖାଣିଆ ବୃତ୍ତିରେ ପରିଣତ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଏଭଳି ଭ୍ରମାତ୍ମକ କାର୍ଯ୍ୟକଳାପର ଜବାବ ଝାରସୁଗୁଡ଼ାବାସୀ ନିଶ୍ଚୟ ଦେବେ ବୋଲି ଦୀପାଳି ଦାସ କହିଛନ୍ତି।

### ଶ୍ରମିକଙ୍କୁ ଶୋଷଣ କରୁଛନ୍ତି ଠିକା କମ୍ପାନୀ

# ଦାବିପୂରଣ ନ ହେଲେ ୭ରୁ ଆମରଣ ଅନଶନ

ଇବଥର୍ମାଲ,୨।୬(ସମିସ)



ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଖୋଲାମୁହଁ କୋଇଲା ଖଣିରେ କାର୍ଯ୍ୟରତ ବିଭିନ୍ନ ଠିକା କମ୍ପାନୀଦ୍ୱାରା ଶୋଷଣର ଶିକାର ହେଉଛନ୍ତି ଶ୍ରମିକମାନେ । ଏପରି ଅଭିଯୋଗ ନେଇ ଆଜି ବନ୍ଧବାହାଲରେ ଶ୍ରମିକମାନେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରି ଲଖନପୁର ଖଣି କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଶ୍ରମିକ ମାନେ ଅଭିଯୋଗ କରିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ସେମାନଙ୍କୁ ଏଚ୍‌ପିସି ଦରମା ପ୍ରଦାନ କରାଯାଉ ନାହିଁ। ଯେଉଁ ଶ୍ରମିକଙ୍କ ଦରମା ୩୦ ରୁ ୪୫ ହଜାର ଟଙ୍କା ଯାଏଁ ହେବା କଥା ସେମାନଙ୍କୁ ୧୩ରୁ ୧୮ ହଜାର ଟଙ୍କା ଦରମା ଦେଇ ବାକିତକ ଲୁଟ୍ କରାଯାଉଛି। ଏଥିସହ ଦୁଇବର୍ଷ ଲେଖାଏଁ କାମ କରି ସାରିଥିଲେ ହେଁ କମ୍ପାନୀ ପରିଚୟପତ୍ର ପ୍ରଦାନ କରୁନାହିଁ। ଏପରିକି ମେଡିକାଲ କାର୍ଡ, ଭିଟି ଟ୍ରେନିଂ, ସିଏଏମ୍‌ପିଏଫ୍ ପ୍ରଦାନ କରାଯାଉ ନ ଥିବାବେଳେ ସ୍ଥାନୀୟ ନିଯୁକ୍ତି ମଧ୍ୟ ଦିଆଯାଉ ନାହିଁ। ତେଣୁ ଆସନ୍ତା ୬ ତାରିଖ ମଧ୍ୟରେ ଏହି ସମସ୍ତ ସମସ୍ୟାର ସମାଧାନ କରା ନ ଗଲେ ୭ ତାରିଖରୁ ଶ୍ରମିକମାନେ ଲଖନପୁର ଖଣି ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

ସୂଚନା ଯୋଗ୍ୟ; ଗତ ଫେବୃଆରୀ ୧୮ରେ ଏମ୍‌ସିଏଲ ଲଖନପୁର କୋଇଲାକ୍ଷେତ୍ର ଅଧୀନରେ କାର୍ଯ୍ୟରତ ଶ୍ରମିକ ସଂଗଠନ ପକ୍ଷରୁ ମଧ୍ୟ ସମାନ ଦାବି ରଖାଯାଇ ତଥା କାମ କରୁଥିବା ଠିକା କମ୍ପାନୀ ବିରୋଧରେ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ଏଥିରେ ମାର୍ଚ୍ଚ ୫ ତାରିଖ ସୁଦ୍ଧା ସମସ୍ୟାର ସମାଧାନ କରା ନ ଗଲେ ଶ୍ରମିକ ସଂଗଠନ ପକ୍ଷରୁ ଆଇଏଲବିଏଲ (ଲଖନପୁର ପ୍ରୋଜେକ୍ଟ) କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଆଇଏଲବିଏଲ ପ୍ରୋଜେକ୍ଟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଆଧାରରେ ଲଖନପୁର କୋଇଲାକ୍ଷେତ୍ର ପକ୍ଷରୁ ଠିକା କମ୍ପାନୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ଫଳରେ ଗତ ୬ ଏପ୍ରିଲରେ ଦୁଇଟି ଶ୍ରମିକ ସଂଗଠନର ବରିଷ୍ଠ ନେତୃବର୍ଗ ଆଇଏଲବିଏଲ ପ୍ରୋଜେକ୍ଟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଗତ ଏପ୍ରିଲ ୯ ତାରିଖରେ ଲଖନପୁର କୋଇଲାକ୍ଷେତ୍ର ଏରିଆ ପର୍ସନାଲ ମ୍ୟାନେଜର ପ୍ରଦୀପ କୁମାର ଶୁଣ୍ଢୀଙ୍କ ଡାକରାରେ ପ୍ରୋଜେକ୍ଟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ବୈଠକ କରାଯାଇଥିଲା। ଏହି ବୈଠକରେ ଧାରଣାରେ ବସିଥିବା ଶ୍ରମିକ ସଂଗଠନର ବରିଷ୍ଠ ନେତୃମଣ୍ଡଳୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସେତେବେଳେ ସମସ୍ୟାର ସମାଧାନ କରାଯିବ କହି ଲିଖିତ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅସଲ ଅଭିଯୋଗ ହେଲା ହଜାର ହଜାର ଶ୍ରମିକଙ୍କୁ ୩୦ ଦିନର ଦରମା ପ୍ରଦାନ କରା ନ ଯାଇ ଠିକା କମ୍ପାନୀ ୩୦ ରୁ ୪୫ ହଜାର ଦରମା ସ୍ଥାନରେ ମାତ୍ର ୧୮ ରୁ ୨୦ ହଜାର ଟଙ୍କା ଦରମା ପ୍ରଦାନ କରୁଛି। ଏହାର ସ୍ଥାୟୀ ସମାଧାନ ପାଇଁ ଠିକା ଶ୍ରମିକମାନେ ଅଣ୍ଟା ଭିଡ଼ିବା ସହ ଆଜି ଲଖନପୁର କୋଇଲା କ୍ଷେତ୍ର କାର୍ଯ୍ୟାଳୟ ଆସି ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକଙ୍କ ଉଦ୍ଦେଶ୍ୟରେ ଏରିଆ ପର୍ସନାଲ ମ୍ୟାନେଜର ପ୍ରଦୀପ କୁମାର ଶୁଣ୍ଢୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ସଡ଼କ ଦୁର୍ଘଟଣା ବାଇକ୍ ଆରୋହୀ ମୃତ

ଦେବଗଡ଼,୨।୬(ସମିସ): ବାରକୋଟ ଥାନା ଅଧୀନ ବାହାଡାପୋଷି ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାଇ ମଙ୍ଗଳବାର ମଧ୍ୟାହ୍ନରେ ପାଲଲହଡ଼ା ପଟୁ ରାଉରକେଲା ଅଭିମୁଖେ ଯାଉଥିବା ଏକ କାର୍ ବାହାଡାପୋଷି ଗ୍ରାମରେ ରାସ୍ତା ପାରି ହେଉଥିବା ଏକ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀ ସେହି ଗ୍ରାମର ଦୟାନିଧି ପାତ୍ର (୨୩) ରାସ୍ତା ଉପରକୁ ଛିଟିକି ପଡ଼ି ପ୍ରାଣ ହରାଇଥିଲେ। ବାରକୋଟ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡ଼ିକୁ ଜବତ କରିବା ସହ ଗାଡ଼ି ଚାଳକ ପ୍ରଶାନ୍ତ ବରାଲକୁ ଥାନାରେ ଅଟକରଖି ତଦନ୍ତ ଆରମ୍ଭ କରିଛି। ସେହିପରି ମୃତଦେହକୁ ପାଲଲହଡା ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇ ଥିବା ଜଣାପଡ଼ିଛି।

## ଗର୍ଭବତୀ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରି ଯୁବକ ଗିରଫ

ଦେବଗଡ଼,୨।୬(ସମିସ): କୁଣ୍ଢେଇଗୋଳା ଥାନା ଅଧୀନରେ ଜଣେ ଗର୍ଭବତୀ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ କୁଣ୍ଢେଇଗୋଳା ଥାନା ପୁଲିସ ଅଭିଯୁକ୍ତ ଡାକ୍ତର ଭୋଇକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାଇ ଗତ ଶୁକ୍ରବାର ରାତ୍ରିରେ ଗରମ ଯୋଗୁ ପୀଡିତା



ନିଜଘର ଅଗଣାରେ ଶୋଇଥିବା ସମୟରେ ବିଳମ୍ବିତ ରାତିରେ ଅଭିଯୁକ୍ତ ଉକ୍ତ ମହିଳାଙ୍କ ଘର ଅଗଣାରେ ପସି ଦୁଷ୍କର୍ମ ଉଦ୍ୟମ କରିଥିଲେ। ପୀଡ଼ିତା ଜଣକ ଚିତ୍କାର କରିବାରୁ ଅଭିଯୁକ୍ତ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲା। ହେଲେ ପୀଡ଼ିତା ଅଭିଯୁକ୍ତକୁ ଚିହ୍ନି ପାରିଥିଲେ। ଏ ସମ୍ପର୍କରେ ପୀଡିତା ଶନିବାର କୁଣ୍ଢେଇଗୋଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କୁଣ୍ଢେଇଗୋଳା ଥାନା ପୁଲିସ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବାବେଳେ ଅଭିଯୁକ୍ତ ସେହି ଦିନଠାରୁ ଫେରାର ହୋଇଯାଇଥିଲା। ତେବେ ପୁଲିସ ଆଜି ଅଭିଯୁକ୍ତ ଡାକ୍ତର ଭୋଇକୁ ଠାବକରି ଗିରଫକରି କୋର୍ଟ ଚାଲାଣ କରିଥିଲା।

## ଶିବଶଙ୍କର ନଗର ଓ ରେହମତ୍ ନଗର ବସ୍ତି ଖାଲିକରିବାକୁ ନିର୍ଦ୍ଦେଶ

ରାଉରକେଲା,୨।୬(ସମିସ): ରାଉରକେଲାର ଷ୍ଟେସନ ନିକଟସ୍ଥ ଓଭର ବ୍ରିଜ୍ ତଳେ ଥିବା ଶିବଶଙ୍କର ନଗର ବସ୍ତି ଏବଂ ରେହମତ ନଗର ବସ୍ତି ଖାଲି କରିବାକୁ ଆଜି ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦୁଇ ଦିନ ମଧ୍ୟରେ ବସ୍ତି ଖାଲି କରିବାକୁ ଚେତାବନୀ ଦିଆଯାଇଛି। ଯଦି ଏହି ସମୟସୀମା ମଧ୍ୟରେ ସେମାନେ ବସ୍ତି ଖାଲି ନ କରିବେ, ତେବେ ବୁଲଡୋଜର ଦ୍ୱାରା ବସ୍ତି ଉଚ୍ଛେଦ କରି ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

## ବିଳମ୍ବ ହେଉଛି ଜେଏମ୍‌ଏଫସି କୋର୍ଟ ସ୍ଥାପନ

କଲମପୁର,୨।୬(ସମିସ):କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ୍ ସଦର ମହକୁମାରେ ସ୍ଥାପନ ହେବ ଜେଏମ୍‌ଏଫସି କୋର୍ଟ। ଏଥିପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜନୈକ ବ୍ୟକ୍ତି ବାର ପାଇଁ ଜମି ମଧ୍ୟ ଯୋଗାଇ ଦେଇଥିବା ବେଳେ କଲମପୁର ବ୍ଲକ୍ ପରିସରର ପୁରୁଣା ବ୍ଲକ୍ କୋଠାରେ ଶୁଭାରମ୍ଭ ହେବ ବୋଲି ସ୍ଥାନ ନିରୂପଣ କରାଯାଇଛି। କଲମପୁର ବାର ଆସୋସିଏସନର କର୍ମକର୍ତ୍ତାମାନେ ମଧ୍ୟ ନିର୍ବାଚିତ ଜନପ୍ରତିନିଧି ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ବିଜ୍ଞପ୍ତି ପ୍ରକାଶ ପାଇବାର ତିନି ମାସ ଅତିବାହିତ ହୋଇ ଗଲାଣି ହେଲେ ସ୍ଥାପନ କାର୍ଯ୍ୟର ଅଗ୍ରଗତି ହୋଇ ପାରୁନାହିଁ। ଏନେଇ କଲମପୁର ବାର ଆସୋସିଏସନର ସଭାପତି ସୁଶିଲ କୁମାର ରାଉତ ଆମେ ଅନେକ ଥର ଯାଇ ଚେଷ୍ଟା କରି ଆସୁଅଛୁ, ଆସନ୍ତା ବୁଧବାର ଦିନ ମଧ୍ୟ ଆମେ ଯାଇ ଜିଲ୍ଲା ମୁଖ୍ୟ ବିଚାରପତିଙ୍କ ସହିତ ସାକ୍ଷାତ କରି ଏବିଷୟରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲା ମୁଖ୍ୟ ବିଚାରପତିଙ୍କ ନିର୍ଦ୍ଦେଶରେ ରେଜିଷ୍ଟ୍ରାର କଲମପୁର ଗସ୍ତ କରି କୋର୍ଟ ସ୍ଥାପନ ହେବା ସ୍ଥାନର ଭିତ୍ତିଭୂମି ଦେଖି ତାଙ୍କ ପରାମର୍ଶ ଅନୁସାରେ ଘର ସଜଡା ଯିବା ପରେ କୋର୍ଟ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି। ବର୍ତ୍ତମାନ ଏହି ଅଞ୍ଚଳବାସୀ ଜୟପାଟଣା ଜେଏମ୍‌ଏଫସି କୋର୍ଟ ଉପରେ ନିର୍ଭର କରି ଆସୁଛନ୍ତି।କଲମପୁର ଠାରୁ ଜୟପାଟଣାର ଦୁରତା ୨୪କିଲୋମିଟର ରହିଥିବା ବେଳେ ସିଧାସଳଖ ଯାତ୍ରୀ ପରିବହନ ସୁବିଧା ନ ଥିବାରୁ ଲୋକେ ବିଭିନ୍ନ ପ୍ରକାରର ଅସୁବିଧା ଓ ଖର୍ଚ୍ଚାନ୍ତ ହେଉଥିଲେ। ଏବେ ଏହି ସେବା ଏଠାରେ ମିଳିବାକୁ ଯାଉଥିବାରୁ ଲୋକେ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି।

## ଭୈରବ ଦେବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ; ଲଡୁଗାଁ ଚାମ୍ପିଅନ



କୋକସରା,୨।୬(ସମିସ):କୋକସରା ବ୍ଲକ୍ ବରାଡ଼ଙ୍ଗା ପଞ୍ଚାୟତ ସିଉନୀଠାରେ ଆୟୋଜିତ "ଭୈରବ ଦେବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ' ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ମା' ମଙ୍ଗଳା କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଆମପାଣି ଦଳକୁ ପରାସ୍ତ କରି ଲଡୁଗାଁ ଟିମ୍ ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି ଲଡୁଗାଁ ଦଳ ନିର୍ଦ୍ଧାରିତ ୧୨ ଓଭରରେ ୫ ୱିକେଟ୍ ହରାଇ ୧୭୬ ରନ କରିଥିଲା। ଜବାବରେ ଆମପାଣି ଦଳ ୭ ୱିକେଟ୍ ବିନିମୟରେ ମାତ୍ର ୧୧୩ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ କୋକସରା ବ୍ଲକ୍ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟଅତିଥି, ଶିକ୍ଷକ ଭାଗ୍ୟବାନ ବାଗ ମୁଖ୍ୟବକ୍ତା ଏବଂ ଗିରିଶ ଚନ୍ଦ୍ର ସରାବୁ, ଗୁପ୍ତେଶ୍ୱର ବାଗଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରି ଉତ୍ସାହିତ କରିଥିଲେ। କ୍ଲବ୍ ସଦସ୍ୟମାନେ ସମଗ୍ର ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଶିଶୁମଙ୍ଗଳ କମିଟିର ଅଧ୍ୟକ୍ଷା ଭାବେ ଦାୟିତ୍ୱ ନେଲେ ସୁଷମା



ଦେବଗଡ଼,୨।୬(ସମିସ): ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ମହିଳା ଓ ଶିଶୁବିଭାଗର ବିଜ୍ଞପ୍ତି ଅନୁଯାଇ ଶିଶୁ ମଙ୍ଗଳ କମିଟି ନୂତନ ଅଧ୍ୟକ୍ଷା ଭାବେ ସୁଷମା ମଞ୍ଜରି ମହାପାତ୍ର ଯୋଗ ଦେଇଛନ୍ତି। ସେହିପରି ଶିଶୁ ମଙ୍ଗଳ କମିଟିର ସଦସ୍ୟ ଭାବେ ଯତୀନ୍ଦ୍ର ମୋହନ ନାୟକ, ନିର୍ଜନା ମାହାର, ସୁମିତ୍ରା ପୁରୋହିତ ଓ ଗାୟତ୍ରୀ ଦ୍ୱିବେଦୀ ଯୋଗ ଦେଇଛନ୍ତି। ଆଜି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ଉପସ୍ଥିତିରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ଓ ସଦସ୍ୟମାନେ ଜିଲ୍ଲାପାଳ କବୀନ୍ଦ୍ର ସାହୁଙ୍କୁ ସାକ୍ଷାତକରି ଶିଶୁ ମଙ୍ଗଳ କମିଟିର ଆଭିମୁଖ୍ୟ ଓ ଆଗାମୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ପିଲାମାନଙ୍କ ପାଇଁ ଉତ୍ସର୍ଗୀକୃତ ସେବା ପ୍ରଦାନ କରିବାକୁ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ଓ ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ ।

## ଚୋରି ମାମଲାରେ ୩ ଗିରଫ

ଝାରସୁଗୁଡ଼ା,୨।୬(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୁଲିସକୁ ଚୋରି ଘଟଣାରେ ସଫଳତା ମିଳିଛି। ୩ ଜଣ ଅଭିଯୁକ୍ତକୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ସୁନା, ରୁପା ଅଳଙ୍କାର, ଟିଭି, ବାଇକ୍ ଆଦିକୁ ଜବତ କରାଯାଇଛି। ସୂଚନା ଅନୁଯାୟୀ; ୧୮ ତାରିଖ ବିଳମ୍ବିତ ରାତିରେ ବ୍ରଜରାଜନଗର ଗାନ୍ଧିଛକ ଫାଣ୍ଡି ଅଧୀନ ରାଜପୁର କଣ୍ଟାପାଲି ଗ୍ରାମର ଏକ ପରିବାର ବାହାରକୁ ଯାଇଥିବାବେଳେ ଦୁର୍ବୃତ୍ତମାନେ ଘର ତାଲାଭାଙ୍ଗି ସୁନା, ରୁପା ଗହଣା, ଟିଭି ଓ ନଗଦ ଟଙ୍କା ଆଦି ଚୋରି କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ବ୍ରଜରାଜନଗର ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାସ୍ଥଳରୁ ମିଳିଥିବା ଫିଙ୍ଗରପ୍ରିଣ୍ଟ ଓ ଅନ୍ୟାନ୍ୟ ଆଧାରରେ ତଦନ୍ତ କରାଯାଇ ତିନି ଅଭିଯୁକ୍ତକୁ ଗିରଫ କରାଯାଇଥିବା ନେଇ ମଙ୍ଗଳବାର ପୁଲିସ ତରଫରୁ ସୂଚନା ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାରସୁଗୁଡା ସଦରଥାନା ମାଲିପଡାର ସୁବୋଧ ସାହୁ(୩୪), ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଭାଲୁବାହାଲର ସଞ୍ଜୟ କେଶରୀ(୪୨) ଓ ସୁନ୍ଦରଗଡ଼ ଜିଲ୍ଲା ଧୁରୁଆଡ଼ିହି ଥାନା ଅଞ୍ଚଳର ସରୋଜ ମିଶ୍ର। ସୁବୋଧ ସାହୁ ଓ ସଞ୍ଜୟ କେଶରୀ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଅନେକ ଗୁଡିଏ ମାମଲା ରହିଛି। ଗିରଫ ଅଭିଯୁକ୍ତମାନଙ୍କ ନିକଟରୁ ପୁଲିସ ଚୋରି ସାମଗ୍ରୀ ଜବତ କରିଛି।

## ଗଉନ୍ତିଆ ପରିବାରର ବିଷ୍ଣୁପ୍ରିୟାଙ୍କ ପରଲୋକ

ଧର୍ମଗଡ଼/ଗୋଲାମୁଣ୍ଡା,୨।୬(ସମିସ): ଗୋଲାମୁଣ୍ଡା ବ୍ଲକ୍ ଖଳିଆକାନୀ ଗ୍ରାମର ବିଶିଷ୍ଟ ଗଉନ୍ତିଆ ପରିବାରର ମହିଳା ବିଷ୍ଣୁ ପ୍ରିୟା ରାଉତ (୫୫)ଙ୍କ ପରଲୋକ ହୋଇଯାଇଛି। ସୂଚନା ଅନୁଯାୟୀ, ବିଷ୍ଣୁ ପ୍ରିୟା ଦୀର୍ଘ ଦିନ ଧରି ଅସୁସ୍ଥତା କାରଣରୁ ଶଯ୍ୟାଶାୟୀ ହୋଇ ରହିଥିଲେ। ମଙ୍ଗଳବାର ତାଙ୍କ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ବିୟୋଗ ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର



ଜ୍ୟେଷ୍ଠ ପୁତ୍ର ସଦାଶିବ ରାଉତ ମୁଖାଗ୍ନି ଦେଇଥିଲେ। ଅନ୍ତିମ ସଂସ୍କାର ସମୟରେ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ବିଜାଡିହିରେ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ଶିବିର

ଦେବଗଡ଼,୨।୬(ସମିସ): ବାରକୋଟ ବ୍ଲକ୍ ଅଧୀନ ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥା ଅଧୀନସ୍ତ ବିଜାଡିହି ଗ୍ରାମରେ ଆଜି ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ଏକ ସଚେତନତା ଶିବିର ଓ ପରିଗଣନା ଫର୍ମ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏହି ଶିବିରରେ ଗ୍ରାମବାସୀଙ୍କୁ ସ୍ୱତନ୍ତ୍ର ସଘନ ସଂଶୋଧନର ଉଦ୍ଦେଶ୍ୟ, ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା, ନାମ ଯୋଗ, ବିୟୋଗ ଓ ସଂଶୋଧନ ସମ୍ପର୍କରେ ବିସ୍ତୃତ ଭାବେ ସଚେତନ କରାଯାଇଥିଲା। ଏହି ସଚେତନତା ଶିବିରରେ ଏଇଆରଓ ତଥା ବିଡିଓ ସୂର୍ଯ୍ୟକାନ୍ତ ବରିହା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜାଗୃତି ନାଏକ, ପଞ୍ଚାୟତ ଉନ୍ନୟନ ଅଧିକାରୀ ରଞ୍ଜିତ ଟୁଡୁ, ବୁଥ୍‌ସ୍ତରୀୟ ଅଧିକାରୀ ସରଜିତ କୁମାର ସଏ, ବିଏଲଓ ସୁପରଭାଇଜର ଧୀରେନ କୁମାର ସାହୁ, ବ୍ଲକ୍ କର୍ମଚାରୀ ଓ ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥା କର୍ମଚାରୀମାନେ ଉପସ୍ଥିତ ଥିଲେ। ଅଧିକାରୀମାନେ ଗ୍ରାମବାସୀଙ୍କୁ ନିର୍ବାଚନ ପ୍ରକ୍ରିୟାରେ ସହଭାଗିତା ପାଇଁ ଆହ୍ୱାନ କରିଥିଲେ।

## ଶିଶୁବିବାହ ନିରାକରଣ ଓ କିଶୋର-କିଶୋରୀଙ୍କ ସାମଗ୍ରୀକ ବିକାଶ କାର୍ଯ୍ୟକ୍ରମ




ଝାରସୁଗୁଡ଼ା,୨।୬(ସମିସ): ଶିଶୁବିବାହ ନିରାକରଣ ଏବଂ କିଶୋର-କିଶୋରୀଙ୍କ ସଶକ୍ତିକରଣ ଉଦ୍ଦେଶ୍ୟରେ ଜିଲ୍ଲା କୌଶଳଗତ କାର୍ଯ୍ୟ ଯୋଜନା ସମ୍ପର୍କିତ ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ ଡି.ଏମ୍‌ଏଫ. ଅଡିଟରିୟମ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ବିଭିନ୍ନ ବିଭାଗ, ସଂସ୍ଥା ଓ ହିତାଧିକାରୀଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନକରି ଶିଶୁ ବିବାହ ରୋକିବା ଏବଂ କିଶୋର-କିଶୋରୀଙ୍କ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗଡ଼ତିଆ ସ୍ୱାଗତ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିଶୁ ସୁରକ୍ଷା ବିଶେଷଜ୍ଞ ଭାବେ ବରିଷ୍ଠ ପରାମର୍ଶଦାତା ଘାସିରାମ ପଣ୍ଡା ଏବଂ ସହକାରୀ ରାଜ୍ୟ ସଂଯୋଜିକା ଶକୁନ୍ତଳା ଦାଶ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଯୋଗଦେଇ ଶିଶୁବିବାହ ମୁକ୍ତସମାଜ ଗଠନ ଏବଂ କିଶୋର-କିଶୋରୀଙ୍କ ପାଇଁ ଏକ ସୁରକ୍ଷିତ ଓ ସହାୟକ ପରିବେଶ ସୃଷ୍ଟିନିମନ୍ତେ ସମସ୍ତ ବିଭାଗ, ଅନୁଷ୍ଠାନ ଓ ସମୁଦାୟର ସମନ୍ୱିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମଧୁସ୍ମିତା ମିଶ୍ର ଶିଶୁବିବାହ ରୋକିବା ଦିଗରେ ପୁଲିସର ଭୂମିକାବିଷୟରେ ମତାମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିକେ ଦଉ ଶିଶୁ ବିବାହ ରୋକିବା ଦିଗରେ ସ୍ୱାସ୍ଥ୍ୟ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବୋଲି ମତବ୍ୟକ୍ତ କରିଥିଲେ। ସଂଯୁକ୍ତା ମହାପାତ୍ର ବାଲ୍ୟ ବିବାହ ନିରାକରଣ ଏବଂ କିଶୋର କିଶୋରୀ ସଶକ୍ତିକରଣ କ୍ଷେତ୍ରରେ ବିଭିନ୍ନ ସକରାତ୍ମକ ପଦକ୍ଷେପ ବିଷୟରେ ନିଜ ମତବ୍ୟକ୍ତ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଶିଶୁ ବିବାହ ନିରାକରଣ ପାଇଁ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବିଭିନ୍ନ ବିଭାଗର ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରୋଗ୍ରାମ ଅଫିସର ଯାଜ୍ଞସିନୀ ମହାନନ୍ଦ ସଂଯୋଜନା କରିଥିବାବେଳେ ପ୍ରୋଗ୍ରାମ ଅଫିସର ମିନାକ୍ଷୀ ରାଜ ଧନ୍ୟବାଦ ଅର୍ପଣ କରିଥିଲେ।

## 'ସଂସ୍କାର' ପକ୍ଷରୁ ନିଶୁଳ୍କ ଗ୍ରୀଷ୍ମକାଳୀନ ଶିକ୍ଷା ଶିବିର

ଝାରସୁଗୁଡ଼ା,୨।୬(ସମିସ)



ଶିକ୍ଷା ଓ ସମାଜ ଗୋଟିଏ ମୁଦ୍ରାର ଦୁଇଟି ପାଶ୍ୱର୍ ପରି। ଶିକ୍ଷା ହେଉଛି ମଣିଷର ଜ୍ଞାନ ଓ ନୈତିକ ମୂଲ୍ୟବୋଧର ଆଧାର। ସମାଜର ପ୍ରଗତି ଏହି ଶିକ୍ଷିତ ନାଗରିକମାନଙ୍କ ଉପରେ ହିଁ ନିର୍ଭର କରେ। ସେହିପରି ଛାତ୍ରଛାତ୍ରୀମାନେ ହିଁ ସମାଜର ମେରୁଦଣ୍ଡ ଓ ଦେଶର ଭବିଷ୍ୟତ ନିର୍ମାତା। ଏହାକୁ ଦୃଷ୍ଟିରେ ରଖି ଗଣେଶନଗରର ଶିକ୍ଷା ସଂସ୍କାର ସଂଗଠନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ପୌର ପରିଷଦ ଅନ୍ତର୍ଗତ ଗଣେଶ ନଗରର ଶିକ୍ଷା ସଂସ୍କାର ସଂଗଠନ ଗ୍ରୀଷ୍ମ ଛୁଟି ସମୟରେ ପିଲାଙ୍କ ବୌଦ୍ଧିକ ଏବଂ ସୃଜନଶୀଳ ଦକ୍ଷତା ସହିତ ଛାତ୍ରଛାତ୍ରୀଙ୍କୁ ଆହୁରି ଶିକ୍ଷା କ୍ଷେତ୍ରରେ ସୁଦୃଢ଼ କରିବା ପାଇଁ ଆଗେଇ ଆସିଛି। ବିତଗ ଦୁଇବର୍ଷ ହେବ ଏହି ଶିକ୍ଷା ସଂସ୍କାର ସଂଗଠନ ପକ୍ଷରୁ ପ୍ରଥମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ନିଶୁଳ୍କ ଗ୍ରୀଷ୍ମକାଳୀନ ଶିକ୍ଷା ଶିବିରର ଆୟୋଜନ କରାଯାଉଛି। ଏବର୍ଷ ମଧ୍ୟ ଗତ ତିନି ସପ୍ତାହ ହେବ ଏହି ନିଶୁଳ୍କ ଗ୍ରୀଷ୍ମକାଳୀନ ଶିକ୍ଷା ଶିବିର ଆୟୋଜିତ ହେଉଛି। ଗଣେଶନଗରର ତିନି ଚାରିଗୋଟି କ୍ଲବରେ ୧୨୦ରୁ ଊର୍ଦ୍ଧ୍ୱ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଏହି ନିଶୁଳ୍କ ଗ୍ରୀଷ୍ମକାଳୀନ ଶିକ୍ଷା ଶିବିରରେ ଶିକ୍ଷା ଦାନ କରାଯାଉଛି। ବର୍ତ୍ତମାନ ଗ୍ରୀଷ୍ମ ଅବକାଶ ସମୟରେ ଅଞ୍ଚଳର ଛାତ୍ରଛାତ୍ରୀ କିପରି ପାଠପଢାରୁ ଦୂରେଇ ନ ଯିବେ ଏବଂ ଭବିଷ୍ୟତରେ ଜଣେ ସୁନାଗରିକ ହୋଇ ଅଞ୍ଚଳପାଇଁ ଗର୍ବ ଆଣିବେ ତାକୁ ନେଇ ବ୍ରଜରାଜନଗର ଗଣେଶ ନଗରର ଶିକ୍ଷା ସଂସ୍କାର ସଂଗଠନ ପକ୍ଷରୁ ଶିକ୍ଷା ଶିବିର ଜାରି ରହିଛି।

ଆଉ ୮ ଦିନ

# ପ୍ରଥମଥର ୩ଟି ଦେଶରେ ଫିଫା ବିଶ୍ୱକପ୍




**ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ବିଶ୍ୱ ଫୁଟବଲ୍‌ର ସର୍ବଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଜୁନ ୧୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ମାସାଧିକ ସମୟ ଚାଲିବାକୁ ଥିବା ଏହି ଫୁଟବଲ୍ ମହାକୁମ୍ଭକୁ ଏଥର ୩ଟି ଦେଶ ଆମେରିକା, ମେକ୍ସିକୋ ଓ କାନାଡା ମିଳିତ ଭାବେ ଆୟୋଜିତ କରିବେ। ଏହି ୩ଟି ଦେଶର ୧୬ଟି ସହରରେ ବିଶ୍ୱକପ୍‌ର ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ଅଂଶଗ୍ରହଣକାରୀ ୪୮ ଟି ଦେଶକୁ ୧୨ଟି ପୁଲ୍‌ରେ ବିଭକ୍ତ କରାଯାଇଛି।**

କିଂବଦନ୍ତୀ ଖେଳାଳି ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଦଳ ଏଥର ଡିଫେଣ୍ଡିଂ ଚାମ୍ପିଅନ ଭାବେ ବିଶ୍ୱକପ୍‌ରେ ପ୍ରବେଶ କରିଛି। ୨୦୨୨ ସଂସ୍କରଣ ଫାଇନାଲରେ ଫ୍ରାନ୍ସକୁ ପରାସ୍ତ କରି ଆର୍ଜେଣ୍ଟିନା ଦ୍ୱିତୀୟଥର ଲାଗି ବିଶ୍ୱମୁକୁଟ ପିନ୍ଧିଥିଲା। ସେହିଭଳି ନେମାରଙ୍କ ବ୍ରାଜିଲ ରେକର୍ଡ ୬ଷ୍ଠଥର ଲାଗି ଟାଇଟଲ୍ ଜିତିବା ଲକ୍ଷ୍ୟରେ ବିଶ୍ୱକପ୍‌ରେ ପାଦ ଥାପିଛି। ଅପରପକ୍ଷରେ ଅନ୍ୟତମ ପାୱାରହାଉସ ଜର୍ମାନୀ ପଞ୍ଚମଥର ଚାମ୍ପିଅନ ହୋଇ ବ୍ରାଜିଲ ସହ ସମକକ୍ଷ ହେବାକୁ ଲକ୍ଷ୍ୟ ରଖିଛି। ତେବେ ବିଶ୍ୱକପ୍‌ର ଏହି ସଂସ୍କରଣରେ ଏକାଧିକ ଘଟଣା ପ୍ରଥମଥର ଘଟିବାକୁ ଯାଉଛି।

**ପ୍ରଥମଥର ୩ଟି ଆୟୋଜକ ଦେଶ:**

ଇତିହାସରେ ପ୍ରଥମଥର ଲାଗି ଫିଫା ବିଶ୍ୱକପ୍ ଏକାଥରକେ ମିଳିତ ଭାବେ ୩ଟି ଦେଶରେ ଖେଳାଯିବ। ୧୯୩୦ରେ ଆୟୋଜିତ ପ୍ରଥମ ସଂସ୍କରଣ ଗୋଟିଏ ଦେଶ ଉରୁଗୁଏରେ ଆୟୋଜିତ ହୋଇଥିଲା। ଏହାର ୭୨ ବର୍ଷ ପରେ ଆୟୋଜିତ ୨୦୦୨ ସଂସ୍କରଣକୁ ଦୁଇଟି ଦେଶ ଜାପାନ ଓ ଦକ୍ଷିଣ କୋରିଆ ମିଳିତ ଭାବେ ଆୟୋଜନ କରିଥିଲେ। କିନ୍ତୁ ଫିଫା ବିଶ୍ୱକପ୍ ଇତିହାସରେ ପ୍ରଥମଥର ୩ଟି ଦେଶକୁ ଏଥର ଆୟୋଜନ ଅଧିକାର ମିଳିଛି। ଯଦିଓ ୧୯୯୪ ମସିହା ପରି ଏକାକୀ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ଲାଗି ଆମେରିକା ନିକଟରେ ପ୍ରଚୁର ଭିତ୍ତିଭୂମି ରହିଥିଲା, କିନ୍ତୁ କନ୍‌କାଫାଫ (କନଫେଡେରେସନ ଅଫ୍ ନର୍ଥ, ସେଣ୍ଟ୍ରାଲ ଆମେରିକା ଓ କାରବିୟାନ ଫୁଟବଲ ସଂଘ) ୨୦୧୬ରେ କାନାଡା ଓ ମେକ୍ସିକୋ ସହିତ ଏକ ମିଳିତ ବିଡ୍ ଦାଖଲ କରିଥିଲା। ୨୦୧୮ ଫିଫା କଂଗ୍ରେସରେ ମରକ୍କୋକୁ ପଛରେ ପକାଇ ଏହି ୩ଟି ଦେଶର ମିଳିତ ବିଡ୍ ବାଜିମାତ୍ କରିନେଇଥିଲା। ମେକ୍ସିକୋରେ ତୃତୀୟଥର ଲାଗି ଫିଫା ବିଶ୍ୱକପ୍ ଖେଳାଯିବ। ୧୯୭୦ ଓ ୧୯୮୬ରେ ଏହି ଦେଶ ଫିଫା ବିଶ୍ୱକପ୍ ଆୟୋଜନ କରିଥିଲା। କିନ୍ତୁ କାନାଡା ପ୍ରଥମଥର ଲାଗି ଫୁଟବଲର ଏହି ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ଆୟୋଜନ ଅଧିକାର ହାସଲ କରିଛି।

**ଭାଗନେବେ ସର୍ବାଧିକ ୪୮ ଦଳ:**

ଆଗାମୀ ଫିଫା ବିଶ୍ୱକପ୍ ମଧ୍ୟ ସର୍ବାଧିକ ଅଂଶଗ୍ରହଣକାରୀ ଦଳ ଭାବେ ଆଉ ଏକ ରେକର୍ଡ କରିବାକୁ ଯାଉଛି। ଫିଫା ବିଶ୍ୱକପ୍‌ର ୯୬ ବର୍ଷ ଇତିହାସରେ ପ୍ରଥମଥର ଲାଗି ବିଶ୍ୱର ୪୮ଟି ଦେଶକୁ ନେଇ ଏହି ମହାକୁମ୍ଭ ଆୟୋଜିତ ହେବ। ୨୦୨୨ରେ କତାରରେ ଖେଳାଯାଇଥିବା ଅନ୍ତିମ ସଂସ୍କରଣରେ ୩୨ଟି ଦଳ ଭାଗନେଇଥିଲେ। ସେହିଭଳି ୧୯୯୪ରେ ଆମେରିକାରେ ଅନୁଷ୍ଠିତ ସଂସ୍କରଣଠାରୁ ଏଥର ଦୁଇଗୁଣା ଅଧିକ ଦଳ ଅଂଶଗ୍ରହଣ କରିବାର ସୁଯୋଗ ପାଇଛନ୍ତି। ୧୯୩୦ରେ ମାତ୍ର ୧୩ଟି ଦେଶକୁ ନେଇ ପ୍ରଥମ ବିଶ୍ୱକପ୍ ଖେଳାଯାଇଥିଲା। ପରବର୍ତ୍ତୀ ସମୟରେ ଏହା ବଢ଼ି ବଢ଼ି ୧୯୮୨ରେ ୨୪ ଦଳକୁ ପହଞ୍ଚିଥିଲା। ଏଥର ଅଂଶଗ୍ରହଣକାରୀ ଦେଶଙ୍କ ମଧ୍ୟରେ ଜୋର୍ଡାନ, ଉଜବେକିସ୍ତାନ, କ୍ୟୁରସାଓ ଓ କେପ୍ ଭର୍ଡେ ପ୍ରଥମଥର ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। କାରିବୀୟାନ ଦେଶ ହାଇତି ୧୯୭୪ ପରେ ପ୍ରଥମଥର ଯୋଗ୍ୟତା ଅର୍ଜନ କରିଛି। ଅଧିକ ଦଳ ହେଲେ ଫିଫା ପାଇଁ ଅଧିକ ଖେଳ ଏବଂ ଟଙ୍କା ମିଳିବ। ତେଣୁ ୪୮ ଦଳର ବିଶ୍ୱକପ୍ ଆୟୋଜନ ଲାଗି ସର୍ବୋଚ୍ଚ ସଂସ୍ଥା ଫିଫା ନିଷ୍ପତ୍ତି ନେଇଥିଲା।

**ଅଧିକ ନକ୍‌ଆଉଟ୍ ରାଉଣ୍ଡ:**




୩୨ ଦଳ ଫର୍ମାଟ୍‌ରେ ନକ୍‌ଆଉଟ ରାଉଣ୍ଡରେ ପ୍ରବେଶ କରିବା ପ୍ରକ୍ରିୟା ବହୁତ ସହଜ ଓ ସରଳ ଥିଲା। ଏଥିରେ ୪ଟି ଦଳକୁ ନେଇ ଗୋଟିଏ ଗ୍ରୁପ୍ କରାଯାଉଥିଲା। ମୋଟ୍ ଆଠଟି ଗ୍ରୁପ୍ ହୋଇ ମ୍ୟାଚ୍ ଖେଳାଯାଉଥିଲା। ପ୍ରତ୍ୟେକ ଗ୍ରୁପ୍‌ର ଦୁଇଟି ଶ୍ରେଷ୍ଠ ଦଳ ଅର୍ଥାତ ମୋଟ୍ ୧୬ଟି ଦଳ ନକ୍‌ଆଉଟ୍ (ପ୍ରି-କ୍ୱାର୍ଟର)କୁ ଯୋଗ୍ୟତା ଅର୍ଜନ କରୁଥିଲେ। ଏଥର ବିଶ୍ୱକପ୍‌ରେ ଅଧିକ ୧୬ଟି ଦଳ ଯୋଡ଼ି ହେବା ଫଳରେ ନକଆଉଟ୍‌ର ଆକାର ଦ୍ୱିଗୁଣିତ ହୋଇ ୩୨ ହୋଇଛି। ଅର୍ଥାତ୍ ୩୨ଟି ଦଳ ନକଆଉଟକୁ ଯୋଗ୍ୟତା ଅର୍ଜନ କରିବେ। ଆଗାମୀ ବିଶ୍ୱକପ୍‌ରେ ମୋଟ୍ ୧୦୪ଟି ମ୍ୟାଚ୍ ଖେଳାଯିବ। ଯାହା ୨୦୨୨ ସଂସ୍କରଣଠାରୁ ୩୮ ଅଧିକ।

**ଅଧିକ ବିରତି: ପ୍ରତି ହାଫ୍‌ର ୨୨ ମିନିଟ୍‌ରେ ୧୮୦ ସେକେଣ୍ଡର ବ୍ରେକ୍**

ଏଥର ବିଶ୍ୱକପ୍ ମଧ୍ୟ ବିରତି ଦୃଷ୍ଟିରୁ ଭିନ୍ନ ହେବାକୁ ଯାଉଛି। ସାଧାରଣତଃ ୯୦ ମିନିଟ୍ ଅବଧିର ଫୁଟ୍‌ବଲ ମ୍ୟାଚ ଦୁଇଟି ହାଫ୍‌ରେ ଖେଳାଯାଇଥାଏ। ପ୍ରଥମାର୍ଦ୍ଧ ଅର୍ଥାତ୍ ୪୫ ମିନିଟ୍ ପରେ ଖେଳାଳିଙ୍କୁ ୧୫ ମିନିଟ୍‌ର ବ୍ରେକ୍ ମିଳିଥାଏ। ଏଥର ବିଶ୍ୱକପ୍‌ରେ କିନ୍ତୁ ଏକ ନୂଆ ନିୟମ ହୋଇଛି। "ଖେଳାଳି କଲ୍ୟାଣକୁ ପ୍ରାଥମିକତା ଦେବା' ପାଇଁ ପ୍ରତି ହାଫ୍‌ର ୨୨ ମିନିଟ୍‌ରେ ଏକ ୩ ମିନିଟ୍ (୧୮୦ ସେକେଣ୍ଡ)ର ବିରତି ରହିବ। ଯେହେତୁ ଆଗାମୀ ବିଶ୍ୱକପ୍ ଗ୍ରୀଷ୍ମଋତୁରେ ଖେଳାଯାଉଛି ତେଣୁ ଫିଫା ଗତ ଡିସେମ୍ବରରେ ଏହି ୩ ମିନିଟ୍ ଅବଧି ବିଶିଷ୍ଟ 'ହାଇଡ୍ରେସନ ବ୍ରେକ୍' ଘୋଷଣା କରିଥିଲା। ଫଳରେ ଖେଳାଳିମାନେ ଏହି ବିଶ୍ୱକପ୍‌ର ପ୍ରତି ହାଫ୍‌ର ୨୨ ମିନିଟ୍‌ରେ ଏକ ବ୍ରେକ୍ ପାଇବେ। ଫିଫାର ଏହି ନିଷ୍ପତ୍ତି ପ୍ରସାରଣକାରୀ ଅଂଶୀଦାରମାନଙ୍କୁ ଅଧିକ ବିଜ୍ଞାପନ ଚଲାଇବାର ସୁଯୋଗ ମଧ୍ୟ ଦେଇଛି।

**ଅଧିକ ଭିଏଆର:**

ଏଥର ଫିଫା ବିଶ୍ୱକପ୍‌ରେ ଅଧିକ ଭିଡିଓ ଆସିଷ୍ଟ ରିପ୍ଲେ (ଭିଏଆର)ର ମଧ୍ୟ ବ୍ୟବସ୍ଥା ହୋଇଛି। ଚାରିବର୍ଷ ପୂର୍ବେ ସମ୍ଭାବ୍ୟ ହ୍ୟାଣ୍ଡବଲ, ପେନାଲ୍ଟି କିକ୍ ଆଦିକୁ ନେଇ ରେଫରୀ ଭିଏଆର୍ ଆବେଦନ କରୁଥିଲେ। ୨୦୨୬ ବିଶ୍ୱକପରେ ଖେଳର ସମୀକ୍ଷାକୁ ଆହୁରି ଅଧିକଥର ପୁନଃପ୍ଲେ କରିବାର କ୍ଷମତା ରେଫରିଙ୍କୁ ଦିଆଯାଇଛି। ଅର୍ଥାତ୍ ଏଥର ହ୍ୟାଣ୍ଡବଲ୍ ଓ ପେନାଲ୍ଟି କିକ୍ ବ୍ୟତୀତ ରିପ୍ଲେ ଅଧିକାରୀମାନେ କର୍ଣ୍ଣର କିମ୍ବା ଗୋଲ କିକ୍ ପାଇଁ ଡାକ ସଠିକ୍ ଅଛି କି ନାହିଁ ତାହା ଯାଞ୍ଚ କରିପାରିବେ।

## ବାହୁତୁଲେ ଭାରତର ସ୍ପିନ୍ ବୋଲିଂ କୋଚ୍



ଚଣ୍ଡିଗଡ,୨।୬(ଏଜେନ୍ସି): ଲେଗ୍ ସ୍ପିନର ସାଇରାଜ ବାହୁତୁଲେଙ୍କୁ ଦ୍ୱିତୀୟଥର ଲାଗି ଭାରତୀୟ କ୍ରିକେଟ ଦଳର ସ୍ପିନ୍ ବୋଲିଂ କୋଚ୍ ନିଯୁକ୍ତ କରାଯାଇଛି। ମୁଲାନପୁରରେ ଆଫଗାନିସ୍ତାନ ସହ ଜୁନ୍ ୬ରୁ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ପୂର୍ବରୁ ସେ ଭାରତୀୟ ଦଳ ସହ ଯୋଗଦେବେ। ପୂର୍ବରୁ ରାହୁଲ ଦ୍ରାବିଡ୍ ହେଡ୍ କୋଚ୍ ଥିଲାବେଳେ ବାହୁତୁଲେଙ୍କୁ ସ୍ପିନ୍ ବୋଲିଂ କୋଚ୍ ଦାୟିତ୍ୱ ମିଳିଥିଲା। ପୂର୍ବରୁ ସେ ଏକାଧିକ ରାଜ୍ୟ ଦଳର ହେଡ୍ କୋଚ୍, ଭାରତ-ଏ' ଦଳର କୋଚ୍ ଦାୟିତ୍ୱ ତୁଲାଇବା ପରେ ନିକଟରେ ପଞ୍ଜାବ କିଙ୍ଗସରେ ସ୍ପିନ୍ ବୋଲିଂ କୋଚ୍ ଭାବେ କାମ କରିଥିଲେ। ୫୩ବର୍ଷୀୟ ବାହୁତୁଲେଙ୍କର କ୍ରିକେଟ ଖେଳ ଉପରେ ୨୦ ବର୍ଷର ଅଭିଜ୍ଞତା ରହିଛି।

## ବେଙ୍ଗାଲୁରୁରେ ହାର୍ଦ୍ଦିକ ପାଣ୍ଡ୍ୟା

ଚଣ୍ଡିଗଡ,୨।୬(ଏଜେନ୍ସି): ଆଫଗାନିସ୍ତାନ ସହ ଭାରତ ଜୁନ ୧୩, ୧୭ ଓ ୨୦ରେ ୩ଟି ଦିନିକିଆ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍ ଲାଗି ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଘୋଷିତ ଭାରତୀୟ ଦଳରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଓପନର ରୋହିତ ଶର୍ମାଙ୍କୁ ସ୍ଥାନ ଦିଆଯାଇଛି। ମନୋନୟନକାରୀଙ୍କ ଅନୁଯାୟୀ ଏମାନେ ମ୍ୟାଚ୍ ଫିଟ୍ ନାହାନ୍ତି। ଏଥିଲାଗି ସେମାନଙ୍କୁ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଚିକିତ୍ସା ହେବା ଲାଗି ପରାମର୍ଶ ଦିଆଯାଇଛି। ହାର୍ଦ୍ଦିକ ପାଣ୍ଡ୍ୟା ଆଜି ଏଠାରେ ଯୋଗଦେଇଛନ୍ତି। କିନ୍ତୁ ରୋହିତ ଶର୍ମା କେବେ ଆସିବେ ତାହା ଜଣାପଡ଼ିନାହିଁ। ଏମାନେ ଫିଟ୍ ଘୋଷିତ ହେଲେ ଦିନିକିଆ ମ୍ୟାଚ୍‌ରେ ଖେଳିବେ।

ଦିନିକିଆ ଦଳ: ଶୁବମନ ଗିଲ୍ (ଅଧିନାୟକ), ଶ୍ରେୟସ ଆୟର (ଉପଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଲୋକେଶ ରାହୁଲ (ୱିକେଟକିପର), ଇଶାନ କିଶାନ (ୱିକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ପ୍ରିନ୍ସ ଯାଦବ, ଗୁରନୁର ବ୍ରାର ଓ ହର୍ଷ ଦୁବେ।

## ଆଇପିଏଲ୍-୨୦ର ପ୍ରଥମ ମ୍ୟାଚରୁ ଟିମ୍ ଡେଭିଡ୍ ବାସନ୍ଦ

ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ଆଇପିଏଲ୍ ଚାମ୍ପିଅନ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ବ୍ୟାଟର ଟିମ୍ ଡେଭିଡଙ୍କୁ ବଡ଼ ଝଟକା ଲାଗିଛି। ଆଇପିଏଲ୍‌ର ଆଗାମୀ ସିଜନ ଅର୍ଥାତ୍ ୨୦ତମ ସଂସ୍କରଣରେ ଏହି ଅଷ୍ଟ୍ରେଲୀୟ କ୍ରିକେଟର୍‌ଙ୍କୁ ପ୍ରଥମ ମ୍ୟାଚରୁ ବାସନ୍ଦ କରାଯାଇଛି।




ଗତ ରବିବାର ଅହମ୍ମଦାବାଦରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଡେଭିଡ୍ ଅମ୍ପାୟରଙ୍କ ପ୍ରତି ଖରାପ ଆଚରଣ ପ୍ରଦର୍ଶନ କରିଥିଲେ। ଯେଉଁଥି ପାଇଁ ତାଙ୍କୁ ଏହି ଦଣ୍ଡବିଧାନ କରାଯାଇଛି। ଫାଇନାଲ ମ୍ୟାଚରେ ଗୁଜରାଟ ଇନିଂସର ୧୦ମ ଓଭରରେ ଏକ ଅଘଟଣ ଘଟିଥିଲା। ଯେଉଁଥିରେ ଡେଭିଡ୍ ଆକ୍ରମଣାତ୍ମକ ଭାବରେ ଏକ ବରଫ ବ୍ୟାଗ୍ ଅମ୍ପାୟର ନୀତିନ ମେନନଙ୍କ ଆଡ଼କୁ ଫିଙ୍ଗିଥିଲେ। ଏଥିଲାଗି ଆଇପିଏଲ୍ ପକ୍ଷରୁ ତାଙ୍କୁ ମ୍ୟାଚ୍ ପାଉଣାର ୫୦ ପ୍ରତିଶତ ଜରିମାନା ହୋଇଛି। ଏଥିସହ ଦୁଇଟି ଡିମେରିଟ୍ ପଏଣ୍ଟ ମଧ୍ୟ ମିଳିଛି। ଯେଉଁଠାରେ ସେ "ଅମ୍ପାୟର ନୀତିନ ମେନନଙ୍କ ଆଡ଼କୁ ଆକ୍ରମଣାତ୍ମକ ଭାବରେ ଏକ ବରଫ ବ୍ୟାଗ୍ ଫିଙ୍ଗିଥିଲେ। ଗତ ଆଇପିଏଲ୍‌ରେ ଏହା ଡେଭିଡଙ୍କ ତୃତୀୟ ଲେଭଲ୍-୧ ଅପରାଧ ଥିଲା। ପୂର୍ବରୁ କରିଥିବା ଭୁଲ ଲାଗି ତାଙ୍କୁ ୩ଟି ଡିମେରିଟ୍ ପଏଣ୍ଟ ମିଳିଥିଲା। ଫଳରେ ଆଇପିଏଲ୍‌ରେ ଏଥର ଡେଭିଡ୍‌ଙ୍କ ମୋଟ୍ ଡିମେରିଟ୍ ପଏଣ୍ଟ ୫ରେ ପହଞ୍ଚିଛି। ଯାହା ଫଳରେ ନିୟମ ଅନୁଯାୟୀ ସେ ସ୍ୱତଃ ଗୋଟିଏ ମ୍ୟାଚରୁ ବାସନ୍ଦ ହୋଇଛନ୍ତି। ଏଥର ଆଇପିଏଲ୍ ଶେଷ ହୋଇଯାଇଥିବାରୁ ପରବର୍ତ୍ତୀ ସଂସ୍କରଣରେ ଡେଭିଡ ଖେଳିବାକୁ ଥିବା ପ୍ରଥମ ମ୍ୟାଚରୁ ବାସନ୍ଦ ହୋଇଛନ୍ତି।




## ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ୬ରୁ | ଭାରତୀୟ ଦଳର ଅଭ୍ୟାସ

ଚଣ୍ଡିଗଡ,୨।୬(ଏଜେନ୍ସି)



ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଏକମାତ୍ର ଟେଷ୍ଟ ମୁକାବିଲା ମୁଲାନପୁରର ହାଇସ୍କୋରିଂ ପିଚ୍‌ରେ ଆସନ୍ତା ୬ ତାରିଖରୁ ଆରମ୍ଭ ହେବ। ଏହି ଟେଷ୍ଟ ଲାଗି ଉଭୟ ଭାରତ ଓ ଆଫଗାନିସ୍ତାନ ଦଳର କିଛି ଖେଳାଳି ମୁଲାନପୁରରେ ଅଭ୍ୟାସ ଆରମ୍ଭ କରିଦେଇଛନ୍ତି। ସେମାନଙ୍କ ମଧ୍ୟରେ ଋଷଭ ପନ୍ତ୍ ଅନ୍ୟତମ। ଏଠାରେ ସେ ଅନ୍ୟ ଖେଳାଳିମାନେ ଅଭ୍ୟାସ କରିଥିଲେ। ଆସନ୍ତାକାଲି ସକାଳ ୯ଟା ୩୦ରୁ ୧୨ଟା ୩୦ ଯାଏ ଆଫଗାନିସ୍ତାନ ଓ ଅପରାହ୍ଣ ୧ଟା୩୦ରୁ ୪ଟା ୩୦ ଯାଏ ଭାରତୀୟ ଦଳ ଅଭ୍ୟାସ କରିବ। ଆସନ୍ତାକାଲି ସୁଦ୍ଧା ଏହି ଟେଷ୍ଟ ଲାଗି ମନୋନୀତ ସମସ୍ତ ଭାରତୀୟ ଖେଳାଳି ପହଞ୍ଚିବେ। ଆଫଗାନିସ୍ତାନ ଦଳର ସମସ୍ତ ଖେଳାଳି ପହଞ୍ଚିସାରିଛନ୍ତି।

**ନବି, ପ୍ରିନ୍ସ ନେଟ ବୋଲର**

ଏହି ଟେଷ୍ଟ ଲାଗି ଅଭ୍ୟାସ କରିବା ଲାଗି ୬ଜଣ ଖେଳାଳିଙ୍କୁ ବିସିସିଆଇ ନେଟ୍ ବୋଲର ଭାବେ ନିଯୁକ୍ତ କରିଛି। ସେମାନେ ହେଲେ ଗୁରଜାନପ୍ରୀତ୍ ସିଂହ, ଆକ୍ୱିବ୍ ନବି, ପ୍ରିନ୍ସ ଯାଦବ, ସାଂରାଂଶ ଜୈନ, ଜୀଶାନ ଆନସାରୀ ଓ ଶିବାଙ୍ଗ କୁମାର। ଭାରତୀୟ ବ୍ୟାଟରଙ୍କୁ ଟେଷ୍ଟ ପ୍ରସ୍ତୁତିରେ ଏମାନେ ସହାୟତା କରିବେ।

**ଟେଷ୍ଟ ଦଳ:** ଶୁବମନ ଗିଲ୍ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ୍, ଲୋକେଶ ରାହୁଲ (ଉପଅଧିନାୟକ), ସାଇ ସୁଦର୍ଶନ, ଋଷଭ ପନ୍ତ (ୱିକେଟକିପର), ଦେବଦତ୍ତ ପାଡିକଲ, ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ମାନବ ସୁତାର, ଗୁରନୁର ବ୍ରାର, ହର୍ଷ ଦୁବେ, ଧ୍ରୁବ ଜୁରେଲ।

ଓଡ଼ିଶା ମହିଳା ଲିଗ୍ ଫୁଟବଲ

## ଓଡ଼ିଶା ପୁଲିସ, କିଟ୍/କିସ୍‌ର ବିଜୟ

ଭୁବନେଶ୍ୱର,୨।୬(ସମିସ): ଆଜି ଏଠାରେ ଅନୁଷ୍ଠିତ ଓଡ଼ିଶା ମହିଳା ଲିଗ୍ ଫୁଟବଲ୍‌ରେ ୨ଟି ମ୍ୟାଚ୍ ଆୟୋଜିତ ହୋଇଯାଇଛି। ଏହା ମଧ୍ୟରୁ ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ପୁଲିସ୍ ୪-୦ ଗୋଲରେ ଯୋଡାର ଟାଟା ଷ୍ଟିଲ୍ ଫାଉଣ୍ଡେସନକୁ ଓ ଦ୍ୱିତୀୟ ମ୍ୟାଚ୍‌ରେ କିଟ୍/କିସ୍ ୨-୧ ଗୋଲରେ ୟଙ୍ଗ୍ ଆସୋସିଏସନ କ୍ଲବ୍‌କୁ ପରାସ୍ତ କରିଛି। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ପୁଲିସ୍ ପକ୍ଷରୁ ମାଳତୀ ମୁଣ୍ଡା ୨ଟି, ସସ୍ମିତା ତନ୍ତୀ ଓ ସଙ୍ଗୀତା ଖାଡିଆ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। କ୍ୟାପିଟାଲ ଫୁଟବଲ ଆରେନାରେ ଖେଳାଯାଇଥିବା ଏହି ମୁକାବିଲାର ପ୍ରଥମାର୍ଦ୍ଧ ସୁଦ୍ଧା ପୁଲିସ୍ ଦଳ ୩-୦ ଗୋଲରେ ଆଗୁଆ ରହିଥିଲା। ପରାଜିତ ଦଳ କୌଣସି ଗୋଲ ସ୍କୋର କରିପାରି ନ ଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ କିଟ୍/କିସ୍ ପକ୍ଷରୁ ଅଙ୍କିତା ନାୟକ ଓ ଜ୍ୟୋତ୍ସ୍ନା ମୁଣ୍ଡାରୀ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ପରାଜିତ ୟଙ୍ଗ୍ ଆସୋସିଏସନ ପକ୍ଷରୁ ପୁଷ୍ପା କିଶାନ ଗୋଟିଏ ଗୋଲ ଶୁଝାଇଥିଲେ।



## ଫିଫା ବିଶ୍ୱକପ୍ ଖେଳିବେ ୨ ଭାରତୀୟ ବଂଶୋଦ୍ଭବ

ନୂଆଦିଲ୍ଲୀ,୨।୬(ଏଜେନ୍ସି): ବିଶ୍ୱର ସବୁଠାରୁ ପ୍ରତିଯୋଗିତାମୂଳକ ଖେଳ ଫୁଟବଲର ଫିଫା ବିଶ୍ୱକପ୍‌ରେ ଭାରତ ଅଂଶଗ୍ରହଣ କେବେ କରିବ ତାହା କହିବା ସମ୍ଭବ ନୁହେଁ। କିନ୍ତୁ ଏଥର ଆମେରିକା, ମେକ୍ସିକୋ ଓ କାନାଡାରେ ଜୁନ୍ ୧୧ରୁ ଜୁଲାଇ ୧୯ ଯାଏ ଖେଳାଯିବାକୁ ଥିବା ସିନିଅର ପୁରୁଷ ଫିଫା ବିଶ୍ୱକପ୍‌ରେ ୨ଜଣ ଭାରତୀୟ ବଂଶୋଦ୍ଭବ ଖେଳାଳିଙ୍କୁ ଦେଖିବାକୁ ମିଳିବ। ଜଣେ ହେଉଛନ୍ତି କତାର ଟିମ୍‌ରେ ସ୍ଥାନ ପାଇଥିବା କେରଳ ରାଜ୍ୟ କନ୍ନୁରର ତହସିନ ମହମ୍ମଦ୍ ଜାମ୍‌ସିଦ୍ ଓ ଅନ୍ୟ ଜଣେ ହେଉଛନ୍ତି ଅଷ୍ଟ୍ରେଲିଆ ଦଳରେ ସ୍ଥାନ ପାଇଥିବା ତାମିଲନାଡୁର ନିଶାନ ଭେଲପିଲେ। ଉଭୟ ଖେଳାଳି ନିଜ ଦେଶ ପକ୍ଷରୁ ନ ଖେଳିଲେ ମଧ୍ୟ ଭାରତକୁ ଗର୍ବିତ କରିଛନ୍ତି। ପୂର୍ବରୁ ୨୦୦୬ ବିଶ୍ୱକପ୍‌ରେ ଫ୍ରାନ୍ସ ଦଳ ପକ୍ଷରୁ ବିକାଶ ଧୁରାସୁ ପ୍ରଥମ ଭାରତୀୟ ବଂଶୋଦ୍ଭବ ଖେଳାଳି ଭାବେ ଫିଫା ବିଶ୍ୱକପ୍ ଖେଳି ରନର୍ସଅପ୍ ହୋଇଥିଲେ। ବିକାଶଙ୍କ ପରିବାର ଆନ୍ଧ୍ରପ୍ରଦେଶର ବିଜୟନଗରମ୍‌ରେ ରହୁଥିଲେ। ଏବେ ବିଶ୍ୱକପ୍‌ରେ ୪୮ ଟି ଦେଶ ଅଂଶଗ୍ରହଣ କରୁଥିଲାବେଳେ ୨ଜଣ ଭାରତୀୟ ବଂଶୋଦ୍ଭବ ସେମାନଙ୍କ ପ୍ରତିଭା ବଳରେ କତାର ଓ ଅଷ୍ଟ୍ରେଲିଆ ଦଳରେ ସ୍ଥାନ ପାଇଛନ୍ତି।







■ ନେସନ୍ସ କପ୍ ମହିଳା ହକି

## ଓଡ଼ିଶାରୁ ସୁନେଲିତା ସାମିଲ

ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ଆଗାମୀ ଏଫ୍‌ଆଇଏଚ୍ ନେସନ୍ସ କପ୍ ମହିଳା ହକି ଟୁର୍ଣ୍ଣାମେଣ୍ଟ ଲାଗି ମଙ୍ଗଳବାର ଭାରତୀୟ ଦଳ ଘୋଷଣା କରାଯାଇଛି। ସାଲିମା ଟେଟେ ଘୋଷିତ ୨୦ ଜଣିଆ ଦଳର ନେତୃତ୍ୱ ଭାର ବଜାୟ ରଖିଛନ୍ତି। ସେହିଭଳି ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ଯୁବ ମଧ୍ୟଭାଗ ଖେଳାଳି ସୁନେଲିତା ଟପ୍ପୋଙ୍କୁ ସ୍ଥାନ ମିଳିଛି। ଦଳରେ ଦୁଇଜଣ ଗୋଲ୍‌ରକ୍ଷକ ସବିତା ଓ ବିଚ୍ଛୁଦେବୀଙ୍କୁ ନିଆଯାଇଛି। ଜୁନ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡ ସହରରେ ଏଫ୍‌ଆଇଏଚ୍ ନେସନ୍ସ କପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ପୁଲ୍-ଏ'ରେ ଜାପାନ, ଆମେରିକା ଓ ଉରୁଗୁଏ ସହ ସ୍ଥାନ ପାଇଛି। ସେହିଭଳି ପୁଲ୍-ବି'ରେ ଆୟୋଜକ ନ୍ୟୁଜିଲାଣ୍ଡ ସହ ଚିଲି, କୋରିଆ ଓ ଫ୍ରାନ୍ସ ଦଳ ରହିଛି। ଉଦ୍‌ଘାଟନୀ ଦିବସରେ ଆମେରିକା ସହ ଖେଳି ଭାରତୀୟ ମହିଳା ହକି ଦଳ ଅଭିଯାନ ଆରମ୍ଭ କରିବ। ଏହାପରେ ଜୁନ ୧୬ରେ ଜାପାନ ଓ ୧୮ରେ ଉରୁଗୁଏକୁ ଭେଟିବ ଭାରତ। ନେସନ୍ସ କପ୍ ପୂର୍ବରୁ ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆ ଗସ୍ତ କରିବ। ଯେଉଁଠାରେ ଘରୋଇ ଦଳ ସହ ଏକ ୪ ମ୍ୟାଚ୍‌ବିଶିଷ୍ଟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।



## ଫ୍ରେଞ୍ଚ୍ ଓପନରୁ ଭିଟୋଲିନା ବିଦା; ସେମିରେ ଆନ୍ଦ୍ରିଭା-କୋସ୍ଟ୍ୟୁକ୍

ପ୍ୟାରିସ୍,୨।୬(ଏଜେନ୍ସି)

ବିଶ୍ୱର ଅନ୍ୟତମ ଖାତନାମା ଖେଳାଳି ତଥା ୭ମ ସିଡ୍ ୟୁକ୍ରେନର ଏଲିନା ଭିଟୋଲିନା ଏଠାରେ ଚାଲିଥିବା ଫ୍ରେଞ୍ଚଓପନ ଟେନିସ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ମଙ୍ଗଳବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ସେ ୧୫ତମ ସିଡ୍ ତଥା ନିଜ ଦେଶର ମାର୍ତ୍ତା କୋସ୍ଟ୍ୟୁକଙ୍କଠାରୁ ୩-୬, ୬-୨, ୨-୬ ସେଟ୍‌ରେ ପରାଜିତ ହୋଇଥିଲେ। ଏହା ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ରୁଷିଆର ମାରିଆ ଆନ୍ଦ୍ରିଭା ଫର୍ମରେ ଥିବା ରୋମାନିଆର ସୋରାନା କ୍ରିଷ୍ଟିଆଙ୍କୁ ୬-୦, ୬-୩ରେ ପରାସ୍ତ କରି ପ୍ରଥମ ଖେଳାଳିଭାବେ ସେମିଫାଇନାଲରେ ପ୍ରବେଶ କରିଥିଲେ। ୮ମ ସିଡ୍ ଆନ୍ଦ୍ରିଭାଙ୍କୁ ଏହି ମ୍ୟାଚ୍ ଜିତିବାକୁ ଏକଘଣ୍ଟାରୁ କମ୍ ସମୟ ଲାଗିଥିଲା। ଏହି ବିଜୟ ଫଳରେ ମହିଳା ଏକକ ପ୍ରଥମ ସେମିଫାଇନାଲ୍‌ରେ ୮ମ ସିଡ୍ ଆନ୍ଦ୍ରିଭାଙ୍କ ସହ ୭ମ ସିଡ୍ ୟୁକ୍ରେନର କୋସ୍ଟ୍ୟୁକଙ୍କର ମୁକାବିଲା ହେବ। ଉଭୟ ଦେଶ ମଧ୍ୟରେ ଯୁଦ୍ଧ ଲାଗିଥିଲାବେଳେ ଏହି ମୁକାବିଲା ଉପରେ ସମସ୍ତଙ୍କ ନଜର ରହିବ।

ଅନ୍ୟପକ୍ଷରେ ଆସନ୍ତାକାଲି ଖେଳାଯିବାକୁ ଥିବା ମହିଳା ଏକକର ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲରେ ନଂ-୧ ସିଡ୍ ବେଲାରୁଷର ଆରିନା ସାବାଲେଙ୍କାଙ୍କ ସହ ରୁଷିଆର ଡାଏନା ସାଣ୍ଡରଙ୍କର ଏବଂ ଫ୍ରାନ୍ସୀ ମାଜା ଚାୱଲନିସ୍କାଙ୍କ ସହ ଆନ୍ନା କାଲିନସ୍କାୟାଙ୍କର ମୁକାବିଲା ହେବ।





**ସେମିରେ ଜ୍ୱେରେଭ**

ଦ୍ୱିତୀୟ ସିଡ୍ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭ ୩-୦ ସେଟ୍‌ରେ ୨୭ ନମ୍ବର ସିଡ୍ ସ୍ପେନ୍‌ର ରାଫେଲ ଜୋଡରଙ୍କୁ ହରାଇ ପୁରୁଷ ବିଭାଗ ଏକକ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ସେ ୭-୬, ୭-୧, ୭-୩ ସେଟ୍‌ରେ ଜୋଡରଙ୍କୁ ପରାସ୍ତ କରିଥିଲେ। ଆଜି ରାତିରେ ଖେଳାଯିବାକୁ ଥିବା ଦ୍ୱିତୀୟ କ୍ୱାର୍ଟରରେ ଜ୍ୟାକବ ମେନ୍‌ସିକ୍‌ଙ୍କ ସହ ବ୍ରାଜିଲ୍‌ର ଜୋଆଓ ଫୋନସେକାଙ୍କୁ ଭେଟିବେ। ଏହି ମ୍ୟାଚ୍‌ର ବିଜେତା ସହ ଜ୍ୱେରେଭ ପ୍ରଥମ ସେମିରେ ଖେଳିବେ। ପୁରୁଷ ଯୁଗଳ ବିଭାଗରେ ଭାରତର ଏନ୍ ଶ୍ରୀରାମ ବାଲାଜୀ ଓ ମାର୍ସେଲୋ ଡେମୋଲିନ୍‌ଙ୍କ ଯୋଡି କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS